

ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ■ ବୁଧବାର ୦୮ ନଭେମ୍ବର ୨୦୨୩ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ WEDNESDAY 08 NOVEMBER 2023

Vol.No. 34 ■ No. 293■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ଅସରନ୍ତି ଶୁଭେଚ୍ଛା ସହ...

ସାଗରିକା

ଯୋଗାଯୋଗ କରନ୍ତୁ :

ମୁଖ୍ୟ ସମ୍ପାଦକ ସାଗରିକା

ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


## ଛତିଶଗଡ଼, ମିଜୋରାମରେ ରେକର୍ଡ ମତଦାନ: ୭୦ ପ୍ରତିଶତରୁ ଅଧିକ ଲୋକେ ଦେଲେ ଭୋଟ



ନୂଆଦିଲ୍ଲୀ,୭/୧୧ : ଛତିଶଗଡ଼, ମିଜୋରାମରେ ରେକର୍ଡ ମତଦାନ । ୭୦ପ୍ରତିଶତରୁ ଅଧିକ ଲୋକେ ଦେଲେ ଭୋଟ । ଛତିଶଗଡ଼ ବିଧାନସଭା ନିର୍ବାଚନର ପ୍ରଥମ ପର୍ଯ୍ୟାୟ ମତଦାନ ଶେଷ ହୋଇଥିବା ବେଳେ ମିଜୋରାମରେ ସମସ୍ତ ୪୦ଟି ଆସନ ପାଇଁ ମତଦାନ ପ୍ରକ୍ରିୟା ସରିଛି । ଛତିଶଗଡ଼ରେ ଛତିଶଗଡ଼ରେ ୭୦.୮୭ ପ୍ରତିଶତ ଭୋଟିଂ ହୋଇଥିବା ବେଳେ ମିଜୋରାମରେ ୭୭.୦୪ ପ୍ରତିଶତ ମତଦାନ ହୋଇଥିବା ସୂଚନା ମିଳିଛି । ଛତିଶଗଡ଼ର ମାଓବାଦୀ ପ୍ରଭାବିତ ବସ୍ତର ଡିଭିଜନ୍ ସମେତ ରାଜନନ୍ଦଗାଓଁ, ମୋହଲା-ମାନପୁର-ଅମ୍ବାଗଡ଼ ଚୌକି, କବିରଧାମ ଏବଂ ଖୈରାଗଡ଼-ଛୁଇଖାଦାନ-ଗଣ୍ଡାଇରେ ମତଦାନ କରିଛନ୍ତି ଭୋଟର । ନକ୍ସଲଙ୍କ ଧମକକୁ ବେଖାତିର କରି ବହୁ ସଂଖ୍ୟାରେ ଭୋଟର ଗଣତନ୍ତ୍ରର ମହାପର୍ବରେ ସାମିଲ ହୋଇ ନିଜର ମତ ସାବ୍ୟସ୍ତ କରିଛନ୍ତି । ଛତିଶଗଡ଼ ପ୍ରଥମ ପର୍ଯ୍ୟାୟ ନିର୍ବାଚନରେ ବହୁ ହେଭିୱେଟ ନେତା ମଇଦାନକୁ ଓହ୍ଲାଇ ନିଜ ନିଜ ଭାଗ୍ୟ ପରୀକ୍ଷା କରିଛନ୍ତି । ଛତିଶଗଡ଼ରେ ନଭେମ୍ବର ୧୭ରେ ଦ୍ୱିତୀୟ ପର୍ଯ୍ୟାୟ ମତଦାନ । ବାକି ୭୦ଟି ଆସନ ପାଇଁ ପଡ଼ିବ ଭୋଟ୍ । ଦ୍ୱିତୀୟ ପର୍ଯ୍ୟାୟ ନିର୍ବାଚନରେ ଭୋଟ୍ ପଡ଼ିବାକୁ ଥିବା ଆସନ ଗୁଡ଼ିକରେ ଜୋରଦାର ପ୍ରଚାର କରିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ । ସୁରଜପୁର, ବିଶ୍ରାମପୁର ଜିଲ୍ଲାରେ ନିର୍ବାଚନୀ ରାଲିରେ କଂଗ୍ରେସ ଉପରେ କଡା ହମଲା କରିଛନ୍ତି ପ୍ରଧାନମନ୍ତ୍ରୀ ମୋଦି । କଂଗ୍ରେସ କେବଳ ପ୍ରତିଶ୍ରୁତି ଦିଏ ହେଲେ ପୂରଣ କରେନି, ଛତିଶଗଡ଼ରେ କଂଗ୍ରେସ ସରକାର ଆସିବା ଦିନରୁ ରାଜ୍ୟରେ ନକ୍ସଲ ହିଂସା ବଢିଥିବା ପ୍ରଧାନମନ୍ତ୍ରୀ କହିଛନ୍ତି । ସେପଟେ କଂଗ୍ରେସ ମହାସଚିବ ପ୍ରିୟଙ୍କା ଗାନ୍ଧୀ ମଧ ଛତିଶଗଡ଼ର ବିଭିନ୍ନ ସ୍ଥାନରେ ନିର୍ବାଚନୀ ରାଲିରେ ବିଜେପିକୁ ପାଲଟା ଆକ୍ରମଣ କରିଛନ୍ତି । ବିଜେପି ଶାସନରେ କେବଳ ଧନୀକ ଶ୍ରେଣୀଙ୍କ ବିକାଶ ହେଉଥିବା ବେଳେ ଗରିବା ଅଧିକାର କ୍ଷୁର୍ଣ୍ଣ ହେଉଥିବା ପ୍ରିୟଙ୍କା କହିଛନ୍ତି ।

## ୨୦ରେ ଓଡିଶା ଆସିବେ ରାଷ୍ଟ୍ରପତି

ଭୁବନେଶ୍ୱର, ୭/୧୧ (ନି.ପ୍ର): ପୁଣି ଓଡ଼ିଶା ଗସ୍ତରେ ଆସିବେ ରାଷ୍ଟ୍ରପତି ଶ୍ରୀମତୀ ଦ୍ରୌପଦୀ ମୁର୍ମୁ । ଆସନ୍ତା ନଭେମ୍ବର ୨୦ରେ ରାଷ୍ଟ୍ରପତି ଶ୍ରୀମତୀ ମୁର୍ମୁ ୨ ଦିନିଆ ଓଡ଼ିଶା ଆସୁଥିବା ସୂଚନା ମିଳିଛି । କେନ୍ଦ୍ରମନ୍ତ୍ରୀ ବିଶ୍ୱେଶ୍ୱର ଟୁଡୁଙ୍କ ମନ୍ତବ୍ୟରୁ ଏନେଇ ସଂକେତ ମିଳିଛି । ରାଷ୍ଟ୍ରପତି ୨ ଦିନିଆ ଓଡ଼ିଶା ଗସ୍ତରେ ଆସୁଥିବା କହିଛନ୍ତି ବିଶ୍ୱେଶ୍ୱର ଟୁଡୁ । ତେବେ ଓଡିଶା ଗସ୍ତ ନେଇ ରାଷ୍ଟ୍ରପତି ଭବନରୁ କୌଣସି ସୂଚନା ଦିଆଯାଇନାହିଁ ।

## ଟେବୁଲ ଟେନିସ୍ ଏକାଡେମୀର ଉଦଘାଟନ କଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୭/୧୧ (ନି.ପ୍ର): ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମଙ୍ଗଳବାର ଭୁବନେଶ୍ୱର ଠାରେ ଓଡିଶା ଟେବୁଲ ଟେନିସ୍ ଏକାଡେମୀର ଉଦଘାଟନ କରିଛନ୍ତି । ଏହି ଟେନିସ୍ ଏକାଡେମୀରେ ପ୍ରଶସ୍ତ ଟେବୁଲ ଟେନିସ୍ ସ୍ଥାନ ରହିଛି ଯେଉଁଠାରେ ୧୬ଟି ଟିଟି ଟେବୁଲ ରହିଛି । ଏହାସହ ଉନ୍ନତମାନର ଜିମ୍ନାସିୟମ୍, ୱେଟ୍ ଲିଫ୍ଟିଂ ରୁମ୍ ଓ ଚେସ୍ ଏରିଆ ରହିଛି । ଏହା ବ୍ୟତୀତ ଏଠାରେ ଯୋଗ ଓ ଜୁମ୍ବା ପାଇଁ ସ୍ଥାନ ରହିଛି । ଏହା ରାଜ୍ୟରୁ ନୂତନ ପିଢିର ପ୍ୟାଡଲର ଉତ୍ପାଦନ ପାଇଁ ଏକ ପ୍ଲାଟଫର୍ମ ଯୋଗାଇବ । ଏହି ଅବସରରେ ମୁଖ୍ୟମନ୍ତ୍ରୀ ଘୋଷଣା କରିଛନ୍ତି ଯେ ରାଜ୍ୟର ଇନଡୋର ହଲରେ ୩୩ ଟି ଟେବୁଲ୍ ଟେନିସ୍ କେନ୍ଦ୍ର ପ୍ରତିଷ୍ଠା କରାଯାଉଛି । ଡିସେମ୍ବର ୨୦୨୩ ସୁଦ୍ଧା ଏହି କେନ୍ଦ୍ରଗୁଡିକ କାର୍ଯ୍ୟକ୍ଷମ ହେବ ଏବଂ ପ୍ରତ୍ୟେକରେ ତିନୋଟି ଟେବୁଲ୍ ଟେନିସ୍ ଟେବୁଲ୍ ରହିବ ।୧୬ ଟି ଟେବୁଲ୍ ସହିତ କଟକ ଟିଟି ଏକାଡେମୀ ମଧ୍ୟ ଖୁବ୍ ଶୀଘ୍ର କାର୍ଯ୍ୟକ୍ଷମ ହେବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ ।

## ପଞ୍ଚଭୂତରେ ବିଲୀନ ହେଲେ ପୁରୀ ମାଟିର ଟାଣୁଆ ନେତା ମହେଶ୍ୱର ମହାନ୍ତି



ପୁରୀ, ୭/୧୧ (ନି.ପ୍ର): ପଞ୍ଚଭୂତରେ ବିଲୀନ ହେଲେ ପୁରୀ ମାଟିର ଟାଣୁଆ ନେତା ମହେଶ୍ୱର ମହାନ୍ତି । ପୁରୀ ସ୍ୱର୍ଗଦ୍ୱାରରେ ଗାର୍ଡ ଅଫ୍ ଅନର ପରେ ତାଙ୍କ ଶେଷକୃତ୍ୟ ସଂପନ୍ନ ହୋଇଛି । ବଡ଼ପୁଅ ସୁନୀଲ ମହାନ୍ତି ମୁଖାଗ୍ନି ଦେଇଛନ୍ତି । ସେହି ସମୟରେ ମହେଶ୍ୱରଙ୍କ ସଂପର୍କୀୟ, ବହୁ ରାଜନେତା, ବିଶିଷ୍ଟ ବ୍ୟକ୍ତିଙ୍କ ସହ ତାଙ୍କର ଶହ ଶହ ଶୁଭେଚ୍ଛୁ ଓ ସମର୍ଥକ ଏବଂ ବିଜେଡି କର୍ମୀ ଉପସ୍ଥିତ ଥିଲେ । ଗତ ୧ ତାରିଖରେ ଅସୁସ୍ଥ ହୋଇପଡ଼ିଥିଲେ ମହେଶ୍ୱର ମହାନ୍ତି । ▶▶ପୃଷ୍ଠା ୭

## ପୂର୍ବତନ ବାଚସ୍ପତି ମହେଶ୍ୱର ମହାନ୍ତିଙ୍କ ପରଲୋକରେ ପୂର୍ବତନ ମନ୍ତ୍ରୀ ରଘୁ ମହାନ୍ତିଙ୍କ ଶୋକପ୍ରକାଶ

ବାଲେଶ୍ୱର, ୭/୧୧ (ନି.ପ୍ର): ସେ ଥିଲେ ଜଣେ ଦୃଢ଼ ସଂଗଠକ ଓ ଲୋକପ୍ରିୟ ନେତା । ତାଙ୍କ ସହିତ ମୁଁ ଅନେକ ସମୟ ମିଶିକି କାର୍ଯ୍ୟ କରିଛି । ସବୁବେଳେ ତାଙ୍କର ସହଯୋଗ, ମିଷ୍ଟ ବ୍ୟବହାର ମୋତେ ଆକର୍ଷିତ କରିଥିଲା । ଗରିବଙ୍କ ଦୁଃଖ ଓ ସମସ୍ତଙ୍କର ସେ ସୁଖ ଦୁଃଖର ସାଥୀ ଥିଲେ । ତାଙ୍କର ମୃତ୍ୟୁରେ ମୁଁ ଗଭୀର ଦୁଃଖପ୍ରକାଶ କରୁଛି ଓ ଆତ୍ମାର ସଦଗତି ନିମନ୍ତେ ଭଗବାନଙ୍କ ନିକଟରେ ପ୍ରାର୍ଥନା କରୁଛି । ତାଙ୍କର ପରିବାରକୁ ଭଗବାନ ସହାୟକ ହୁଅନ୍ତୁ ବୋଲି ପୂର୍ବତନ ମନ୍ତ୍ରୀ ରଘୁନାଥ ମହାନ୍ତି ତାଙ୍କ ଶୋକବାର୍ତ୍ତାରେ କହିଛନ୍ତି ।

## ୨୦୨୪ ବର୍ଷ ପାଇଁ ଛୁଟି ତାଲିକା: ରାଜ୍ୟ କର୍ମଚାରୀଙ୍କୁ ମିଳିବ ଅଧିକ ଛୁଟି




ଭୁବନେଶ୍ୱର, ୭/୧୧ (ନି.ପ୍ର): ଓଡ଼ିଶା ସରକାର ଆଜି ୨୦୨୪ କ୍ୟାଲେଣ୍ଡର ବର୍ଷ ପାଇଁ ସରକାରୀ ଛୁଟି ତାଲିକା ଜାରି କରିଛନ୍ତି । ୨୦୨୪ କ୍ୟାଲେଣ୍ଡର ବର୍ଷରେ ୩୦ଟି ଛୁଟି ଦିବସ ରହିଛି । ଚଳିତ ୨୦୨୩ କ୍ୟାଲେଣ୍ଡର ବର୍ଷରେ ୨୭ଟି ସରକାରୀ ଛୁଟିଦିବସ ରହିଛି । ଦ୍ୱିତୀୟ ଶନିବାର ଓ ରବିବାରରେ ୫ଟି ଛୁଟିଦିନ ପଡ଼ିଛି । ସେହିପରି ରବିବାର ଓ ଶନିବାରରେ ୩ଟି ଇଚ୍ଛାଧୀନ ଛୁଟିଦିନ ପଡ଼ିଛି । ଆଜି ରାଜସ୍ୱ ଓ ବିପର୍ଯ୍ୟୟ ପ୍ରଶମନ ବିଭାଗ ପକ୍ଷରୁ ୨୦୨୪ କ୍ୟାଲେଣ୍ଡର ବର୍ଷ ପାଇଁ ଆଜି ଛୁଟି ତାଲିକା ଜାରି ହୋଇଛି । ତାଲିକାରେ ୩୦ଟି ସରକାରୀ ଛୁଟି ଦିବସ ଓ ୬ଟି ଇଚ୍ଛାଧୀନ ଛୁଟି ଦିବସ ରହିଛି । କର୍ମଚାରୀମାନେ ଏହି ୬ଟି ଇଚ୍ଛାଧୀନ ଛୁଟି ମଧ୍ୟରୁ ଗୋଟିଏ ଦିନ ନିଜ ସୁବିଧା ଅନୁସାରେ ଛୁଟି ନେଇପାରିବେ । ଜାନୁୟାରୀ ୧୭ରେ ଗୁରୁଗୋବିନ୍ଦ ସିଂଙ୍କ ଜନ୍ମଦିନ, ଜାନୁୟାରୀ ୨୫ରେ ବ୍ରାହ୍ମସମାଜ ପ୍ରତିଷ୍ଠା ଦିବସ, ମାର୍ଚ୍ଚ ୩୦ରେ ଇଷ୍ଟର ଶନିବାର, ମେ' ୨୨ରେ ରାଜା ରାମମୋହନ ରାୟ ଜନ୍ମଦିନ, ଜୁଲାଇ ୧୫ରେ ବାହୁଡ଼ା ଯାତ୍ରା ଓ ଡିସେମ୍ବର ▶▶ପୃଷ୍ଠା ୭

## ହତ୍ୟା ମାମଲାରେ ୮ ଦୋଷୀଙ୍କୁ ଆଜୀବନ ଜେଲ୍



ବ୍ରହ୍ମପୁର, ୭/୧୧ (ନି.ପ୍ର): ୮ ହତ୍ୟା ଅଭିଯୁକ୍ତ ଦୋଷୀ ସାବ୍ୟସ୍ତ ହୋଇଛନ୍ତି । ଆଜୀବନ ଜେଲ୍ ଦଣ୍ଡାଦେଶ ଶୁଣାଇଲେ ଗଞ୍ଜାମ ଅତିରିକ୍ତ ଜିଲ୍ଲା ଦୌରା ଜଜ୍-୧ । ପୂର୍ବ ଶତ୍ରୁତାରୁ ୨୦୧୭ ମସିହାରେ ଘଟିଥିଲା ହତ୍ୟାକାଣ୍ଡ । ୨୦୧୭ ମସିହା ସେପ୍ଟେମ୍ବର ୧୮ ତାରିଖରେ ସଦର ଥାନା ଆମ୍ବଗଡ ଗାଁର ଏମ୍. ବୁଡୁ ପାତ୍ରଙ୍କୁ ସଂଘବଦ୍ଧ ଆକ୍ରମଣ କରାଯାଇଥିଲା । ଏମ୍.ବୁଡୁ ପାତ୍ରଙ୍କୁ ଖଣ୍ଡା, କାତି ଓ ଠେଙ୍ଗାରେ ଆକ୍ରମଣ ହୋଇଥିଲା । ତାଙ୍କୁ ତାଙ୍କ ଭାଇ ଏମ୍. ଲଡୁ ପାତ୍ର ଗୁରୁତର ଅବସ୍ଥାରେ ଉଦ୍ଧାର କରି ଏମ୍‌କେସିଜି ମେଡ଼ିକାଲ୍‌ରେ ଭର୍ତ୍ତି କରିଥିଲେ । ମେଡ଼ିକାଲ୍‌ରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା । ଏନେଇ ଥାନାରେ ଅଭିଯୋଗ ହେବା ପରେ ପୁଲିସ୍ ମାମଲା ରୁଜୁ କରି ଆର୍. ହରି ପାତ୍ର, ଆର. ଲୋକନାଥ ପାତ୍ର, ଏମ.ଦଣ୍ଡ ପାତ୍ର, କେ.ଭୀମ ପାତ୍ର, କେ. ବଇରୀ ପାତ୍ର, ଏନ. ସୋମେଶ ପାତ୍ର, ବି. ନଇ ପାତ୍ର ଓ ଆର୍ ଭାସ୍କର ପାତ୍ରଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା । ଆଜି ଏହି ମାମଲାରେ ରାୟ ପ୍ରକାଶ ପାଇଛି । ଗଞ୍ଜାମ ଅତିରିକ୍ତ ଜିଲ୍ଲା ଦୌରା ଜଜ୍-୧ ମାମଲାକୁ ବିଚାର କରି ୧୯ ଜଣ ସାକ୍ଷୀଙ୍କ ବୟାନ୍ ଓ ଅନ୍ୟାନ୍ୟ ପ୍ରମାଣ ଆଧାରରେ ୮ ଅଭିଯୁକ୍ତଙ୍କୁ ଆଜୀବନ ଜେଲ୍ ଦଣ୍ଡାଦେଶ ଶୁଣାଇଛନ୍ତି । ଏଥିସହ ଜରିମାନା କରିଛନ୍ତି । ଏନେଇ ସୂଚନା ଦେଇଛନ୍ତି ଏଡିଜି-୧ର ଏପିପି ଜ୍ଞାନ ରଞ୍ଜନ ଜେନା ।

## ଅଣ ବିଜେପି ଶାସିତ ରାଜ୍ୟର ରାଜ୍ୟପାଳଙ୍କ ଉପରେ ସୁପ୍ରିମକୋର୍ଟ କ୍ଷୁବ୍ଧ

ନୂଆଦିଲ୍ଲୀ,୭/୧୧ :ଅଣ ବିଜେପି ଶାସିତ ରାଜ୍ୟରେ ରାଜ୍ୟପାଳ ଏବଂ ସରକାରଙ୍କ ମଧ୍ୟରେ ବିବାଦ ଭିତରେ ବଡ଼ ବୟାନ ଦେଇଛନ୍ତି ସୁପ୍ରିମକୋର୍ଟ । ରାଜ୍ୟପାଳଙ୍କୁ ତାଗିଦ୍ କରି ତୁମେ ନିର୍ବାଚିତ ପ୍ରତିନିଧି ନୁହେଁ ବୋଲି କହିଛନ୍ତି ସର୍ବୋଚ୍ଚ କୋର୍ଟ । ବିଲ ମଞ୍ଜୁରୀରେ ରାଜ୍ୟପାଳ ବିଳମ୍ବ କରୁଥିବା ଅଭିଯୋଗ ଆଣି ସୁପ୍ରିମକୋର୍ଟ ଯାଇଛନ୍ତି କେରଳ, ପଞ୍ଜାବ, ତାମିଲନାଡୁ ସରକାର । ମାମଲା ଶୁଣାଣି କରି ମୁଖ୍ୟ ବିଚାରପତି ଡି.ୱାଇ ଚନ୍ଦ୍ରଚୁଡ କହିଛନ୍ତି, ବିଧାନସଭାରେ ପାରିତ ହୋଇଥିବା ମୁଖ୍ୟ ବିଲଗୁଡିକୁ ରାଜ୍ୟପାଳ ମଞ୍ଜୁରୀ ଦେଉନାହାଁନ୍ତି । ବିଶେଷକରି ଅଣ ବିଜେପି ଶାସିତ ରାଜ୍ୟରେ ଏଭଳି ଦେଖିବାକୁ ମିଳୁଛି । କିନ୍ତୁ ରାଜ୍ୟପାଳମାନେ ଭୁଲିଯିବା ଉଚିତ୍ ନୁହେଁ କି ସେମାନେ ନିର୍ବାଚିତ ପ୍ରତିନିଧି ନୁହଁନ୍ତି । ପଶ୍ଚିମବଙ୍ଗ ଠୁ ଆରମ୍ଭ କରି ପଞ୍ଜାବ ଯାଏ ଅଧିକାଂଶ ଅଣ ବିଜେପି ଶାସିତ ରାଜ୍ୟରେ ରାଜ୍ୟପାଳଙ୍କ ସହ ସରକାରଙ୍କ ପଡୁନାହିଁ । ରାଜ୍ୟପାଳ ଏକ ନିରପେକ୍ଷ ପଦବୀ । କିନ୍ତୁ କେନ୍ଦ୍ର ସରକାର ସେମାନଙ୍କୁ ନିଯୁକ୍ତି ଦେଉଥିବାରୁ ସେମାନେ କେନ୍ଦ୍ର ପ୍ରରୋଚନାରେ କାର୍ଯ୍ୟ କରୁଥିବା ଅଭିଯୋଗ ଆଣିଛନ୍ତି ବିରୋଧୀ । ରାଜ୍ୟ ସରକାରଙ୍କ ଅଭିଯୋଗର ଶୁଣାଣି କରି କାହିଁକି ମାମଲା ସୁପ୍ରିମକୋର୍ଟ ଆସୁଛି ବୋଲି ରାଜ୍ୟପାଳଙ୍କୁ ପ୍ରଶ୍ନ କରିଛନ୍ତି ମୁଖ୍ୟ ବିଚାରପତି । ଯେପର୍ଯ୍ୟନ୍ତ ମାମଲା ସୁପ୍ରିମକୋର୍ଟ ନ ଆସୁଛି ସେପର୍ଯ୍ୟନ୍ତ ରାଜ୍ୟପାଳ ବିଲକୁ ମଞ୍ଜୁରୀ ଦେଉନାହାଁନ୍ତି । ଏହା ବନ୍ଦ ହେବା ଦରକାର ▶▶ପୃଷ୍ଠା ୭

## ସାରା ଦେଶରେ ଫୁଟିବନି ପ୍ରଦୂଷଣ ସୃଷ୍ଟିକାରୀ ବାଣ: ସବୁ ରାଜ୍ୟରେ କଟକଣା ଲଗାଇବାକୁ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ



ନୂଆଦିଲ୍ଲୀ,୭/୧୧ : ଦିଲ୍ଲୀରେ ପ୍ରଦୂଷଣ ନିୟନ୍ତ୍ରଣ ପାଇଁ ଦୀପାବଳୀରେ ବାଣ ଫୁଟିବା ଉପରେ ସୁପ୍ରିମକୋର୍ଟ ଯେଉଁ କଟକଣା ଲଗାଇଛନ୍ତି ତାହା ସାରା ଦେଶରେ ଲାଗୁ ହେବ । ଏ ନେଇ ସୁପ୍ରିମକୋର୍ଟ ସ୍ପଷ୍ଟ କରିଛନ୍ତି । ନିଜ ରାୟରେ ସୁପ୍ରିମକୋର୍ଟ ସ୍ପଷ୍ଟ କରିଛନ୍ତି ଯେ ବେରିୟମ ଓ ଅନ୍ୟ ନିଷିଦ୍ଧ ରସାୟନ ମିଶ୍ରିତ ବାଣ ଉପରେ କଟକଣା ସାରା ଦେଶରେ ଲାଗୁ ହେବ । ରାଜସ୍ଥାନ ସରକାରଙ୍କ ବାଣ କଟକଣା ପାଇଁ ନିର୍ଦ୍ଦେଶ ଦେବାକୁ ଆଗତ ଏକ ପିଟିସନ ଉପରେ ବିଚାର କରି କୋର୍ଟ କହିଛନ୍ତି ଯେ ଏଥିଲାଗି କୌଣସି ନୂଆ ରାୟ ଦେବାର ଆବଶ୍ୟକତା ନାହିଁ, କାରଣ ଦିଲ୍ଲୀ-ଏନସିଆର ପାଇଁ ଦିଆଯାଇଥିବା ରାୟ ସାରା ଦେଶରେ ଲାଗୁ ହେବ । ସାରା ଦେଶରେ ପ୍ରଦୂଷଣ ଏକ ବଡ଼ ସମସ୍ୟା ଭାବେ ଦେଖାଦେଇଛି । ଏଣୁ ସାରା ଦେଶରେ ଏହି କଟକଣା ଲାଗୁ ହେବ । ରାଜ୍ୟମାନେ କେବଳ ଏହି ପାର୍ବଣ ଋତୁରେ ନୁହେଁ, ତାପରେ ବି ବାୟୁ ଓ ଶବ୍ଦ ପ୍ରଦୂଷଣ ରୋକିବାକୁ ▶▶ପୃଷ୍ଠା ୭

## ବିହାରରେ ଲାଗୁ ହେବ ୭୫% ସଂରକ୍ଷଣ ବ୍ୟବସ୍ଥା



ନୂଆଦିଲ୍ଲୀ,୭/୧୧ : ବିହାର ମୁଖ୍ୟମନ୍ତ୍ରୀ ନୀତୀଶ କୁମାର ରାଜ୍ୟର ଅନୁସୂଚିତ ଜାତି, ଅନୁସୂଚିତ ଜନଜାତି, ଅନ୍ୟ ପଛୁଆ ବର୍ଗ ଓ ଅତ୍ୟନ୍ତ ପଛୁଆ ବର୍ଗଙ୍କ ପାଇଁ ୬୫% ସଂରକ୍ଷଣ ବ୍ୟବସ୍ଥା ଲାଗୁ କରିବାକୁ ପ୍ରସ୍ତାବ ଦେଇଛନ୍ତି । ସଂରକ୍ଷଣ ବ୍ୟବସ୍ଥା ୫୦%ରୁ ଅଧିକ ହୋଇପାରିବ ନାହିଁ ବୋଲି ସୁପ୍ରିମକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି । ହେଲେ ଏହାକୁ ଅତିକ୍ରମ କରି ସଂରକ୍ଷଣ ବ୍ୟବସ୍ଥାକୁ ୬୫% କରିବାକୁ ବିହାର ସରକାର ଯୋଜନା କରିଛନ୍ତି । ଜାତିଗତ ଜନଗଣନା ସର୍ଭେ ବେଳେ ସଂଗ୍ରହ ହୋଇଥିବା ରାଜ୍ୟବାସୀଙ୍କ ଆର୍ଥିକ ଓ ଶିକ୍ଷାଗତ ସ୍ଥିତି ସମ୍ପର୍କିତ ତଥ୍ୟକୁ ସାର୍ବଜନୀନ କରିବା ପରେ ନୀତୀଶ କୁମାର ବିଧାନସଭାରେ ସଂରକ୍ଷଣ ବ୍ୟବସ୍ଥାକୁ ବୃଦ୍ଧି କରିବାରକୁ ପ୍ରସ୍ତାବ ଦେଇଛନ୍ତି । ବିହାର ସରକାର ଦେଇଥିବା ପ୍ରସ୍ତାବ ଯଦି କାର୍ଯ୍ୟକାରୀ ହେବ, ତା'ହେଲେ ରାଜ୍ୟରେ ଲାଗୁ ହେଉଥିବା ସଂରକ୍ଷଣ ବ୍ୟବସ୍ଥା ୭୫%କୁ ବୃଦ୍ଧି ପାଇବ । କାରଣ କେନ୍ଦ୍ର ସରକାର ପୂରା ଦେଶରେ ଆର୍ଥିକ ପଛୁଆ ବର୍ଗର ଲୋକଙ୍କ ପାଇଁ ୧୦% ସଂରକ୍ଷଣ ବ୍ୟବସ୍ଥା ଲାଗୁ କରିଛନ୍ତି । ତେଣୁ ବିହାର ସରକାରଙ୍କ ୬୫% ଓ କେନ୍ଦ୍ରର ୧୦% ସଂରକ୍ଷଣ ବ୍ୟବସ୍ଥାକୁ ମିଶାଇଲେ ଏହା ୭୫%ରେ ପହଞ୍ଚି ଯିବ । ନୀତୀଶ କୁମାର କହିଛନ୍ତି, "ଅନୁସୂଚିତ ଜାତି, ଅନୁସୂଚିତ ଜନଜାତି ଓ ପଛୁଆ ବର୍ଗଙ୍କ ପାଇଁ ଥିବା ସଂରକ୍ଷଣ ବ୍ୟବସ୍ଥା ବୃଦ୍ଧି କରିବାର ଆବଶ୍ୟକ ରହିଛି । ଆମେ ବିଚାରବିମର୍ଶ କରି ପରବର୍ତ୍ତୀ ପଦକ୍ଷେପ ନେବୁ । ▶▶ପୃଷ୍ଠା ୭

## କମିବ ରାତି ତାପମାତ୍ରା

ଭୁବନେଶ୍ୱର, ୭/୧୧ (ନି.ପ୍ର): ଆଗାମୀ ୨ ଦିନ ମଧ୍ୟରେ ରାତି ତାପମାତ୍ରା କମିବାର ସମ୍ଭାବନା ରହିଛି । ଫଳରେ ଶୀତ ବଢିପାରେ । ଭୁବନେଶ୍ୱର ସ୍ଥିତ ଆଂଚଳିକ ପାଣିପାଗ କେନ୍ଦ୍ରର ସୂଚନା ଅନୁଯାୟୀ ଦେଶର ମଧ୍ୟ ଭାଗରେ ଏକ ଗୁରୁଚାପ ବଳୟ ସକ୍ରିୟ ହେଉଥିବାରୁ ରାଜ୍ୟ ମଧ୍ୟକୁ ଉତର-ପଶ୍ଚିମ ତଥା ଉତର ଦିଗରୁ ଶୁଷ୍କ -ଥଣ୍ଡା ବାୟୁ ପ୍ରବାହିତ ହେବାର ସମ୍ଭାବନା ରହିଛି । ପ୍ରଭାବରେ ଆଗାମୀ ୨ ଦିନ ମଧରେ ରାତ୍ରି ତାପମାତ୍ରାରେ ୨ ରୁ ୩ ହ୍ରାସ ଘଟିବାରେ ସମ୍ଭାବନା ରହିଛି । ବର୍ତମାନ ରାଜ୍ୟର ଅଧିକାଂଶ ସ୍ଥାନରେ ରାତ୍ରି ତାପମାତ୍ରା ସ୍ୱାଭାବିକ ତୁଳନାରେ ୨ରୁ ୪ ଡ଼ିଗ୍ରୀ ଅଧିକ ରହିଛି ।

## ୩୨ ଦିନରେ ଇସ୍ରାଏଲ-ହମାସ ଯୁଦ୍ଧ: ଗାଜା ପଟ୍ଟିରେ ହମାସର ୪ ହଜାର ହମାସ ଆଡ୍ଡା ଉପରେ ଆକ୍ରମଣ

ନୂଆଦିଲ୍ଲୀ,୭/୧୧ :୩୨ ଦିନରେ ପହଁଚିଛି ଇସ୍ରାଏଲ-ହମାସ ଯୁଦ୍ଧ । ଗାଜା ପଟ୍ଟିରେ ହମାସ ବିରୋଧରେ ଇସ୍ରାଏଲର କାର୍ଯ୍ୟାନୁଷ୍ଠାନ ଜାରି ରହିଛି । ଖୋଜି ଖୋଜି ହମାସ ଆତଙ୍କୀ ଆଡ୍ଡାକୁ ଧ୍ୱଂସ କରୁଛି ଇସ୍ରାଏଲ ସେନା । ଉତର ଗାଜାର ବିଭିନ୍ନ ସ୍ଥାନରେ ଏୟାର ଷ୍ଟ୍ରାଇକ ମାଧମରେ ହମାସର ପ୍ରାୟ ୪୦୦ଠିକଣା ଉପରେ ଆକ୍ରମଣ କରିବା ସହ ନିଜ କବଜାକୁ ନେଇଛି ଇସ୍ରାଏଲ । ହମାସ ଆତଙ୍କୀ ମାନେ ମଧ ଇସ୍ରାଏଲ ସେନା ଉପରେ ଆକ୍ରମଣ ଜାରି ରଖିଛନ୍ତି । ସେପଟେ ମଧପ୍ରାଚ୍ୟରେ ଚାଲିଥିବା ଯୁଦ୍ଧ ନେଇ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସହ ଆଲୋଚନା କରିଛନ୍ତି ଇରାନ ରାଷ୍ଟ୍ରପତି ଇବ୍ରାହିମ ରଇସି । ଦୁଇ ପକ୍ଷ ମଧରେ ଚାଲିଥିବା ଏହି ଘମାଘୋଟ ଯୁଦ୍ଧକୁ ରୋକିବାକୁ ଭାରତ ସରକାର ଉଦ୍ୟମ କରନ୍ତୁ ବୋଲି ▶▶ପୃଷ୍ଠା ୭

# ଘାତକ ହେଉଛି ଆଜ୍‌ମା: ବର୍ଷକରେ ନେଲାଣି ୩୩୪୮ ଜୀବନ



ଭୁବନେଶ୍ୱର, ୦୭/୧୧ (ନି.ପ୍ର): ଦିଲ୍ଲୀରେ ପ୍ରଦୂଷଣ ଉଦ୍‌ବେଗଜନକ ସ୍ଥିତିରେ ରହିଛି। ଏପଟେ ଓଡ଼ିଶାର ୭ଟି ସହରରେ ପ୍ରଦୂଷଣ ସ୍ଥିତି ମଧ ଉଦ୍‌ବେଗଜନକ ରହିଛି। ପ୍ରଦୂଷଣ ପାଇଁ ଯେଉଁ କେତୋଟି ରୋଗ ହୋଇଥାଏ ତହିଁରୁ ଆଜ୍‌ମା ଅନ୍ୟତମ। ରାଜ୍ୟରେ ଗତବର୍ଷ କେବଳ ଆଜ୍‌ମାରେ ୩୩୪୮ ଜୀବନ ଯାଇଛି। ସିଓପିଡି(କ୍ରୋନିକ୍ ଅବଷ୍ଟ୍ରକ୍ଟିଭ୍ ପଲମୋନାରି ଡିଜିଜ୍) ଜନିତ ମୃତ୍ୟୁ ବୃଦ୍ଧି କୁହାଯାଉଥିଲେ ହେଁ ଏ ସଂପର୍କିତ ବିଶେଷ ତଥ୍ୟ ନାହିଁ। ତେଣୁ ପ୍ରଦୂଷଣ ପାଇଁ ଓଡ଼ିଶାରେ ହଜାର ହଜାର ଜୀବନ ଯାଉଥିବା ବିଶେଷଜ୍ଞ ଦାବି କଲେଣି। ଜାତୀୟ ନିର୍ମଳ ବାୟୁ କାର୍ଯ୍ୟକ୍ରମ (ଏନ୍‌ସିଏପି) ଅଧୀନରେ ଭୁବନେଶ୍ୱର, କଟକ, ଅନୁଗୁଳ, ରାଉରକେଲା, ତାଳଚେର, ବାଲେଶ୍ୱର ଓ କଳିଙ୍ଗନଗରରେ ଅନୁଧ୍ୟାନ ଆରମ୍ଭ ହୋଇଛି। ଏକ୍ୟୁଆଇ(ଏୟାର କ୍ୱାଲିଟି ଇଣ୍ଡେକ୍ସ) ଯୋଗୁଁ ଏସବୁ ସହରରେ କେତେ ସଂଖ୍ୟକ ଆକ୍ୟୁଟ୍ ରେସ୍ପିରେଟୋରି ଇଲନେସ୍ (ଏଆରଆଇ) ବା ଶ୍ୱାସ ରୋଗୀ ହସ୍ପିଟାଲକୁ ଆସୁଛନ୍ତି ତାହାର ତଥ୍ୟ ସଂଗ୍ରହ କରାଯାଉଛି। ଭୁବନେଶ୍ୱରରେ କ୍ୟାପିଟାଲ ହସ୍ପିଟାଲ ସମେତ ଏମ୍‌ସ, କିମ୍‌ସ, ହାଇଟେକ୍ ଓ ସମ୍ ହସ୍ପିଟାଲ, କଟକରେ ଏସ୍‌ସିବି ଓ ଅଶ୍ୱିନୀ, ଅନୁଗୁଳ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ, ତାଳଚେରସ୍ଥିତ ନେହରୁ ଶତାବ୍ଦୀ ସେଣ୍ଟ୍ରାଲ ହସ୍ପିଟାଲ, ରାଉରକେଲାରେ ଆରଜିଏଚ୍ ଓ ଆଇଜିଏଚ୍, ବାଲେଶ୍ୱରରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଓ ମେଡିକାଲ କଲେଜ ଓ କଳିଙ୍ଗନଗରସ୍ଥିତ ହସ୍ପିଟାଲରୁ ଏଆରଆଇ ରୋଗୀଙ୍କ ତଥ୍ୟ ସଂଗ୍ରହ ଚାଲିଛି। ଏହା କେନ୍ଦ୍ର ସରକାରଙ୍କ ଯୋଜନା। ହେଲେ ରାଜ୍ୟ ସରକାର ଏହାକୁ କାର୍ଯ୍ୟକାରୀ କରୁଛନ୍ତି। ପୂର୍ବରୁ ହସ୍ପିଟାଲମାନଙ୍କୁ ରୋଗୀଙ୍କ ସଂପର୍କିତ କାଗଜପତ୍ର ପ୍ରଦାନ ପାଇଁ କୁହାଯାଇଥିଲା। ଇତିମଧ୍ୟରେ ୨-୩ବର୍ଷ ହେବ, ଏହି କାର୍ଯ୍ୟକ୍ରମ ଜାରି ରହିଥିଲେ ହେଁ ଏଯାଏ ଏଆରଆଇ ସଂପର୍କିତ ସଂପୂର୍ଣ୍ଣ ତଥ୍ୟ ମିଳିବା ସମ୍ଭବ ହୋଇନାହିଁ। ଏଣୁ ରାଜ୍ୟ ସରକାର ମୋବାଇଲ ଆପ୍ ଜରିଆରେ ରୋଗୀଙ୍କ ରିପୋର୍ଟିଂ କରିବାକୁ ନିଷ୍ପତ୍ତି ନେଇଛନ୍ତି। ହେଲେ ୭ଟି ସହରରେ ଏହାକୁ କାର୍ଯ୍ୟକାରୀ କରାଯାଇଥିବାରୁ ରାଜ୍ୟବ୍ୟାପୀ ଏଆରଆଇର ଚିତ୍ର ମିଳିପାରୁନାହିଁ। ରାଜ୍ୟ ସ୍ୱାସ୍ଥ୍ୟ ବିଭାଗର ଜଣେ ବରିଷ୍ଠ ଅଧିକାରୀଙ୍କ ସୂଚନା ଅନୁସାରେ, ଗତବର୍ଷ ଏହି କାର୍ଯ୍ୟପାଇଁ ହସ୍ପିଟାଲମାନଙ୍କୁ ତାଲିମ୍ ପ୍ରଦାନ କରାଯାଇଥିଲା। ଚଳିତବର୍ଷ ନଭେମ୍ବରରେ ପୁଣିଥରେ ତାଲିମ୍ କାର୍ଯ୍ୟକ୍ରମ କରାଯିବ। ଡିସେମ୍ବରଠାରୁ ରିୟଲ ଟାଇମ୍ ବା ନିର୍ଦ୍ଦିଷ୍ଟ ସମୟରେ ଏଆରଆଇ ଜନିତ ରୋଗୀଙ୍କ ସଂପର୍କରେ ତଥ୍ୟ ଆସିବ। କିଛି ରାଜ୍ୟ ଏଆରଆଇ ତଥ୍ୟ ପ୍ରଦାନ କରିବା ଆରମ୍ଭ କରିଛନ୍ତି। ଓଡ଼ିଶାରେ ଘରୋଇ ହସ୍ପିଟାଲମାନେ ତଥ୍ୟ ପ୍ରଦାନ କରିବାରେ ବିଳମ୍ବ ଯୋଗୁଁ ଓଡ଼ିଶାରେ ଏହା ବିଳମ୍ବିତ ହୋଇଛି। ତେବେ ଏହାକୁ ଯଥାଶୀଘ୍ର କାର୍ଯ୍ୟକାରୀ କରିବା ପାଇଁ ପ୍ରଚେଷ୍ଟା ଜାରି ରହିଛି। ହେଲେ ଏଥିରେ ନିର୍ଦ୍ଦିଷ୍ଟ ଭାବେ କେତେଜଣ ଆଜ୍‌ମା, ସିଓପିଡି ଭଳି ରୋଗରେ ଆକ୍ରାନ୍ତ ହେଉଛନ୍ତି ତାହାର ତଥ୍ୟ ମିଳିବ ନାହିଁ ବୋଲି ଅଧିକାରୀ ଜଣକ ସ୍ପଷ୍ଟ କରିଛନ୍ତି। ପ୍ରଦୂଷଣକୁ ନେଇ ମେଦାନ୍ତ ହସ୍ପିଟାଲର ବରିଷ୍ଠ ଛାତିରୋଗ ବିଶେଷଜ୍ଞ ଡା.ଅରବିନ୍ଦ କୁମାରଙ୍କ କହିବା କଥା, ମୁଣ୍ଡଠାରୁ ଗୋଡ଼ ପର୍ଯ୍ୟନ୍ତ ମନୁଷ୍ୟ ଶରୀରର କୌଣସି ଅଙ୍ଗ ପ୍ରଦୂଷଣର ଖରାପ ପ୍ରଭାବରୁ ବର୍ତ୍ତି ପାରୁନାହିଁ। ପ୍ରଦୂଷଣ ପାଇଁ ମେଦବହୁଳତା ଓ ଆଜ୍‌ମା ହେଉଥିବା ପ୍ରମାଣିତ ହେଲାଣି। ମେଦବହୁଳତାର ଶିକାର କୌଣସି ବ୍ୟକ୍ତି ଯଦି ବାୟୁ ପ୍ରଦୂଷଣ ସଂସ୍ପର୍ଶରେ ଆସିଥାନ୍ତି ସେତେବେଳେ ଆଜ୍‌ମାର ଆଶଙ୍କାକୁ ଯଥେଷ୍ଟ ବଢ଼ାଇ ଦେଉଛି। ଦିଲ୍ଲୀରେ ଲଙ୍ଗ୍ କେୟାର ଫାଉଣ୍ଡେସନ୍ ପକ୍ଷରୁ ୧୧ଶହ ଶିଶୁଙ୍କୁ ନେଇ ହୋଇଥିବା ସର୍ବେକ୍ଷଣରେ ଜଣାପଡ଼ିଛି ଯେ ପ୍ରତି ୩ଜଣରୁ ଜଣେ ଶିଶୁ ଆଜ୍‌ମାର ଶିକାର ହେଉଛନ୍ତି। ଆଉ ଯେଉଁ ଶିଶୁଙ୍କଠାରେ ମୋଟାପା ରହିଛି ଏହି ସଂଖ୍ୟା ଆହୁରି ବୃଦ୍ଧି ପାଉଛି ବୋଲି ଡା.କୁମାର କହିଛନ୍ତି।

# ଦୁଇ ଶିକ୍ଷିତା ଆଦିବାସୀ ମହିଳାଙ୍କ ମୃତ୍ୟୁ ମାମଲା : ଖିଅ ପାଉନି ପୁଲିସ

ରାଉରକେଲା, ୦୭/୧୧ (ନି.ପ୍ର): ରାଉରକେଲା ପୁଲିସ ଜିଲ୍ଲାରେ ଦୁଇ ଜଣ ଆଦିବାସୀ ଶିକ୍ଷିତା ଓ କର୍ମଜୀବି ମହିଳାଙ୍କର ସନ୍ଦେହଜନକ ମୃତ୍ୟୁ ମାମଲାରେ ରାଉରକେଲା ପୁଲିସ କୌଣସି ଖିଅ ପାଉନଥିବା ବେଳେ ଜଣଙ୍କର ମୃତ୍ୟୁକୁ ଦେଢ଼ ମାସ ଉପରେ ସମୟ ବିତିଥିବା ବେଳେ ଅନ୍ୟଜଣଙ୍କ ମୃତ୍ୟୁକୁ ମାସେ ବିତିଲା, ହେଲେ ସେମାନଙ୍କ ପରିବାର ପୁଲିସର ତଦନ୍ତ ପ୍ରକ୍ରିୟାକୁ ଗ୍ରହଣ କରୁନଥିବା ବେଳେ ସେମାନଙ୍କ ପ୍ରଶ୍ନର ଗୋଟିଏ ହେଲେ ଉତ୍ତର ଦେଇପାରୁନି ପୁଲିସ ଓ ସେମାନଙ୍କ ଦାବି ଅନୁଶାରେ ସରକାର ଏହି ମାମଲାକୁ ସିବିଆଇକୁ ହସ୍ତାନ୍ତର କରୁନାହାନ୍ତି। ଏତିକି ବେଳେ ସହକାରୀ ଜିଲ୍ଲାପାଳ ସୁସ୍ମିତା ମିଂଜଙ୍କ ମୃତ୍ୟୁ ମାମଲାରେ ତାଙ୍କ ଭିସେରା ରିପୋର୍ଟ ଆସିଥିବା ନେଇ ପୁଲିସ ସୂଚନା ଦେଇଛି । ସୁସ୍ମିତାଙ୍କ ମୃତ୍ୟୁ ପରେ ତାଙ୍କ ଭାଇ ଓ ମା ଜିଲ୍ଲାପାଳଙ୍କ ସମେତ ରାଉରକେଲା ଅତିରିକ୍ତ ଜିଲ୍ଲାପାଳ ଓ ଅନ୍ୟ ୩ ଜଣଙ୍କୁ ତାଙ୍କ ଭଉଣୀ ଓ ଝିଅର ମୃତ୍ୟୁ ଲାଗି ଦାୟି କରିଥିଲେ, ଏହା ଛଡା ଏହି ମାମଲାରେ ଏଯାଏ ସେମାନଙ୍କ ଏତଲା ଗ୍ରହଣ ନକରି ମାମଲା ରୁଜୁ କରିନଥିବା ସହ ସେମାନଙ୍କ ପରିବାରକୁ ଧମକ ଚମକ ଥାନାରେ ଦିଆଯାଇଥିବା ମଧ ଅଭିଯୋଗ କରିଥିଲେ ତାଙ୍କ ପରିବାର। ତେଣୁ ତାଙ୍କର ଆଉ ପୁଲିସ ଉପରେ ଭରଷା ନାହିଁ ମାମଲାକୁ ସିବିଆଇକୁ ଦେଇଦିଆଯାଉ ବୋଲି ବାରମ୍ବାର ଦାବି ଜଣାଇଛନ୍ତି । ଏହି ମାମଲରେ ସୁସ୍ମିତାଙ୍କ ପରିବାରର ଅଭିଯୋଗ ଅନୁଶାରେ ବିଡିଓ ତଥା ସିଡିପିଓଙ୍କୁ ପୁଲିସ ପଚରା ଉଚରା କରିସାରିଥିବା ବେଳେ ଅନ୍ୟଜଣଙ୍କର ଦେହାନ୍ତ ହୋଇସାରିଛି । କେବଳ ଦୁଇ ପ୍ରଶାସନିକ ଅଧିକାରୀଙ୍କୁ ପଚରା ଉଚରା ବାକି ରହିଛି । ଏହା ଛଡା ପୁଲିସ ଏହି ମାମଲାରେ ଆହୁରି ଅନେକଙ୍କୁ ମଧ ପଚରା ଉଚରା କରିସାରିଛି ଓ ମାମଲାର ସତ୍ୟା ସତ୍ୟ ବାହାରକୁ ଆସିବ ବୋଲି ବାରମ୍ବାର ଏସପି ରାଉରକେଲା ଦୃଢତାର ସହ କହିଛନ୍ତି । ହେଲେ ଆସିଥିବା ପୋଷ୍ଟମର୍ଟମ ରିପୋର୍ଟକୁ ପରିବାର ଲୋକେ ଗ୍ରହଣ କରିବାକୁ ନାରାଜ ହୋଇଥିବାବେଳେ ଏହାରି ଭିତରେ ଆଜି ଭିସେରା ରିପୋର୍ଟ ଆସିଥିବା ନେଇ ଡିଏସପି ବନୀତା ମାଝି ଗଣମାଧ୍ୟମକୁ କହିଛନ୍ତି। ହେଲେ ଏଥିରେ କଣ ଉଲ୍ଲେଖ ରହିଛି ତାହା କହିନାହାନ୍ତି ।

ସେପଟେ ଆଉଜଣେ ହେଲେ ପୁଲିସ ଅଫିସର ଆଲିସା ଲୁଗୁନ ତାଙ୍କର ମୃତ୍ୟୁକୁ ମଧ ଏକ ମାସ ବିତିସାରିଛି। ତାଙ୍କ ମୃତ୍ୟୁ ମାମଲାରେ ତାଙ୍କ ସ୍ୱାମୀ ଉଠାଇଥିବା ନାନା ପ୍ରଶ୍ନର ଉତ୍ତର ପୁଲିସ ଦେଇପାରିନଥିବା ବେଳେ ଆସିଥିବା ପୋଷ୍ଟମର୍ଟମ ରିପୋର୍ଟକୁ ତାଙ୍କ ପରିବାର ଲୋକେ ଗ୍ରହଣ କରିବାକୁ ନାରାଜ। ସେମାନେ ମଧ ଏହି ମାମଲାକୁ ସିବିଆଇକୁ ହସ୍ତାନ୍ତର କରିବାକୁ ଦାବି କରୁଛନ୍ତି । ଉଭୟ ମାମଲାକୁ ବିଭିନ୍ନ ସଙ୍ଗଠନ, ଆଦିବାସୀ ସମାଜ ମଧ ସିବିଆଇକୁ ହସ୍ତାନ୍ତର ଲାଗି ଦାବି ଜଣାଇସାରିଛି । ତେବେ ଏହା ଭିତରେ ପୁଲିସ ନାନା ପ୍ରକାର ତଦନ୍ତ ପରେ ବି କୌଣସି ଖିଅ ପାଉନଥିବା ସହ ଦୃଢତାର ସହ କହୁଛି ସତ ପଦାକୁ ଆସିବ। ପରିବାର ଲୋକେ ଯାହା କହୁଛନ୍ତି ତାଙ୍କ କଥା ମଧ ଶୁଣୁନି, ଫଳରେ ଏଭଳି ତଦନ୍ତକୁ ଲୋକେ କହୁଛନ୍ତି ପୁଲିସି ପାରୁନି କି ଛାଡିବା ଲାଗି ଚାହୁଁନି ।

## ଜିଲ୍ଲାସ୍ତରୀୟ ଜନଜାତି ପାରମ୍ପରିକ ଚିତ୍ରକଳା ପ୍ରତିଯୋଗିତା ଆୟୋଜିତ

ମାଲକାନଗିରି, ୦୭/୧୧ (ନି.ପ୍ର): ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଗବେଷଣା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନ, ଭୁବନେଶ୍ୱର, ଓଡ଼ିଶା ସରକାରଙ୍କ ନିର୍ଦ୍ଦେଶ କ୍ରମେ ମାଲକାନଗିରି ଜିଲ୍ଲା ମଙ୍ଗଳ ବିଭାଗ ଆନୁକୂଲ୍ୟରେ ଜନଜାତି ପାରମ୍ପରିକ ଚିତ୍ରକଳା ପ୍ରତିଯୋଗୀତା ଆଜି ଆୟୋଜନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଜିଲ୍ଲାର ସମସ୍ତ ଆଶ୍ରମ ବିଦ୍ୟାଳୟ ଓ ଉଚ୍ଚ ବିଦ୍ୟାଳୟ, କଳିଙ୍ଗ ଆଦର୍ଶ ଆବାସିକ ବିଦ୍ୟାଳୟ, ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟର ସର୍ବମୋଟ ୮୧ ଜଣ ଅଂଶଗ୍ରହଣ କରିଥିଲେ। ଉଦଘାଟନୀ ଉତ୍ସବରେ ଜିଲ୍ଲା ମଙ୍ଗଳ ଅଧିକାରୀ, ପ୍ରଫୁଲ୍ଲ ଭୁଜବଳ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବେ ଜିଲ୍ଲା ଶିକ୍ଷା ଅଧିକାରୀ ମାନସ କୁମାର ଜେନା ଯୋଗଦେଇ ପିଲା ମାନଙ୍କୁ ଉତ୍ସାହିତ କରିଥିଲେ। ସମ୍ମାନୀତ ଅତିଥି ଭାବେ ଜିଲ୍ଲା ଶିକ୍ଷା ନିରୀକ୍ଷକ (ମଙ୍ଗଳ ବିଭାଗ), ଅତିରିକ୍ତ ଜିଲ୍ଲା ମଙ୍ଗଳ ଅଧିକାରୀ ଓ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ଯୋଗ ଦେଇଥିଲେ। ବରିଷ୍ଠ ବିଭାଗରେ ରବି ଖରା, କଳିଙ୍ଗ ଆଦର୍ଶ ଆବାସିକ ବିଦ୍ୟାଳୟ ଓ କନିଷ୍ଠ ବିଭାଗରେ ୟୁବେନ୍ ବଡ଼ନାୟକ, ଖଇରପୁଟ ଆଶ୍ରମ ବିଦ୍ୟାଳୟର ଛାତ୍ର ପ୍ରଥମ ସ୍ଥାନ ଅଧିକାର କରି ରାଜ୍ୟ ସ୍ତରକୁ ଉନ୍ନୀତ ହୋଇଥିଲେ। କୃତି ଛାତ୍ରଛାତ୍ରୀ ମାନଙ୍କୁ ପୁରସ୍କୃତ କରାଯାଇଥିଲା।

ଏହି ସମସ୍ତ କାର୍ଯ୍ୟକ୍ରମକୁ ବିଭାଗର ବରିଷ୍ଠ ଶିକ୍ଷକ, ବୁଦ୍ରା କବାସୀ, ବସନ୍ତ କୁମାର ମହାପାତ୍ର, ରଘୁନାଥ ନାୟକ, କବିରାଜ ପ୍ରଧାନ, ଉମାଚରଣ ପଟ୍ଟନାୟକ ଓ ଚିତ ରଞ୍ଜନ ପଣ୍ଡା ପରିଚାଳନା କରିଥିଲେ। ବିଚାରକ ମଣ୍ଡଳୀ ଭାବେ ସୁବାଷ ସୋଡି ଓ କେ ଦେଶୀରାଜୁ ଆଚାରୀ ଯୋଗ ଦେଇଥିଲେ।

# ଜନବସତି ମୁହାଁ ବନ୍ୟଜନ୍ତୁ: ଦକ୍ଷିଣ ଓ ପଶ୍ଚିମ ଓଡ଼ିଶାରେ ଆତଙ୍କ, ସରକାରୀ ତନାଘନା ନାହିଁ



ଭୁବନେଶ୍ୱର, ୦୭/୧୧ (ନି.ପ୍ର): ବନ୍ୟଜନ୍ତୁଙ୍କୁ ନେଇ ଅଧା ଓଡ଼ିଶାରେ ଆତଙ୍କ। ଦକ୍ଷିଣରୁ ପଶ୍ଚିମ ଏବଂ ଉତ୍ତର ଓଡ଼ିଶା। ଏସବୁ ଅଞ୍ଚଳରେ ବାଘ, ଭାଲୁ ପରି ହିଂସ୍ର ଜନ୍ତୁ ଏବେ ଜଙ୍ଗଲ ଛାଡ଼ି ଗାଁ ମୁହାଁ ହୋଇଛନ୍ତି। ବାଘ କେତେବେଳେ ମଣିଷ ଶିକାର କଲାଣି ତ ଆଉ କେତେବେଳେ ଗାଈ ଗୋରୁଙ୍କୁ ମାରି ଖାଉଛି। ୭ ଦିନ ମଧ୍ୟରେ ବାଘ ଆକ୍ରମଣରେ ନୂଆପଡ଼ା ଜିଲ୍ଲାରେ ଦୁଇ ଜଣଙ୍କ ଜୀବନ ଯାଇଥିବାରୁ ଲୋକେ ଦିନରେ ମଧ ପଦାକୁ ବାହାରିବାକୁ ଡରୁଛନ୍ତି। ନୂଆପଡ଼ା ବ୍ୟତୀତ କୋରାପୁଟ, ମାଲକାନଗିରି, କେନ୍ଦୁଝର, ମୟୂରଭଞ୍ଜ, ସୁନ୍ଦରଗଡ଼, ଅନୁଗୁଳ ପରି ଜିଲ୍ଲାରେ ବନ୍ୟଜନ୍ତୁଙ୍କ ପାଇଁ ଲୋକଙ୍କ ମଧ୍ୟରେ ଭୟର ବାତାବରଣ ସୃଷ୍ଟି ହୋଇଛି। ଓଡ଼ିଶା ଜଙ୍ଗଲରେ ମହାବଳଙ୍କ ସଂଖ୍ୟା ବହୁତ କମ୍ ରହିଛି। ଶିମିଳିପାଳ ବ୍ୟାଘ୍ର ଅଭୟାରଣ୍ୟ ବ୍ୟତୀତ କାଁ ଭାଁ ଗୋଟିଏ ଦୁଇଟି ଜଙ୍ଗଲରେ ସେମାନଙ୍କ ଉପସ୍ଥିତି ରହିଛି। ତେଣୁ କଲରାପତରିଆ ଏବେ ଗାଁ ଗାଁରେ ଆତଙ୍କ ଖେଳାଉଛନ୍ତି। ହେଲେ ହଠାତ୍ ବନ୍ୟଜନ୍ତୁ ଜଙ୍ଗଲ ଛାଡ଼ି ଜନବସତିମୁହାଁ କାହିଁକି? ଏ ପ୍ରଶ୍ନ ଉପରେ ବିଶେଷଜ୍ଞ ଚର୍ଚ୍ଚା ଆଲୋଚନା ଜୋର ଚାଲିଥିଲେ ହେଁ ଠୋସ୍ କାର୍ଯ୍ୟାନୁଷ୍ଠାନ ପରିଲକ୍ଷିତ ହେଉନାହିଁ। ଇତିମଧ୍ୟରେ ନୂଆପଡ଼ାରେ ଆତଙ୍କ ଖେଳାଇଥିବା କଲରାପତରିଆକୁ ଯନ୍ତାରେ ଫସାଇବାରେ ସକ୍ଷମ ହୋଇଛି ବନ ବିଭାଗ। ସୁନାବେଡ଼ା ଅଭୟାରଣ୍ୟ ସମେତ ସଂଲଗ୍ନ ଜଙ୍ଗଲରେ କଲରାପତରିଆଙ୍କ ସଂଖ୍ୟା ବଢ଼ିବା ସହ ଦିନକୁ ଦିନ ସେମାନଙ୍କ ଆତଙ୍କ ବଢୁଛି। ଫଳରେ ଗତ ବର୍ଷକ ମଧ୍ୟରେ ନୂଆପଡ଼ା ଜିଲ୍ଲାରେ ବାଘ ଆକ୍ରମଣରେ ୩୦ରୁ ଅଧିକ ଗୃହପାଳିତଙ୍କ ପଶୁଙ୍କ ସହ ୩ ଜଣ ଲୋକଙ୍କ ଜୀବନ ଗଲାଣି। ବାଘ ମାତିଥିବାରୁ ଲୋକେ ଡରରେ ଜଙ୍ଗଲକୁ ଯାଇ ପାରୁ ନାହାନ୍ତି। ବୟସ୍କ ବ୍ୟକ୍ତି ଓ ଛୋଟ ପିଲାଙ୍କୁ ବାଘ ସହଜରେ ଶିକାର କରିପାରୁ ଥିବାରୁ ସ୍ଥାନୀୟ ଅଞ୍ଚଳରେ ଭୟ ବଢ଼ିଗଲାଣି। ଅକ୍ଟୋବର ପ୍ରଥମ ସପ୍ତାହରେ କେନ୍ଦୁଝର ଜିଲ୍ଲା ଘଟଗାଁ ରେଞ୍ଜ ଅଟେଇ ସଂରକ୍ଷିତ ଜଙ୍ଗଲରେ ମହାବଳ ବାଘ ଉପସ୍ଥିତି ଥିବା ବେଳେ ବାରବାଙ୍କ ସଂରକ୍ଷିତ ଜଙ୍ଗଲରେ କଲରାପତରିଆ ବାଘ ମାତିଥିଲା। ବାରହାଟିପୁରା ଗ୍ରାମ ନିକଟ ରଜାବନ୍ଧ ମୁଣ୍ଡାବସ୍ତିର ୪ଟି ଛେଳିକୁ ବାଘ ମାରିଥିବା ବେଳେ ୧୦ଟି ଛେଳି ନିଖୋଜ ସମ୍ପର୍କରେ ଅଭିଯୋଗ ହୋଇଥିଲା। ଜୁଲାଇ ମାସରେ ଅନୁଗୁଳ ବନଖଣ୍ଡ ପୋକୁଣ୍ଡା ସେକ୍ସନ କଲରାପତିଆ ବାଘ ଆକ୍ରମଣରେ ଜଣେ ଗୁରୁତର ହୋଇଥିଲେ। ଭାଲୁଙ୍କ ଆତଙ୍କ ମଧ କିଛି କମ୍ ନାହିଁ। ଏପର୍ଯ୍ୟନ୍ତ ଭାଲୁ ଆକ୍ରମଣରେ ୧୦ରୁ ଅଧିକ ଗୁରୁତର ହୋଇଥିବା ବେଳେ ଦୁଇ ଜଣଙ୍କ ଜୀବନ ଯାଇଛି। ଅଗଷ୍ଟରେ ମୟୂରଭଞ୍ଜ ଜିଲ୍ଲା ରାଇରଙ୍ଗପୁର ବନଖଣ୍ଡ ମଣଦା ରେଞ୍ଜରେ କାଠ ସଂଗ୍ରହ କରିବାକୁ ଜଙ୍ଗଲ ଯାଇଥିବା ବେଳେ ଭାଲୁ ଆକ୍ରମଣରେ ଜଣେ ଯୁବକ ଗୁରୁତର ହୋଇଥିଲେ। ଜୁଲାଇରେ ନୂଆପଡ଼ା ଜିଲ୍ଲାରେ ଭାଲୁ ଆକ୍ରମଣର ଶିକାର ହୋଇ ଜଣେ ବ୍ୟକ୍ତିଙ୍କ ଜୀବନ ଚାଲି ଯାଇଥିବା ବେଳେ ତାଙ୍କ ପୁଅ ଗୁରୁତର ଆହତ ହୋଇଥିଲେ। ବାଲେଶ୍ୱର ଜିଲ୍ଲା ନୀଳଗିରି ଥାନା ଅନ୍ତର୍ଗତ କାଂଶ ପଞ୍ଚାୟତର କରଞ୍ଜିଆ ଗ୍ରାମରେ ଭାଲୁ ଆକ୍ରମଣରେ ଦୁଇ ଯୁବକ ଗୁରୁତର ହୋଇଥିଲେ। ମେ'ରେ କେନ୍ଦୁଝର ସଦର ରେଞ୍ଜ ପଳାଶପଙ୍ଗା ସେକ୍ସନ ରାଇକଳା ବିଟ୍ ଅନ୍ତର୍ଗତ ତିଆଡ଼ିପଶି ଗ୍ରାମ ନିକଟରେ ଭାଲୁ ଆକ୍ରମଣରେ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଥିଲା। ଗୋଟିଏ ପଟେ କଲରାପତରିଆଙ୍କ ଆତଙ୍କ ବଢ଼ିଥିବା ବେଳେ ଅନ୍ୟପଟେ ଆନ୍ଧ୍ର ଓ ଛତିଶଗଡ଼ ଜଙ୍ଗଲର ବାଘ ଓଡ଼ିଶା ମୁହାଁ ହେବା ଅଧିକ ଚିନ୍ତାର ବିଷୟ ପାଲଟିଛି। ଗୋଟିଏ ପଟେ ଖାଦ୍ୟ ଅନ୍ୱେଷଣରେ ବାହାର ରାଜ୍ୟର ବାଘ ଓଡ଼ିଶା ଆସୁଥିବାରୁ ବନ ବିଭାଗ ଅଧିକାରୀ ଖୁସିବ୍ୟକ୍ତ କରୁଛନ୍ତି। ଅନ୍ୟପଟେ ଏହାକୁ ନେଇ ସୀମାନ୍ତବର୍ତ୍ତୀ ଜିଲ୍ଲାବାସୀଙ୍କ ନିଦ ହଜିଗଲାଣି। ବନ୍ୟପ୍ରାଣୀ ବିଶେଷଜ୍ଞ ବିଶ୍ୱଜିତ୍ ମହାନ୍ତିଙ୍କ କହିବାନୁଯାୟୀ ଯେଉଁ ବାଘ ଜନବସତି ମୁହାଁ ହେଉଛନ୍ତି ସେମାନେ ମୁଖ୍ୟତଃ କଲରାପତରିଆ ପ୍ରଜାତିର। ଖାଦ୍ୟ ଅଭାବରୁ ସେମାନେ ଜନବସତି ଆଡ଼କୁ ଆସିଥାଇପାରନ୍ତି। ଅଧିକାଂଶ ସମୟରେ ଦେଖିବାକୁ ମିଳୁଛି ଯେ ଫାଶରେ ପଡ଼ି କଲରାପତରିଆ ଆହତ ହୋଇଥିଲେ ସେମାନେ ପରବର୍ତ୍ତୀ ସମୟରେ ଅଧିକ ହିଂସ୍ର ହୋଇଥାନ୍ତି।

## ପୋଖରୀ ରାସ୍ତା ଶୋଚନୀୟ, ଶୀଘ୍ର ନିର୍ମାଣ ଦାବି

ବଲାଙ୍ଗୀର, ୦୭/୧୧ (ନି.ପ୍ର): ଆଗଲପୁର ବ୍ଲକ୍ ଅନ୍ତର୍ଗତ କୁଟାସିଂହା ଗ୍ରାମପଂଚାୟତ ଅନ୍ତର୍ଗତ ଡୁଙ୍ଗୁରିପାଲି ଗ୍ରାମର ପୋଖରୀ ରାସ୍ତା ଅତି ଖରାପ ହୋଇଯାଇଛି। ଏହି ରାସ୍ତାରେ ଗ୍ରାମର ସମସ୍ତ ଲୋକ ଗାଧୋଇବା ପାଇଁ ଯିବାକୁ ନିର୍ଭର କରିଥାଆନ୍ତି। ଏହି ରାସ୍ତା ଏତେ କଦର୍ଯ୍ୟ ହୋଇଛି ଯେ ପୋଖରୀକୁ ଗାଧୋଇ ଯିବାକୁ ମଧ ସମସ୍ତଙ୍କୁ ଠିକ ଲାଗୁନାହିଁ। ଏହି ରାସ୍ତା କାମ ପାଇଁ ଗ୍ରାମସଭାରେ ବାରମ୍ବାର ଅଭିଯୋଗ ହୋଇଛି ତଥାପି ଗ୍ରାମପଂଚାୟତ ଯୋଜନାରେ ଏହାକୁ ସାମିଲ୍ କରାଯାଉ ନାହିଁ। ଏଠାରେ ସୂଚନାଯୋଗ୍ୟ ଯେ, ପଂଚାୟତର ସବୁ କାମ କୁଟାସିଂହା ଗ୍ରାମରେ କରାଯାଉଛି। ପଂଚାୟତ ତଥା ବ୍ଲକ୍ କର୍ତ୍ତୃପକ୍ଷ ଶୀଘ୍ର ରାସ୍ତା ନିର୍ମାଣ କରିବାକୁ ଡୁଙ୍ଗୁରିପାଲି ଗ୍ରାମର ଜନସାଧାରଣଙ୍କ ତରଫରୁ ଦାବି ହେଉଛି।

## ଜିଲ୍ଲାସ୍ତରୀୟ ଅଭିଯୋଗ ଶୁଣାଣି ଅନୁଷ୍ଠିତ

ପୁରୀ, ୦୭/୧୧ (ନି.ପ୍ର): ପୁରୀ ଜିଲ୍ଲା ସ୍ତରୀୟ ଅଭିଯୋଗ ଶୁଣାଣି ବ୍ରହ୍ମଗିରି ବିଡ଼ିଓଙ୍କ ସମ୍ମିଳନୀ କକ୍ଷରେ ଅତିରିକ୍ତ ଜିଲ୍ଲାପାଳ ପ୍ରଦୀପ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଆଜି ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୋଟ ୨୦ଗୋଟି ଅଭିଯୋଗ ମିଳିଥିଲା । ଅଭିଯୋଗ ଗୁଡିକର ଆଇନ ଅନୁସାରେ ଅନୁଧ୍ୟାନ କରି ଯଥାଶୀଘ୍ର ସମାଧାନ ପାଇଁ ବିଭିନ୍ନ ବିଭାଗକୁ ପ୍ରେରଣ କରାଯାଇଥିଲା। ଚିକିତ୍ସା ସହାୟତା, ବିଭିନ୍ନ ଆବାସ ଯୋଜନା ସମ୍ପର୍କରେ ଅଭିଯୋଗ ମାନ ଆସିଥିଲା। ବିଭାଗୀୟ କର୍ତ୍ତୃପକ୍ଷ ଏହାର ଅନୁଧ୍ୟାନ କରି ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଅତିରିକ୍ତ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ଜ୍ୟୋତି ଶଙ୍କର ମହାପାତ୍ର, ବ୍ରହ୍ମଗିରି ବ୍ଲକ ଅଧ୍ୟକ୍ଷ ରତ୍ନବାଳା ବେହେରା, ବିଡ଼ିଓ ରଞ୍ଜନ ବେହେରା, ତହସିଲଦାର ବିଦ୍ୟାଧର ଦଣ୍ଡପାଟ, ଅଭିଯୋଗ ପ୍ରକୋଷ୍ଠ ଅଧିକାରୀ ପ୍ରିୟଦର୍ଶିନୀ ମଲ୍ଲିକ ଓ ଅନ୍ୟାନ୍ୟ ଜିଲ୍ଲା ସ୍ତରୀୟ ଅଧିକାରୀ, ବ୍ଲକ ସ୍ତରୀୟ ଅଧିକାରୀ ମାନେ ଏହି ଶୁଣାଣିରେ ଯୋଗ ଦେଇଥିଲେ।

# 'ଆମ ଓଡ଼ିଶା, ନବୀନ ଓଡ଼ିଶା'କୁ ବର୍ଜନ କରିବ ସରପଞ୍ଚ ସଂଘ



ସୁନ୍ଦରଗଡ଼, ୦୭/୧୧ (ନି.ପ୍ର): ଆସନ୍ତା ୮ ତାରିଖରେ ଜିଲ୍ଲା ବ୍ୟାପି ହେବାକୁ ଥିବା 'ଆମ ଓଡ଼ିଶା, ନବୀନ ଓଡ଼ିଶା'କୁ ବର୍ଜନ କରିବ ସରପଞ୍ଚ ସଂଘ। ଯୋଜନାରେ ସରପଞ୍ଚମାନଙ୍କ କୌଣସି ଭୂମିକା ନଥିବାରୁ ଏଥିରେ ସାମିଲ ନହେବା ଓ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ କଳାପଟି ବାନ୍ଧି ବିକ୍ଷୋଭ କରିବାକୁ ନିଷ୍ପତ୍ତି ହୋଇଥିବା ସୁନ୍ଦରଗଡ଼ ଜିଲ୍ଲା ସରପଞ୍ଚ ସଂଘ ସଭାପତି ଉଗ୍ରସେନ କିସାନ ଓ ସାଧାରଣସମ୍ପାଦକ ତ୍ରିଲୋଚନ କିସାନ ଏକ ପ୍ରେସ ବିବୃତିରେ ପ୍ରକାଶ କରିଛନ୍ତି। ପୂର୍ବରୁ ପଞ୍ଚାୟତ ଅଞ୍ଚଳରେ ଜମି ଅଧିଗ୍ରହଣ ପ୍ରକ୍ରିୟାରେ ଗ୍ରାମସଭାକୁ ସର୍ବୋଚ୍ଚ ମାନ୍ୟତା, ପ୍ରତି ଆର୍ଥିକ ବର୍ଷରେ ପଞ୍ଚାୟତର ବିକାଶ ପାଇଁ ଜିଲ୍ଲା ଖଣିଜ ପ୍ରତିଷ୍ଠାନରୁ ୨୦ ଲକ୍ଷ ଟଙ୍କା ପ୍ରଦାନ, ବାର୍ଦ୍ଧକ୍ୟ, ବିଧବା ଓ ଭିନ୍ନକ୍ଷମ ଭତ୍ତା ଆବେଦନକାରୀଙ୍କୁ ଭତ୍ତା ନପାଇବା ଯାଏଁ ଜିଲ୍ଲା ଖଣିଜ ପ୍ରତିଷ୍ଠାନରୁ ପ୍ରଦାନ, ସରପଞ୍ଚଙ୍କ ମାସିକ ଭତ୍ତା ୨୩୫୦ ଟଙ୍କାରୁ ୧୫ ହଜାରକୁ ବୃଦ୍ଧି, ପେନସନ, କାର୍ଯ୍ୟକାଳ ସମୟରେ ପ୍ରାଣ ହରାଇଥିବା ସରପଞ୍ଚଙ୍କ ପରିବାରକୁ ୨୦ ଲକ୍ଷ ଟଙ୍କାର ସହାୟତା ଆଦି ୧୦ ଦଫା ଦାବିରେ ସୁନ୍ଦରଗଡ଼ ଜିଲ୍ଲା ସରପଞ୍ଚ ସଂଘ ଅଗଷ୍ଟ ୧ରୁ ଅନିର୍ଦ୍ଦିଷ୍ଟ କାଳ ପାଇଁ କଲମ ଛାଡ୍ ଆନ୍ଦୋଳନ କରିଥିଲା। ଏହି ସମୟରେ ସରପଞ୍ଚମାନେ ଡିଜିଟାଲ ଦସ୍ତଖତ (ଡିଏସସି) ଜରିଆରେ ଦେୟ ପ୍ରଦାନ ମଧ ବନ୍ଦ କରିଥିଲେ। ଏହା ପରେ ଅଗଷ୍ଟ ୧୪ରେ ଓଡ଼ିଶା ସରକାରଙ୍କ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ଜିଲ୍ଲାପାଳଙ୍କୁ ଚିଠି ଲେଖି ସରପଞ୍ଚ ସଂଘ ସହ ଆଲୋଚନା କରି ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଥିଲା। କିନ୍ତୁ ଜିଲ୍ଲାପାଳ କୌଣସି ଆଲୋଚନା କରି ନଥିବା ବେଳେ ଜିଲ୍ଲା ପ୍ରଶାସନ ସରପଞ୍ଚମାନଙ୍କ ଡିଜିଟାଲ ଦସ୍ତଖତ କ୍ଷମତାକୁ ହଟାଇବାକୁ ସରକାରଙ୍କୁ ଚିଠି ଲେଖିଥିଲା। ଏହା ପରେ ରାଜ୍ୟ ସରପଞ୍ଚ ମହାସଂଘ ନିର୍ଦ୍ଦେଶକ୍ରମେ ୩୬ ଦିନ ପରେ ଆନ୍ଦୋଳନକୁ ପ୍ରତ୍ୟାହାର କରି ନେଇଥିଲା ସଂଘ।

# ଜିଲ୍ଲାରେ ପରିକ୍ରମା କରିବ ଆନ୍ତଃ ରାଜ୍ୟ ପ୍ରବାସୀ ଶ୍ରମିକ ସଚେତନତା ରଥ

ସୁବର୍ଣ୍ଣପୁର, ୦୭/୧୧ (ନି.ପ୍ର): ଆନ୍ତଃରାଜ୍ୟ ପ୍ରବାସୀ ଶ୍ରମିକ ଓ ଶ୍ରମ ଆଇନରେ ଥିବା ଅଧିକାର ଏବଂ ସୁବିଧା-ସୁଯୋଗ ଉପରେ ଜନ ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ସୁବର୍ଣ୍ଣପୁର ଜିଲ୍ଲା ପ୍ରଶାସନ ପକ୍ଷରୁ ଆଜି ଏକ ପ୍ରଚାର ଅଭିଯାନ ଆରମ୍ଭ ହୋଇଛି । ଉଭୟ ଭାରତ ସରକାର ଏବଂ ଓଡିଶା ସରକାର ତରଫରୁ ପ୍ରବାସୀ ଶ୍ରମିକଙ୍କ କଲ୍ୟାଣ ପାଇଁ ରହିଥିବା ସାମ୍ବିଧାନିକ ଅଧିକାର ସହ ଅନ୍ୟାନ୍ୟ ସୁବିଧା ଓ ସୁଯୋଗ ଉପରେ ଲୋକଙ୍କୁ ସଚେତନ କରାଯିବ । ଜିଲ୍ଲା ଶ୍ରମ ଅଧିକାରୀ ଡିଲେଶ୍ୱର ଖାଖାଙ୍କ ପରିଚାଳନାରେ ଆୟୋଜିତ କାର୍ଯ୍ୟକ୍ରମରେ ସ୍ୱତନ୍ତ୍ର ପ୍ରଚାର ରଥକୁ ଜିଲ୍ଲାପାଳ ବିମଳେନ୍ଦୁ ରାୟ, ଆରକ୍ଷୀ ଅଧୀକ୍ଷକ ଅମରେଶ ପଣ୍ଡା ସବୁଜ ପତାକା ଦେଖାଇ ଶୁଭାରମ୍ଭ କରିଥିବା ବେଳେ ଜିଲ୍ଲା ବନଖଣ୍ଡ ଅଧିକାରୀ ମଦନ ଲାଲ ଶର୍ମା, ପ୍ରକଳ୍ପ ନିର୍ଦ୍ଦେଶକ ଡ୍ରୁଡା ବିଶ୍ୱନାଥ ବାରିକ, ବିଡ଼ିଓ ସୋନପୁର ସୌମ୍ୟ ରଞ୍ଜନ ସ୍ୱାଇଁ, ତହସିଲଦାର ଡଃ. ସୌମ୍ୟାରୂପା ରଥ ତଥା ଜିଲ୍ଲାସ୍ତରୀୟ ଅଧିକାରୀ, ବିଭଗୀୟ ଅଧିକାରୀ, କର୍ମଚାରୀ ସହ, ଜିଲ୍ଲା ଶ୍ରମିକ ସଂଘର କର୍ମକର୍ତ୍ତା ପ୍ରମୁଖ ଉପସ୍ଥିତ ଥିଲେ । ଏହି ପ୍ରଚାର ରଥ ଜିଲ୍ଲାର ୬ଟି ବ୍ଲକର ପ୍ରମୁଖ ସ୍ଥାନକୁ ପରିକ୍ରମା କରିବା ସହ ଲୋକଙ୍କୁ ପ୍ରବାସୀ ଶ୍ରମ ଆଇନ ଉପରେ ସଚେତନ କରିବ ।

# କନ୍ଧମାଳ ଜିଲ୍ଲାରେ ଅଧିକ ଭୋଟଦାନ ପାଇଁ ଭୋଟର ପଞ୍ଜିକରଣ ପର୍ଯ୍ୟବେକ୍ଷକଙ୍କ ବିଭିନ୍ନ ବୁଥ୍ ପରିଦର୍ଶନ

କନ୍ଧମାଳ, ୦୭/୧୧ (ନି.ପ୍ର): ଆଗାମୀ ସାଧାରଣ ନିର୍ବାଚନରେ ଅଧିକ ସଂଖ୍ୟାରେ ଯୋଗ୍ୟ ମତଦାତାମାନଙ୍କୁ ଭୋଟଦାନ ପ୍ରକ୍ରିୟାରେ ସାମିଲ କରିବା ଲକ୍ଷ୍ୟ ନେଇ ମୁଖ୍ୟ ନିର୍ବାଚନ ଅଧିକାରୀ, ଓଡ଼ିଶାଙ୍କ ନିର୍ଦ୍ଦେଶ କ୍ରମେ ଭୋଟର ପଞ୍ଜିକରଣ ପର୍ଯ୍ୟବେକ୍ଷକ ଡଃ. ବିଜୟ କେତନ ଉପାଧ୍ୟାୟ (ଭା.ପ୍ର.ସେ), ସଚିବ, ରାଜସ୍ୱ ବୋର୍ଡ, ଓଡ଼ିଶା, କଟକ କନ୍ଧମାଳ ଜିଲ୍ଲା ଗସ୍ତରେ ଆସି ଆଜି ଫୁଲବାଣୀ ପୌରପାଳିକା, ଫୁଲବାଣୀ ବ୍ଲକ୍ ଓ ଖଜୁରୀପଡ଼ା ବ୍ଲକ୍ ର କେତେଗୁଡ଼ିଏ ବୁଥ୍ ପରିଦର୍ଶନ କରିଛନ୍ତି । ଫୁଲବାଣୀ ପୌରପାଳିକା ଅନ୍ତର୍ଗତ ବାଳିକା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ପକନା ଗାଁ ଅନୁସୂଚିତ ଜାତି ଅନୁସୂଚିତ ଜନଜାତି ଉନ୍ନୟନ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ଗଞ୍ଜୁଗୁଡ଼ା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ବଇଡା ଅନୁସୂଚିତ ଜାତି ଅନୁସୂଚିତ ଜନଜାତି ଉନ୍ନୟନ ଉଚ୍ଚ ବିଦ୍ୟାଳୟ, କେରେଡ଼ି ଉନ୍ନୀତ ଉଚ୍ଚ ବିଦ୍ୟାଳୟ ଏବଂ ଖଜୁରୀପଡ଼ା ବ୍ଲକ ଅନ୍ତର୍ଗତ ସୁଡ୍ରୁକୁମ୍ପା ଉନ୍ନୀତ ଉଚ୍ଚ ବିଦ୍ୟାଳୟ ପରିଦର୍ଶନ କରି ସମ୍ଭାବିତ ଭୋଟରମାନଙ୍କୁ ଭୋଟର ତାଲିକାରେ ଅନ୍ତର୍ଭୁକ୍ତ କରିବା ପାଇଁ ବୁଥ୍ ସ୍ତରୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ସେମାନେ ଘରକୁ ଘର ବୁଲି ଛାଡ଼ିଯାଇଥିବା ସମ୍ଭାବ୍ୟ ବା ଯୋଗ୍ୟ ଭୋଟରମାନଙ୍କୁ ପଞ୍ଜିକରଣ କରିବାକୁ ପରାମର୍ଶ ଦେଇଥିଲେ । ଆଗାମୀ ସାଧାରଣ ନିର୍ବାଚନରେ ଯେପରିକି କୌଣସି ଯୋଗ୍ୟ ଭୋଟର ଭୋଟ ଦେବାରୁ ବଂଚିତ ନ ହୁଅନ୍ତି ସେଥିପ୍ରତି ଦୃଷ୍ଟି ଦେବାକୁ ମଧ ପରାମର୍ଶ ଦେଇଥିଲେ । ଏତଦ୍ ବ୍ୟତିତ ପୌରପାଳିକା ଏବଂ ସମସ୍ତ ବ୍ଲକର ସହକାରୀ ପଞ୍ଜିକରଣ ଅଧିକାରୀମାନଙ୍କୁ ଏହି କାର୍ଯ୍ୟକ୍ରମର ସଠିକ୍ ରୂପାୟନ ନିମନ୍ତେ କାର୍ଯ୍ୟ କରିବାକୁ ନିର୍ଦ୍ଦେଶ ଦେଇଥିଲେ । ଆଜିର ଏହି ପରିଦର୍ଶନ ସମୟରେ ଖଣ୍ଡମାଳ ଉପ ଜିଲ୍ଲାପାଳ ତଥା ଉପଖଣ୍ଡ ନିର୍ବାଚନ ପଞ୍ଜିକରଣ ଅଧିକାରୀ ଜ୍ୟୋତି ଶଙ୍କର ରାୟ, ଫୁଲବାଣୀ ଗୋଷ୍ଠୀ ଉନ୍ନୟନ ଅଧିକାରୀ ପ୍ରତୀକ୍ ସାହୁ, ଖଜୁରୀପଡ଼ା ଗୋଷ୍ଠୀ ଉନ୍ନୟନ ଅଧିକାରୀ ଜର୍ଜ ଡୁଙ୍ଗ୍ ଡୁଙ୍ଗ୍ ପୌରପାଳିକା ନିର୍ବାହୀ ଅଧିକାରୀ ଅଜିତ୍ କୁମାର ପଟ୍ଟନାୟକ, ଖଣ୍ଡମାଳ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ସହକାରୀ ଜିଲ୍ଲାପାଳ ବିବେକାନନ୍ଦ ସାମଲ ଓ ଅନ୍ୟାନ୍ୟ ବିଭାଗୀୟ ପଦାଧିକାରୀମାନେ ଉପସ୍ଥିତ ଥିଲେ ।

# ଝୁଲାପୋଲ



ଝୁଲାପୋଲ। ଆପଣମାନେ କୋଲକାତାର ହୁଗୁଳି ବ୍ରିଜ କଥା ଭାବନ୍ତୁନି।। ଆମେ କହୁଛୁ ଓଡ଼ିଶାରେ ଥିବା ଝୁଲାପୋଲର କଥା। ରାୟଗଡ଼ା ସହର ସନ୍ନିକଟ ଜାଗାରେ ନଦୀ ଉପରେ ରହିଛି ଏପରି ଏକ ଝୁଲାପୋଲ। କଳାହାଣ୍ଡି ଜିଲ୍ଲାର ନିୟମଗିରି ପାହାଡ଼ରୁ ବାହାରିଛି ନାଗାବଳୀ। ଏହା ରାୟଗଡ଼ା ଜିଲ୍ଲାର ଅଧିକାଂଶ ଅଂଚଳ ଓ ଆନ୍ଧ୍ରପ୍ରଦେଶରେ କିଛି ଦୂର ପ୍ରବାହିତ ହୋଇ ବଙ୍ଗୋପସାଗରରେ ମିଶିଛି। ଏହି ନଦୀ ରାୟଗଡ଼ା ପାଇଁ ଯେତିକି ଦୁଃଖଦାୟକ ସେତିକି ସମୃଦ୍ଧିବର୍ଦ୍ଧକ। ରାୟଗଡ଼ା ହେଉଛି ଅବିଭକ୍ତ କୋରାପୁଟ ଜିଲ୍ଲାର ଏକ ପ୍ରମୁଖ ସହର। ଏହା ଉପରେ ନିର୍ଭର କରନ୍ତି ଆଖପାଖ ଗାଁ ଲୋକେ। ନଦୀ ସେପାଖର ଲୋକେ ପ୍ରତିଦିନ ନଦୀ ପାର ହୋଇ ସହରକୁ ଆସୁଥିଲେ। ଖରା ଓ ଶୀତଦିନେ ବିଶେଷ ଅସୁବିଧା ହେଉନଥିଲା। କିନ୍ତୁ ବର୍ଷାଦିନେ ବାହ୍ୟଜଗତରୁ ବିଚ୍ଛିନ୍ନ ହୋଇ ଯାଉଥିଲେ ସେଠାକାର ଲୋକେ। ଏଣୁ ଜରୁରୀ ହୋଇଯାଇଥିଲା ବ୍ରିଜ ନିର୍ମାଣ। କିନ୍ତୁ ଚିରାଚରିତ ଭାବେ ବ୍ରିଜ ନିର୍ମାଣ କରାନଯାଇ ତିଆରି କରାଗଲା ଝୁଲାପୋଲ। ଯାହା ଏବେ ପର୍ଯ୍ୟଟକଙ୍କ ଆକର୍ଷଣର କେନ୍ଦ୍ରବିନ୍ଦୁ। ଯେ କେହି ବି ବାହାରୁ ରାୟଗଡ଼ାକୁ ଆସିଲେ ଏହାକୁ ନଦେଖି ଫେରନ୍ତି ନାହିଁ ପର୍ଯ୍ୟଟକଙ୍କ ପାଇଁ ନଦୀ ସନ୍ନିକଟ ଅଂଚଳ ଏକ ଉତ୍ତମ ପିକନିକ ସ୍ପଟ।

ବର୍ଷାଦିନକୁ ବାଦଦେଇ ଅନ୍ୟସବୁ ସମୟରେ ଏଠାରେ ଘରୋଇ ଓ ବାହାର ପର୍ଯ୍ୟଟକଙ୍କ ଭିଡ଼ ଲାଗିରହିଥାଏ। ସ୍ଥାନୀୟ ବାସିନ୍ଦା ମଧ୍ୟ ସନ୍ଧ୍ୟା ସମୟରେ ମନସ୍ଫୁର୍ତ୍ତି କରିବା ପାଇଁ ଏଠାକୁ ଚାଲିଆସନ୍ତି।

ଝୁଲାପୋଲ ସହ ରାୟଗଡ଼ାର ଅଧିଷ୍ଠାତ୍ରୀ ଦେବୀ ମା' ମଝି ଘରିଆଣୀଙ୍କ ମନ୍ଦିର ମଧ୍ୟ ଏକ ଆକର୍ଷଣ। ଏତଦ୍‌ବ୍ୟତୀତ ଜନଜାତି ଜଗତ ଓ ନିକଟରେ ଲୋକାର୍ପଣ ହୋଇଥିବା ମିନି ପ୍ଲାନୋଟୋରିୟମ ମଧ୍ୟ ପର୍ଯ୍ୟଟକଙ୍କୁ ଆକର୍ଷିତ କରୁଛି। ଅନ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ବିଷୟ ହେଉଛି, ଏଠାରୁ ପ୍ରାୟ ୩୦ କିମି ଦୂର ଚାଟିକୋଣା ହାଟ ପରିଦର୍ଶନରେ ଆସୁଥିବା ବିଦେଶୀ ପର୍ଯ୍ୟଟକମାନେ ରାୟଗଡ଼ାର ବିଭିନ୍ନ ହୋଟେଲରେ ରହନ୍ତି ଓ ରାୟଗଡ଼ାର ସହର, ପର୍ଯ୍ୟଟନସ୍ଥଳୀ ବୁଲି ଦେଖନ୍ତି।

# ଗୋଲାପି ନଦୀ



ଫଟୋଗୁଡ଼ିକୁ ଦେଖି ଭାବୁଛନ୍ତି କି ଏଗୁଡ଼ିକ ବାସ୍ତବ ନୁହେଁ। ହୁଏତ କେହି ଫଟୋସପ୍ ସାହାଯ୍ୟରେ ଏମିତି କରିଛି। ଯଦି ଏପରି ଭାବୁଛନ୍ତି ତେବେ ଭୁଲ୍। ଏହି ନଦୀର ରଙ୍ଗ ପ୍ରକୃତରେ ହାଲୁକା ଗୋଲାପି। ଏମିତି ନଦୀକୁ ଦେଖିବାକୁ ଚାହୁଁଥିଲେ ଆପଣଙ୍କୁ ଯିବାକୁ ହେବ କାନାଡ଼ା। କାନାଡ଼ାର ଆଲବର୍ଟାର କ୍ୟାମେରୁନ ଜଳପ୍ରପାତରୁ ଝରି ଆସିଥାଏ ଏହି ନଦୀ। ସାଧାରଣ ଦିନରେ ସ୍ଫଟିକ ଭଳି ସ୍ୱଚ୍ଛ ପାଣି ଏବଂ ମନୋରମ ଦୃଶ୍ୟ ଦର୍ଶକମାନଙ୍କୁ ଆକର୍ଷିତ କରିଥାଏ। କିନ୍ତୁ ପାଣିର ରଙ୍ଗ ଗୋଲାପି ରଙ୍ଗ ଧାରଣ କରେ ବିଶେଷ କେତୋଟି ଦିନରେ। ଏହି ଅଞ୍ଚଳ ଯେ ଯେତେବେଳେ ଅତ୍ୟଧିକ ବୃଷ୍ଟିପାତ ହୁଏ ସେତେବେଳେ ଏହି ଅଞ୍ଚଳରେ ଆଗ୍ରୋଲାଇଟ୍ ନାମକ ଏକ ପଲିମର ବୃଷ୍ଟି ଜଳ ସହିତ ମିଶି ଗୋଲାପ ରଙ୍ଗ ଧାରଣ କରେ। ଜଳପ୍ରପାତରୁ ସୃଷ୍ଟ ନଦୀରେ ମଧ୍ୟ ଗୋଲାପି ରଙ୍ଗର ଜଳ ପ୍ରବାହିତ ହୋଇଥାଏ। ଉଜ୍ଜ୍ୱଳ ସୂର୍ଯ୍ୟ ରଶ୍ମୀରେ ବେଳେବେଳେ ଏହି ନଦୀର ରଙ୍ଗ ଆହୁରି ଗାଢ଼ ହୋଇ ଲାଲ୍ ଦେଖାଯାଏ। ଗୋଲାପି ନଦୀର ମନୋରମ ଦୃଶ୍ୟ ସବୁବେଳେ ଦେଖିବାକୁ ମିଳିନଥାଏ। ଗ୍ରୀଷ୍ମ ଓ ବସନ୍ତ ଋତୁରେ ହିଁ ନଦୀର ରଙ୍ଗ ଗୋଲାପି ଦେଖାଯାଏ।

# ନଖତଳ ରଙ୍ଗାନ୍ତୁ

**ସବୁବେଳେ କିଛି ନା କିଛି ନୂଆ ନେଲ୍ ପେଣ୍ଟ୍ ଡିଜାଇନ ଆସୁଛି। ତେବେ ଲ୍ୟାଟେଷ୍ଟ୍ ଟ୍ରେଣ୍ଡ ହେଉଛି ନଖ ଉପର ସହ ନଖ ତଳ ମଧ୍ୟ ପେଣ୍ଟ୍ କରିବା। ଯଦି ଆପଣ ନଖ ତଳ ପେଣ୍ଟ୍ କରିବାକୁ ଇଚ୍ଛୁକ ତେବେ ଜାଣନ୍ତୁ କେମିତି ଡିଜାଇନ କରିବେ।**





- ଯଦି ନଖ ତଳର ଡିଜାଇନ ଚାହୁଁଛନ୍ତି ତେବେ ପ୍ରଥମେ ଆପଣ ଧଳା ରଙ୍ଗର ଏକ କୋଟ୍ ନେଲପଲିସ ପେଣ୍ଟ୍ କରନ୍ତୁ। ତା'ପରେ ଆପଣଙ୍କ ପସନ୍ଦର ପ୍ୟାଟର୍ଣ୍ଣ ଆଙ୍କନ୍ତୁ। ତେବେ ଏଥିପାଇଁ ଆପଣ ଟିକେ ବିରକ୍ତ ହୋଇପାରନ୍ତି କିନ୍ତୁ ଆପଣଙ୍କୁ ଧୈର୍ଯ୍ୟ ଧରିବାକୁ ପଡ଼ିବ।

- ନଖ ତଳ ଡେକୋରେଟ କରିବା ପାଇଁ ରଙ୍ଗ ବେରଙ୍ଗର ଷ୍ଟୋନ ବ୍ୟବହାର କରନ୍ତୁ। କିଛି ଷ୍ଟୋନ୍ ନିଅନ୍ତୁ ଏବଂ ଏହାକୁ ନଖ ତଳେ ଲଗାଇ ଦିଅନ୍ତୁ। ମନେ ରଖନ୍ତୁ ଏହାର ଅତ୍ୟଧିକ ବ୍ୟବହାର କରନ୍ତୁନି।

- ତେବେ ଦୁଇଟି ଭିନ୍ନ ଭିନ୍ନ ରଙ୍ଗ ବାଛି ଆପଣ ଡବଲ ଗେମ୍ ଖେଳନ୍ତୁ। ଉପର ନଖ ପାଇଁ ଗୋଟିଏ ରଙ୍ଗ ଏବଂ ତଳ ନଖ ଲାଗି ଆଉ ଏକ ରଙ୍ଗ ବାଛନ୍ତୁ। ତେବେ ଏହି ସମୟର ଆପଣଙ୍କୁ ବିଜେ ଅଧିକ ଯତ୍ନଶୀଳ ହେବାକୁ ପଡ଼ିବ।

- ନେଲ ପେଣ୍ଟ୍ ଆରମ୍ଭ କରିବା ଲାଗି ବେସ୍ କୋଟ୍ ଦିଅନ୍ତୁତ ଏବଂ ଫିନିଶିଙ୍ଗ ଲୁକ୍ ପାଇଁ ଟପ୍ କୋଟ୍ ଦିଅନ୍ତୁ।

# ଦେହରେ ଚକୋଲେଟ୍

**ଫେସପ୍ୟାକ୍, ମଏଶ୍ଚରାଇଜର କ୍ରିମ୍, କ୍ଲିଞ୍ଜର ଏବଂ ବଡ଼ି ବଟର ଆଦି ସୌନ୍ଦର୍ଯ୍ୟ ଚିକିତ୍ସାରେ ଚକୋଲେଟ୍ ବ୍ୟବହାର କରାଯାଉଛି। ଜାଣନ୍ତୁ ଚକୋଲେଟ ଆପଣଙ୍କ ତ୍ୱଚାରେ କିପରି ଚମକ ଭରିଦେଉଛି।**



- ଚକୋଲେଟ ରହିଛି କାଫିନ୍ ଯାହା ରକ୍ତ ସଂଚାଳନ ବୃଦ୍ଧି କରେ ଏବଂ ଏହାଦ୍ୱାରା ତ୍ୱଚାର ଉଜ୍ଜ୍ୱଳତା ବୃଦ୍ଧିପାଏ। ଚକୋଲେଟ ଅଏଲ, ଡାର୍କ କୋକଆ, ଅଲମଣ୍ଡ ଅଏଲ ଏବଂ ଭିଟାମିନ ଏକ୍ସଟ୍ରାଟର ସମ୍ମିଶ୍ରଣରେ ଆପଣଙ୍କ ତ୍ୱଚା ଏକବାର ଚମକିବ। କେକେଆର ଥିବା କେମିକାଲ୍ ତଥା ସରୋଟୋନିକ ଏବଂ ଡୋପାମାଇନ ମାନସିକ ସ୍ଥିତି ଭଲ ରଖେ।

- ଏକ ଫଳପ୍ରଦ ମଏଶ୍ଚରାଇଜର ଯଦି ଚାହୁଁଛନ୍ତି ତେବେ କୋକୋଆ ବଟର ଥିବା ମଏଶ୍ଚରାଇଜର ଟ୍ରାଏ କରନ୍ତୁ।

- କୋକଆ ବିନରେ ଆଣ୍ଟି-ଅକ୍ସିଡାଣ୍ଟ ଏବଂ ଆଣ୍ଟି-ଏଜିଙ୍ଗ ଉପକରଣ ରହିଛି। ଏହାକୁ ଫେସିଆଲରେ ବ୍ୟବହାର କରନ୍ତୁ।

- ବିଳାସପୂର୍ଣ୍ଣ ସ୍ନାନ ପାଇଁ ଅଧା କପ୍ ଲିକ୍ୱିଡ଼୍ ସାବୁନରେ ଦୁଇ ଚାମଚ ମହୁ ଏବଂ ଦୁଇ କପ୍ ମେଲ୍ଟେ ଚକୋଲେଟ ସହ ଆପଣ ଏହାକୁ ଉଷୁମ ପାଣିରେ ମିଶାଇ ଗାଧୋଇ ପାରିବେ।

- ତ୍ୱଚାର ଉଜ୍ଜ୍ୱଳତା ବୃଦ୍ଧି ପାଇଁ ହଟ୍ ଚକୋଲେଟ ମସାଜ୍ କରନ୍ତୁ। କୋକଆରେ ଥିବା ନ୍ୟାଚୁରାଲ ଅଏଲ ସୁନ୍ଦର ମଏଶ୍ଚରାଇଜିଙ୍ଗ ଇଫେକ୍ଟ ପକାଇଥାଏ।

- ଚକୋଲେଟରେ ଅଲିଭ ଅଏଲ ମିଶାଇ ଏହାକୁ ଫେସିଆଲ ମାସ୍କ ଭାବେ ଲଗାଇ ପାରିବେ। ଏହାକୁ କିଛି ସମୟ ରଖିବାରେ ଅଳ୍ପ ଉଷୁମ ପାଣିରେ ମୁହଁ ଧୋଇ ଦିଅନ୍ତୁ।

# କେଶ ଫାଟୁଛି କି ?

**କେଶ ନଷ୍ଟ ହେବାର ପ୍ରଥମ ଲକ୍ଷଣ ହେଉଛି କେଶ ଅଗ ଫାଟିବା ଯାହାକୁ କୁହାଯାଏ ଟ୍ରାଇକୋପ୍ଟିଲୋସିସ୍। ଫାଟିବା ଆରମ୍ଭ କରିବା ମାତ୍ରେ ଆମେ କେଶ କାଟିପକାଉ। କିନ୍ତୁ ଏହାଦ୍ୱାରା କେବଳ କେଶ ଛୋଟହୁଏ ସିନା ସମସ୍ୟାର ସମାଧାନ ହୁଏନି। ଅତ୍ୟଧିକ ଥର୍ମାଲ, ମେକାନିକାଲ ଏବଂ କେମିକାଲ ଷ୍ଟ୍ରେସ୍ ହେତୁ ଏହା ହୋଇଥାଏ। ସୂର୍ଯ୍ୟଙ୍କର ଅତିବାଇଗଣି ରଶ୍ମି ସଂସ୍ପର୍ଶରେ ଆସିବା ଓ କେମିକାଲ ଥିବା ହେୟାର କେୟାର ପ୍ରଡକ୍ଟର ମାତ୍ରାଧିକ ବ୍ୟବହାର ଦ୍ୱାରା ଏମିତି ପରିସ୍ଥିତି ସୃଷ୍ଟିହୁଏ। କେଶ ଫାଟିବା ବନ୍ଦ କରିବା ପାଇଁ କିଛି ଆୟୁର୍ବେଦିକ୍ ଉପାୟ ରହିଛି। ତେବେ ଜାଣନ୍ତୁ ଏହି ସମସ୍ୟାର କେମିତି ଚିକିତ୍ସା କରିବେ।**

- ଆବଶ୍ୟକ ପରିମାଣରେ ନଡ଼ିଆ ତେଲ ନେଇ ଗରମ କରନ୍ତୁ। ଏହାକୁ ଥଣ୍ଡା କରିବା ପରେ କେଶ ମୂଳରେ ଭଲ ଭାବେ ମସାଜ୍ କରନ୍ତୁ। ତେଲ ମସାଜ୍ କରିବାପରେ ଅଧଘଣ୍ଟା ପରେ ସାମ୍ପୋ କରିପାରିବେ କିମ୍ବା ସାମ୍ପୋ କରିବାର ପୂର୍ବଦିନ ମଧ୍ୟ ତେଲ ମାସଜ୍ କରିପାରିବେ।

- ମହୁରେ ଥିବା ଭିଟାମିନ କ୍ଷତ କେଶକୁ ମରାମତି କରିଥାଏ ଏବଂ ଏହାକୁ ପୋଷଣ ଯୋଗାଇଥାଏ। ଏକ କପ୍ ଗରମ ପାଣିରେ ଦୁଇ ଚାମଚ



ମହୁ ମିଶାନ୍ତୁ ଏବଂ ଏହାକୁ ସାମ୍ପୋ କରିସାରିବା ପରେ ସମୁଦାୟ କେଶରେ ଭଲଭାବେ ଲଗାନ୍ତୁ।

- ଘିଅ କେଶ ପାଇଁ ବେଶ୍ ଉପକାରୀ। କେଶାଗ୍ରରେ ଭଲଭାବେ ଲଗାଇ ଘଂଟାଏ ବସନ୍ତୁ ଏବଂ ପରେ ଏହାକୁ ସାମ୍ପୋରେ ଭଲଭାବେ ଧୋଇ ଦିଅନ୍ତୁ।

# ଏକ ସଙ୍ଗେ ନୃତ୍ୟ କଲେ ୧୦୬୯ ରୋବୋଟ୍



ଚୀନର ଏକ କମ୍ପାନୀ ଏକ ସଙ୍ଗେ ୧୦୬୯ଟି ରୋବଟଙ୍କୁ ନୃତ୍ୟ କରାଇ ଗିନିଜ ବୁକ୍ସ ଅଫ ଓ୍ୱାର୍ଲଡ଼ ରେକର୍ଡ଼ସରେ ସ୍ଥାନ ପାଇଛି। ଏହି ରୋବଟ ସେନା ଏକ ସଙ୍ଗରେ ଗୋଟିଏ ଗୀତରେ ନୃତ୍ୟ କରିଥିଲେ। ଏମାନେ ଏକ ସଙ୍ଗେ ମାର୍ଶାଲ ଆର୍ଟ ତାଇ ଚି ମଧ୍ୟ କରିପାରୁଛନ୍ତି। ଏଥିସହିତ ମଣିଷ କରିପାରୁଥିବା ଅନେକ କାମ ଏହି ରୋବଟ ସେନା କରିପାରିବ ବୋଲି କମ୍ପାନୀ ପକ୍ଷରୁ କୁହାଯାଇଛି। କମ୍ପାନୀ ପକ୍ଷରୁ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଏହି ରୋବଟମାନ ଏକ ସଙ୍ଗେ ଡାନ୍ସ କରି ରେକର୍ଡ଼ କରିଥିଲେ। ଯେଉଁମାନେ ମଝିରେ ଖସିପଡ଼ିଥିଲେ ସେମାନଙ୍କୁ ଅଯୋଗ୍ୟ ଘୋଷିତ କରାଯାଇଥିଲା। ଏହା ପୂର୍ବରୁ ଏହି ରେକର୍ଡ଼ ଚୀନର ଅନ୍ୟ ଏକ କମ୍ପାନୀ ନାମରେ ରହିଥିଲା। ଗତ ବର୍ଷ ଚୀନର ଏବର ଓ୍ୱନ କମ୍ପାନୀ ଏକ ସଙ୍ଗରେ ୧୦୦୭ଟି ରୋବଟଙ୍କୁ ନୃତ୍ୟ କରାଇ ରେକର୍ଡ଼ କରିଥିଲା।

# ଗ୍ଲୋବାଲ ଓ୍ୱାମିଂର ମୁକାବିଲା ପାଇଁ

ଶିଳ୍ପାୟନ ପାଇଁ ମଣିଷ ପରିବେଶକୁ ଦିନକୁ ଦିନ ବିଗାଡ଼ିବାରେ ଲାଗିଛି। ଏପରି ସମୟରେ କିଛି ସଚେତନ ଲୋକ ପରିବେଶ ସୁରକ୍ଷା ପାଇଁ ପ୍ରଶଂସନୀୟ ଉଦ୍ୟମ କରିବାରେ ଦେଖିବାକୁ ମିଳିଛି। ଏପରିକି କିଛି ଦେଖିବାକୁ ମିଳିଛି ଇଟାଲୀର ମିଲାନରେ। ଏକ ଆବାସିକ ଟାଓ୍ୱାରରେ ୪୫୦୦ ଗୁଳ୍ମ ଓ ୧୫,୦୦୦ ଗଛ ଲଗାଯାଇଛି। ଏହି ଭର୍ଟିକାଲ ଫରେଷ୍ଟ ଅଙ୍ଗାରକାମ୍ଳ ଓ ଧୂଳି କଣିକା ଶୋଷି ଅମ୍ଳଜାନ ଉତ୍ପନ୍ନ କରିଥାଏ। ମିଲାନର ବୋଏରୀ ଷ୍ଟୁଡ଼ିଓ ଏହି ଟାଓ୍ୱାରର ଡିଜାଇନ କରିଛି। ପୂର୍ବରୁ ଏହା ଅନେକ ଜଙ୍ଗଲ ପ୍ରକଳ୍ପରେ କାମ କରିସାରିଛି। ଗ୍ଲୋବାଲ ଓ୍ୱାର୍ମିଂରୁ ରକ୍ଷା କରିବା ପାଇଁ ଏଗୁଡ଼ିକ ସହାୟକ ହେବ ବୋଲି କୁହାଯାଇଛି।



## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## ବିବାଦର ସମାଧାନ କରିବା ଉଚିତ୍ ...

ଏପ୍ରିଲ ମାସର କଥା- ରାଜ୍ୟପାଳ ଓ କେତେକ ରାଜ୍ୟ ସରକାରଙ୍କ ମଧରେ ବିବାଦ ପହଞ୍ଚି ଥିଲା ଦେଶର ସର୍ବୋଚ୍ଚ ଅଦାଲତ ସୁପ୍ରିମ୍‌କୋର୍ଟରେ ଏବଂ କୋର୍ଟ ସେତେବେଳେ ରାଜ୍ୟପାଳମାନଙ୍କ ଉଦ୍ଦେଶ୍ୟରେ ଭାରତୀୟ ସମ୍ବିଧାନର ଅନୁଚ୍ଛେଦ ୨୦୦ ଅଧୀନରେ ରହିଥିବା ସେମାନଙ୍କ ବାଧ୍ୟତାମୂଳକ କାର୍ଯ୍ୟ ସମ୍ପର୍କରେ କହିଥିଲେ ଯେ ରାଜ୍ୟ ସରକାରଙ୍କ ଦ୍ୱାରା ପାରିତ ବିଲ୍‌ରେ ରାଜ୍ୟପାଳ 'ଯେତେ ଶୀଘ୍ର ପାରେ ସେତେ ଶୀଘ୍ର' ସ୍ୱାକ୍ଷର ସହିତ ଅନୁମୋଦନ କରିବା ଆବଶ୍ୟକ । ଏବେ ପୁଣିଥରେ ସେହି କଥାର ପୁନରାବୃତ୍ତି ଘଟିଛି । ରାଜ୍ୟପାଳମାନଙ୍କ ଭୂମିକା ଏବଂ ଦାୟିତ୍ୱ ସମ୍ପର୍କରେ ସୁପ୍ରିମ୍‌କୋର୍ଟଙ୍କ ହସ୍ତକ୍ଷେପ ଓ ନିଷ୍ପତ୍ତି ଲୋଡ଼ିଛନ୍ତି ତିନିଗୋଟି ରାଜ୍ୟର ରାଜ୍ୟ ସରକାର- ତାମିଲନାଡୁ, କେରଳ ଏବଂ ପଞ୍ଜାବ, ଯାହା ଏହି ସାମ୍ବିଧାନିକ ଗଣତନ୍ତ୍ରର ଇତିହାସରେ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ : କେନ୍ଦ୍ର ସରକାରଙ୍କ ଦ୍ୱାରା ନିଯୁକ୍ତ ରାଜ୍ୟପାଳମାନେ ସମ୍ପୃକ୍ତ ରାଜ୍ୟ ସରକାରମାନଙ୍କ ସହିତ ପରାମର୍ଶ ନକରି ନିର୍ବାଚିତ ବ୍ୟବସ୍ଥାପିକା ଏବଂ ବିଧି ସମ୍ମତ ଉପାୟରେ ଗଠିତ ସରକାରମାନଙ୍କ ନିଷ୍ପତ୍ତି ଉପରେ ସେମାନଙ୍କ ନିଜର ମତକୁ ଲଦି ଦେବା ସହିତ ସେହି ବିଧାନସଭାଗୁଡ଼ିକ ଦ୍ୱାରା ପାରିତ ବିଲ୍‌କୁ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଅଟକାଇ ପାରିବେ କି ନାହିଁ ! ସମ୍ବିଧାନ ଅନୁଯାୟୀ, ରାଜ୍ୟର କାର୍ଯ୍ୟନିର୍ବାହୀ କ୍ଷମତା ରାଜ୍ୟପାଳଙ୍କ ଉପରେ ନ୍ୟସ୍ତ କରାଯାଇଛି, କିନ୍ତୁ ସେ ସେହି କ୍ଷମତାର ଉପଯୋଗ କରିବା ବେଳେ ସେ ରାଜ୍ୟର ମନ୍ତ୍ରିମଣ୍ଡଳର ସହାୟତା ଏବଂ ପରାମର୍ଶ ଅନୁସାରେ କରିବେ । ଦେଶର ସମ୍ବିଧାନ ଏବଂ କୋର୍ଟଗୁଡ଼ିକ ଏକଥା ଅତ୍ୟନ୍ତ ସ୍ପଷ୍ଟ ଭାବରେ ବ୍ୟକ୍ତ କରି ସାରିଥିବା ବେଳେ ଯେ- ରାଜ୍ୟପାଳଙ୍କ କ୍ଷମତା ମନ୍ତ୍ର ପରିଷଦ ଦ୍ୱାରା ନିର୍ଦ୍ଧାରିତ ନିଷ୍ପତ୍ତି ପର୍ଯ୍ୟନ୍ତ ସୀମିତ, ଯେଉଁମାନେ କି ନିର୍ବାଚିତ ବ୍ୟବସ୍ଥାପିକାର ଭରସାକୁ ଉପଭୋଗ କରୁଥାନ୍ତି, କେତେକ ରାଜ୍ୟପାଳ ବିଶ୍ୱାସ କରନ୍ତି ଯେ ସେମାନଙ୍କର କ୍ଷମତା ଭାରତର ସମ୍ବିଧାନରୁ ନୁହେଁ, ବରଂ ବ୍ରିଟିଶ ରାଜ ସମୟର ଭାରତ ସରକାରଙ୍କ ଆଇନ,୧୯୩୫ରୁ ସୃଷ୍ଟି ହୋଇଛି। ଉଭୟ ଆଇନରେ ରାଜ୍ୟପାଳଙ୍କ କ୍ଷମତାଗୁଡ଼ିକ ବାବଦରେ ସମାନ ଧରଣର ଶବ୍ଦମାନ ପ୍ରୟୋଗ ହୋଇଛି, କିନ୍ତୁ ଉଭୟର ତତ୍ତ୍ୱରେ ରହିଛି ପାର୍ଥକ୍ୟ, ଠିକ୍ ଯେମିତି ଏକ ଅଧିରାଜ୍ୟ ଏବଂ ଗଣରାଜ୍ୟ ତତ୍ତ୍ୱ ଦୃଷ୍ଟିରୁ ଭିନ୍ନ ହୋଇଥାନ୍ତି । ଭାରତୀୟ ସମ୍ବିଧାନର ଅନୁଚ୍ଛେଦ ୨୦୦ରେ ଏକ ଧୂସର କ୍ଷେତ୍ର ରହିଛି, ଯାହା ବଳରେ ରାଜ୍ୟପାଳମାନେ ଏକ ନିର୍ବାଚିତ ବ୍ୟବସ୍ଥାପିକା ଦ୍ୱାରା ପାରିତ ବିଲ୍‌କୁ ଆଇନରେ ପରିଣତ କରିବା ନିମନ୍ତେ ଆବଶ୍ୟକ ସେମାନଙ୍କର ସ୍ୱାକ୍ଷର ପ୍ରଦାନ କରିବାର କ୍ଷମତାର ବଳକୁ ବିଲ୍‌କୁ ଅଟକାଇବା କ୍ଷେତ୍ରରେ ପ୍ରୟୋଗ କରୁଛନ୍ତି। ଏହି ଅନୁଚ୍ଛେଦ ଏକ ବିଲ୍ ବାବଦରେ ରାଜ୍ୟପାଳଙ୍କ ନିକଟରେ ରହିଥିବା ବିକଳ୍ପଗୁଡ଼ିକୁ ଅତି ସ୍ପଷ୍ଟ ଭାବରେ ପରିଭାଷିତ କରିଛି- ବିଲ୍‌ରେ ସ୍ୱାକ୍ଷର କରିବା, ନିଜର ସମ୍ମତି ପ୍ରଦାନସୂଚକ ସ୍ୱାକ୍ଷରକୁ ଅଟକାଇ ଦେବା, ରାଷ୍ଟ୍ରପତିଙ୍କ ବିଚାର ନିମନ୍ତେ ବିଲ୍‌କୁ ସଂରକ୍ଷିତ ରଖିବା, କିମ୍ବା ରାଜ୍ୟ ବ୍ୟବସ୍ଥାପିକା ଦ୍ୱାରା ବିଲ୍ ଉପରେ ପୁନର୍ବିଚାର କରିବା ନିମନ୍ତେ ବିଲ୍‌କୁ ତାଙ୍କ ନିକଟକୁ ଫେରାଇ ଦେବା । ସମ୍ପ୍ରତି କୋର୍ଟରେ ଦାଖଲ ହୋଇଥିବା ପିଟିସନ୍ ଭଳି ତେଲେଙ୍ଗାନା ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରଦତ୍ତ ଏକ ପିଟିସନ୍ ସମ୍ପର୍କରେ ନିଷ୍ପତ୍ତି ନେବା ବେଳେ ସୁପ୍ରିମ୍‌କୋର୍ଟ ପରାମର୍ଶ ପ୍ରଦାନ କରିଥିଲେ ଯେ 'ଏକ ବିଲ୍ ତାଙ୍କ ନିକଟରେ ଉପସ୍ଥାପିତ ହେବା ପରେ ରାଜ୍ୟପାଳ ସେଥିରେ ଯେତେ ଶ୍ରୀଘ୍ର ପାରେ ସେତେ ଶୀଘ୍ର ନିଜର ସମ୍ମତିସୂଚକ ସ୍ୱାକ୍ଷର ପ୍ରଦାନ କରିବାକୁ' ସମ୍ବିଧାନ ବାଧ୍ୟତାମୂଳକ କରିଛି ଏବଂ ରାଜ୍ୟପାଳଙ୍କର ଏହାକୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ଅଟକାଇ ରଖିବାର କୌଣସି ଅଧିକାର ନାହିଁ । ସେଥି ମଧ୍ୟରୁ କେତେକ ବିଲ୍ ଦୁଇ ବା ତତୋଧିକ ବର୍ଷ ହେବ ସ୍ୱାକ୍ଷର ଅପେକ୍ଷାରେ ସମ୍ପୃକ୍ତ ରାଜ୍ୟମାନଙ୍କର ରାଜ୍ୟପାଳମାନଙ୍କ ନିକଟରେ ପଡ଼ି ରହିଛି । ଏକ ବ୍ୟବସ୍ଥାପିକା ଦ୍ୱାରା ପାରିତ ବିଲ୍‌ର ବାଞ୍ଛନୀୟତାର ଆକଳନ କରିବା ପାଇଁ ସାମ୍ବିଧାନିକ ଅଧିକାର ଏବଂ ପ୍ରଶାସନିକ ସାଧନ ରାଜ୍ୟପାଳମାନଙ୍କର ରହିଛି କି ନାହିଁ, ତାହା ଏଠାରେ ପ୍ରଶ୍ନ ନୁହେଁ । ଏକଥାକୁ ସାମ୍ବିଧାନିକ ବିଜ୍ଞତା ଭାବରେ ଗ୍ରହଣ କରାଯାଇଛି ଯେ କେବଳ ନ୍ୟାୟପାଳିକା ହିଁ ଏକ ବିଲ୍‌ର ସାମ୍ବିଧାନିକତାର ଆକଳନ କରି ପାରିବ; ଏହାର ବାଞ୍ଛନୀୟତା ଲୋକମାନଙ୍କ ଦ୍ୱାରା ସ୍ଥିର ହେବ । ରାଜ୍ୟପାଳ, ଯାହାଙ୍କର ରାଜ୍ୟର ରାଜନୀତି ସହିତ କୌଣସି ସମ୍ପର୍କ ନାହିଁ, ତାଙ୍କର ଏସବୁ ନିଷ୍ପତ୍ତିରେ କୌଣସି ଭୂମିକା ରହି ପାରିବ ନାହିଁ, ଅନ୍ୟଥା ଏହା ନିର୍ବାଚିତ ଗଣତନ୍ତ୍ରର ଧାରାକୁ ବିବ୍ରତ କରିବ । ଏକଥା ନୁହେଁ ଯେ ଉପରୋକ୍ତ ରାଜ୍ୟପାଳମାନେ କୌଣସି ବିଲ୍ ବା ଆଦେଶନାମାରେ ଆଦୌ ସ୍ୱାକ୍ଷର କରୁ ନାହାନ୍ତି । ସେମାନେ କେବଳ ଯେଉଁଗୁଡ଼ିକ ସେମାନଙ୍କ ନିଜର ଇଚ୍ଛା ଅନୁସାରେ ହୋଇଛି, ସେହିଗୁଡ଼ିକରେ ହିଁ ସ୍ୱାକ୍ଷର କରୁଛନ୍ତି । ଆଉ ତାହା ହିଁ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗଟିକୁ ସାମ୍ନାକୁ ଆଣୁଛି । ସେଭଳି କରି ସେହି ରାଜ୍ୟପାଳମାନେ ନିର୍ବାଚିତ ବ୍ୟବସ୍ଥାପିକା ଏବଂ ନିର୍ବାଚିତ ସରକାରମାନଙ୍କ ଉପରେ ଏକ ପ୍ରକାର ଭିଟୋ ପ୍ରୟୋଗ କରୁଛନ୍ତି । ସମ୍ବିଧାନ ନିର୍ମାତାମାନଙ୍କର ଏହା କେବେହେଲେ ଉଦ୍ଦେଶ୍ୟ ନଥିଲା । ସେମାନଙ୍କ ନିଜ ପକ୍ଷରେ ଏଭଳି ଆତ୍ମୋନ୍ନତି ଘଟାଇବାର ଧାରାକୁ ରାଜ୍ୟପାଳମାନେ ଆଗେଇ ନେଇ ଚାଲିବା ପ୍ରତିନିଧିମୂଳକ ଗଣତନ୍ତ୍ରର ମୌଳିକ ଭାବଧାରାକୁ କ୍ଷୁଣ୍ଣ କରିବ । ସମୟ ଉପଗତ ହୋଇଛି, ସୁପ୍ରିମ୍‌କୋର୍ଟ ଭାରତରେ ଗଣତନ୍ତ୍ରର ପ୍ରତିଷ୍ଠା ବଜାୟ ରହିବା ନିମନ୍ତେ ଗୁରୁତ୍ୱପୂର୍ଣ୍ଣ ହୋଇଥବା ଏହି ବିବାଦର ଏକ ସର୍ବକାଳୀନ ସମାଧାନ କରିବା ଉଚିତ ।

## ନାରୀ ହାତର ସୃଜନ କଳା ମୁରୁଜ



### ଡ଼ଃ.ଅରୁନ୍ଧତୀ ଦେବୀ

ବହୁ ବର୍ଷ ପୂର୍ବେ ଚିତ୍ରଲକ୍ଷଣ ନାମରେ ଜଣେ ରାଜା ଥିଲେ । ତାଙ୍କ ସମୟରେ ସେ ଥିଲେ ଜଣେ ପ୍ରସିଦ୍ଧ ଚିତ୍ରକର । ଏକଦା ରାଜା ଚିତ୍ରଲକ୍ଷଣଙ୍କ ଦରବାରର ମହାପଣ୍ଡିତଙ୍କର ପୁତ୍ରର ଅକାଳ ମୃତ୍ୟୁ ଘଟିବାରୁ ମହାପଣ୍ଡିତଙ୍କ ସମେତ ସାରା ରାଜ୍ୟବାସୀ ଏହି ଘଟଣାରେ ଦୁଃଖିତ ହୋଇପଡ଼ିଲେ । ପଣ୍ଡିତଙ୍କ ପୁତ୍ରକୁ ଜୀବନଦାନ ଦେବା ପାଇଁ ସମସ୍ତେ ବ୍ରହ୍ମାଙ୍କୁ ପ୍ରାର୍ଥନା କଲେ । ବ୍ରହ୍ମା ପ୍ରାର୍ଥନାରେ ସନ୍ତୁଷ୍ଟ ହୋଇ କହିଲେ ମୃତ ପଣ୍ଡିତ ପୁତ୍ରଙ୍କର ଚିତ୍ର ମୁରୁଜରେ ଆଙ୍କିଲେ ସେ ସେହି ଚିତ୍ରକୁ ଜୀବନଦାନ କରିବେ । ବ୍ରହ୍ମାଙ୍କ ଏପରି ନିର୍ଦ୍ଦେଶରେ ରାଜା ଚିତ୍ରଲକ୍ଷଣ ନିଜେ ମୁରୁଜରେ ପିଲାଟିର ଚିତ୍ର ଆଙ୍କିଲା ପରେ ବ୍ରହ୍ମା ସେହି ଚିତ୍ର ପ୍ରତିମାଟିକୁ ଜୀବନଦାନ ଦେଇଥିଲେ । ସେହି ଦିନଠାରୁ ମୁରୁଜକୁ ସାରା ରାଜ୍ୟବାସୀ ଶୁଭ ବୋଲି ମାନିଲେ ଏବଂ ପ୍ରତ୍ୟେକ ଦିନ ଘର ଅଗଣାରେ ମୁରୁଜରେ ଚିତ୍ର ଆଙ୍କିବାକୁ ଲାଗିଲେ । ବହୁବର୍ଷ ପୂର୍ବେ ଅଣ୍ଡଲ ନାମକ ଜଣେ ଯୁବତୀ ଥୀରୁମଲ ନାମକ ଦେବତାଙ୍କୁ ପୂଜା କରିବା ସହ ପ୍ରତିଦିନ ମୁରୁଜ ଆଙ୍କୁଥିଲା । ପୂଜା କରିବାର କିଛି ଦିନ ମଧ୍ୟରେ ତାର ବିବାହ ହୋଇଯାଇଥିଲା । ଅଣ୍ଡଲ ମାରଖାଜୀ ମାସ (୧୫ ଡିସେମ୍ବର ଠାରୁ ୧୫ ଜାନୁଆରୀ)ରେ ବିବାହ କରିଥିବାରୁ ଏହି ମାସରେ ଅବିବାହିତ ତାମିଲ ଝିଅମାନେ ସକାଳୁ ଉଠି ମୁରୁଜ ପକାଇ ଥୀରୁମଲଙ୍କୁ ପୂଜା କରିଥାନ୍ତି । ଏପରି କରିବା ଦ୍ୱାରା ଅବିବାହିତ ଝିଅମାନଙ୍କର ବିବାହ ଶୀଘ୍ର ହୋଇଯାଇଥାଏ ବୋଲି ବିଶ୍ୱାସ କରାଯାଏ ।

ହିନ୍ଦୁ ପରମ୍ପରାର ପୂଜା ପଦ୍ଧତି ସହ ମୁରୁଜ ଅଙ୍ଗାଙ୍ଗି ଭାବେ ଜଡ଼ିତ । ଦେବାଦେବୀଙ୍କ ଆରାଧନା ଓ ଅନ୍ୟ ଶୁଭ କାର୍ଯ୍ୟ ଯଥା ଯଜ୍ଞ, ବିବାହ, ବ୍ରତଘର ଓ ପୂର୍ବ ପୁରୁଷଙ୍କ ପିଣ୍ଡଦେବା ସମୟରେ ମୁରୁଜ ବ୍ୟବହାର କରାଯାଇଥାଏ । ମିଳିଥିବା ପ୍ରମାଣ ଅନୁସାରେ ମହେଞ୍ଜୋଦାରୋ ଏବଂ ହରପ୍ପା ସଭ୍ୟତା ସମୟରେ ମୁରୁଜ ଅଙ୍କାଯାଉଥିଲା । ସେତେବେଳେ ମୁରୁଜକୁ 'ଆଲ୍ପନା' କୁହାଯାଉଥିଲା, ଯାହା ସଂସ୍କୃତ ଶବ୍ଦ 'ଓଲାନପିନ'ରୁ ଉଦ୍ଧୃତ, ଯାହାର ଅର୍ଥ ଚିତ୍ର ଆଙ୍କିବା । ମୁରୁଜର ବ୍ୟବହାର ସପ୍ତମରୁ ଦ୍ୱାଦଶ ଶତାବ୍ଦୀ ମଧ୍ୟରେ ତନ୍ତ୍ରଶକ୍ତିର ଆଗମନ ସହିତ ହିନ୍ଦୁ ପୂଜା ପଦ୍ଧତିରେ ପ୍ରବେଶ ହୋଇଥିଲା ବୋଲି ଅନୁମାନ କରାଯାଏ। ମୁରୁଜରେ କୁଣ୍ଡଳୀ, ଚକ୍ର କ୍ଷେତ୍ର, ପଦ୍ମ କ୍ଷେତ୍ର, ଷଡ଼କ୍ଷେତ୍ର ଆଦି ଆକୃତିଗୁଡ଼ିକୁ ଅଙ୍କଯାଇ ଉପାସ୍ୟ ବା ଇଷ୍ଟ ଦେବତାଙ୍କୁ ପୂଜା କରାଯାଉଥିଲା । ପୂର୍ବେ ହିନ୍ଦୁଧର୍ମରେ ପ୍ରକୃତି ପୂଜା କରାଯାଉଥିଲା । ଏହି ପ୍ରକୃତିକୁ ପ୍ରତିମା ରୂପ ଦେଇ ପୂଜା କଲାବେଳେ ତାଙ୍କର ଆସ୍ଥାନ ପାଇଁ ମୁରୁଜର ବ୍ୟବହାର କରାଗଲା । ୧୨ଶ ଓ ୧୩ଶ ଶତାବ୍ଦୀ ବେଳକୁ ମୁରୁଜ ସଂସ୍କୃତି ଶ୍ରୀମନ୍ଦିରରେ ପ୍ରବେଶ କଲା । ଶ୍ରୀମନ୍ଦିରର ରୋଷେଇ ଶାଳରେ ମୁରୁଜ ଆଙ୍କି ଅବଢ଼ା ହାଣ୍ଡି ରଖାଗଲା । ଜଗନ୍ନାଥ, ବଳଭଦ୍ର, ସୁଭଦ୍ରାଙ୍କ ସହିତ ଲକ୍ଷ୍ମୀଙ୍କୁ ମୁରୁଜରେ ଚିତ୍ର ଆଙ୍କି ପୂଜା କରାଗଲା । ମୁରୁଜ ଗୁଣ୍ଡରଙ୍ଗ ହୋଇଥିବାରୁ ଏହା ଶୀଘ୍ର ନଷ୍ଟ ହୋଇଯାଉଥିଲା, ତେଣୁ ଝୋଟି ଚିତା ଆଙ୍କିବା ପ୍ରଥା ଆରମ୍ଭ ହେଲା । ଶ୍ରୀମନ୍ଦିରରେ ମୁରୁଜର ବ୍ୟବହାର ପରେ ଓଡ଼ିଆ ସଂସ୍କୃତିରେ ଏହାର ବହୁଳ ବ୍ୟବହାର କରାଗଲା । ମରାଠାମାନଙ୍କ ଆଗମନରେ ମୁରୁଜ ସହ ଅବିର ରଙ୍ଗ ବ୍ୟବହାର କରାଗଲା । ପରେ ଶୈବ ଓ ଶାକ୍ତ ଧର୍ମର ବହୁଳ ବ୍ୟବହାର ଘଟିବାରୁ ବୃନ୍ଦାବତୀଙ୍କ ସମ୍ମୁଖରେ ମୁରୁଜ ଆଙ୍କି ପୂଜା କରିବା ଆରମ୍ଭ ହେଲା । ପୌରାଣିକ କିମ୍ବଦନ୍ତୀ ଅନୁସାରେ ପତ୍ନୀ ବ୍ୟଭିଚାରୀ ହେଲେ ଯାଇ ତାଙ୍କ ମୃତ୍ୟୁ ହେବ ଅନ୍ୟଥା ସେ ଅମର ବୋଲି ଜଳନ୍ଧରଙ୍କୁ ବର ମିଳିଥିଲା । ବର ପାଇଥିବା ଜଳନ୍ଧରଙ୍କୁ ମାରିବା ପାଇଁ ଶ୍ରୀକୃଷ୍ଣ ଜଳନ୍ଧରଙ୍କ ବେଶରେ ଆସି ବୃନ୍ଦାବତୀଙ୍କ ସତୀତ୍ୱ ହରଣ କରିଥିଲେ । ସ୍ୱାମୀଙ୍କ ବ୍ୟତୀତ ଅନ୍ୟ ପୁରୁଷଙ୍କ ସହ ସମ୍ପର୍କ ରକ୍ଷା କରିଥିବାରୁ ବୃନ୍ଦାବତୀଙ୍କ ସତୀତ୍ୱ ଉପରେ ପ୍ରଶ୍ନ ହେବାରୁ ତାଙ୍କୁ ପଞ୍ଚବନୀ ରସ ବା ଅମୃତ ରସରେ ପବିତ୍ର କରାଯାଇଥିଲା । ଏହି ପଞ୍ଚବନୀ ଶବ୍ଦରୁ ପଞ୍ଚକ ଜାତ । କାର୍ତ୍ତିକ ମାସର ଶେଷ ପାଞ୍ଚଦିନକୁ ପଞ୍ଚକ ଭାବେ ପାଳନ କରାଯାଏ । ଏହି ସମୟରେ ବୃନ୍ଦାବତୀଙ୍କ ସମ୍ମୁଖରେ ମୁରୁଜ ଅଙ୍କାଯାଇ ପୂଜା କରାଯାଏ । ଅରୁଆ ଚାଉଳ ଗୁଣ୍ଡକୁ ମୁରୁଜ ଭାବେ ବ୍ୟବହାର କରାଯାଏ । ଅଧିକ ଆକର୍ଷଣୀୟ କରିବା ପାଇଁ ମୁରୁଜରେ ବିଭିନ୍ନ ରଙ୍ଗ ମିଶାଯାଇଥାଏ । ପୂର୍ବେ ଗଛର ପତ୍ର, ଫୁଲ ପାଖୁଡ଼ା ଆଦିକୁ ଗୁଣ୍ଡ କରି ବିଭିନ୍ନ ରଙ୍ଗ ପ୍ରସ୍ତୁତ କରାଯାଉଥିଲା । ଧଳା ରଙ୍ଗ ପାଇଁ ଚାଉଳ ଗୁଣ୍ଡ, ହଳଦୀଗୁଣ୍ଡ ସହ ଚୁନପଥର ଗୁଣ୍ଡର ମିଶ୍ରଣ, ମାଟିଆ ରଙ୍ଗ ପାଇଁ ଗଛର ଶୁଖିଲା ବକଲ ଓ କଳା ରଙ୍ଗ ପାଇଁ ନଡ଼ିଆ ଶଢ଼େଇ, ଘଷି କିମ୍ବା କାଠ ଅଙ୍ଗାରରୁ ପ୍ରସ୍ତୁତ ଅଙ୍ଗାର ବ୍ୟବହାର କରାଯାଉଥିଲା । ଏବେ ଅରୁଆ ଚାଉଳ ଗୁଣ୍ଡ ଛଡ଼ା ଏକପ୍ରକାର ପଥରର ଗୁଣ୍ଡକୁ ବ୍ୟବହାର କରାଯାଉଛି ଓ ବିଭିନ୍ନ ରଙ୍ଗର ଅବିର ମିଶାଇ ରଙ୍ଗୀନ ମୁରୁଜ ପ୍ରସ୍ତୁତ କରାଯାଉଛି । ମୁରୁଜ ପାଇଁ ବ୍ୟବହୃତ ହେଉଥିବା ବିଭିନ୍ନ ରଙ୍ଗ ମଧ୍ୟରେ ହଳଦୀ, ନାଲି, କଳା, ଧଳା ଓ ସବୁଜ ରଙ୍ଗକୁ ପଞ୍ଚରଙ୍ଗ କୁହାଯାଏ । ବିଭିନ୍ନ ଦେବ ଦେବୀଙ୍କ ପାଇଁ ଭିନ୍ନ ଭିନ୍ନ ରଙ୍ଗର ମୁରୁଜ ବ୍ୟବହାର କରାଯାଏ । ଜଗନ୍ନାଥଙ୍କ ପାଇଁ ହଳଦିଆ, ବଳଭଦ୍ରଙ୍କ ପାଇଁ ସବୁଜ, ସୁଭଦ୍ରାଙ୍କ ପାଇଁ ହଳଦିଆ, ଶିବଙ୍କ ପାଇଁ କଳା ଓ ଧଳା, ସୂର୍ଯ୍ୟ, ଗଣେଶ ଓ ସୁଦର୍ଶନଙ୍କ ପାଇଁ ନାଲି ରଙ୍ଗ ବ୍ୟବହାର କରାଯାଏ । ସାଧାରଣତଃ ମୁରୁଜ ପ୍ରସ୍ତୁତିରେ ପ୍ରାକୃତିକ ରଙ୍ଗ ଓ ପ୍ରକୃତିରୁ ସୃଷ୍ଟି ହେଉଥିବା ଜିନିଷର ଆବଶ୍ୟକତା ରହିଥାଏ। ମୁରୁଜ ସହିତ ଆଧ୍ୟାତ୍ମିକ ଭାବ ଚେତନା ମଧ୍ୟ ଜଡ଼ିତ ରହିଥାଏ। ସର୍ବୋପରି ମୁରୁଜ ଓଡ଼ିଆଣୀ ଆଧ୍ୟାତ୍ମିକ ଚେତନା ସହ କେବଳ କାର୍ତ୍ତିକ ମାସ ନୁହେଁ ଘରର ଯେ କୌଣସି ଶୁଭ ମଙ୍ଗଳ ଓ ଧାର୍ମିକ କାର୍ଯ୍ୟ ପୂର୍ବରୁ ଠାକୁର ଘରେ ଓ ଅଗଣାରେ ଓଡ଼ିଆଣୀଙ୍କ ମୁରୁଜର ଅପୂର୍ବ କଳାକୃତୀ ଏକ ଆଧ୍ୟାତ୍ମିକ ଭାବନା ସୃଷ୍ଟି କରିଥାଏ। ଆଜିକାଲି ଅନେକଙ୍କ ଘରେ ମୁରୁଜ ପୂର୍ବପରି ଆଉ ନାଁ ପ୍ରସ୍ତୁତି ହୋଇ ପାରୁଛି ନାଁ ଏହା ଦେଖିବାକୁ ମିଳୁଛି। ତେବେ ସ୍ୱତନ୍ତ୍ର ଭାବରେ କାର୍ତ୍ତିକ ମାସରେ ହିଁ ଏହି ମୁରୁଜର ଅପୂର୍ବ କଳାକୃତି ଆଧ୍ୟାତ୍ମିକ ଭାବଧାରାକୁ ଉଜ୍ଜୀବିତ କରିଥାଏ ଓ ଏ ଏକ ଅପୂର୍ବ ପୂର୍ବ ଓଡ଼ିଆ ପରମ୍ପରାର କଳା କୌଶଳ ଏଥିରେ ସନ୍ନିବେସିତ ହୋଇଥାଏ। ମୁରୁଜ ଆମ ପ୍ରାଚୀନତମ ସଂସ୍କୃତି ଓ ଆଧ୍ୟାତ୍ମିକ ଚେତନାକୁ ପବିତ୍ର କାର୍ତ୍ତିକ ମାସରେ ଆହୁରି ଭାବପୂର୍ଣ୍ଣ କରିବା ସହିତ ଆମ ମାନଙ୍କ ଜୀବନକୁ ଦିବ୍ୟମୟ କରିବା ପାଇଁ ରାସ୍ତା ଦେଖାଇଥାଏ।


ନିର୍ଦ୍ଦେଶିକା-ସମ୍ପାଦିକା, ଆନ୍ତର୍ଜାତିକ [illegible]


## ଯୋଗ୍ୟ ହେଉଛି ଅଯୋଗ୍ୟ



### ଅଧ୍ୟାପକ ଗୋପବନ୍ଧୁ

ରାଷ୍ଟ୍ର ପରିଚାଳନାରେ ଯୋଗ୍ୟ ବ୍ୟକ୍ତିଙ୍କ ଆବଶ୍ୟକତା ଯଥେଷ୍ଟ ରହିଛି। ବିଭିନ୍ନ କ୍ଷେତ୍ରରେ ଯୋଗ୍ୟ ବ୍ୟକ୍ତିଙ୍କ ଚୟନ ପାଇଁ ରାଷ୍ଟ୍ର ମାନଦଣ୍ଡ ତିଆରି କରିଥାଏ। ଆମ ଦେଶରେ ମଧ୍ୟ ବିଭିନ୍ନ ପଦପଦବୀଙ୍କ ପାଇଁ ଯୋଗ୍ୟ ବ୍ୟକ୍ତିଙ୍କ ଚୟନ ହୁଏ। ଶିକ୍ଷା କ୍ଷେତ୍ରରେ ଏଡମିଶନ୍ ପାଇଁ ଯୋଗ୍ୟଙ୍କ ଚୟନ ହୁଏ। ଯେଉଁମାନେ ଚୟନରେ ଅଗ୍ରଣୀ ହୁଅନ୍ତି ତାଙ୍କୁ ମେଧାବୀ କୁହାଯାଏ। ଚାକିରୀ କ୍ଷେତ୍ରରେ ମଧ ଯୋଗ୍ୟ ବ୍ୟକ୍ତିଙ୍କ ଚୟନ ହୁଏ। ଯେଉଁମାନେ ଦେଶର ପ୍ରଶାସନିକ ବୈଷୟିକ, କାରିଗରୀ, ଚିକିତ୍ସା, ନ୍ୟାୟପାଳିକା ପ୍ରଭୃତି ଦାୟିତ୍ୱ ତୁଲାନ୍ତି। ସେ ଚାକିରୀ ହେଉ କି ଶିକ୍ଷା ହେଉ, ଦେଶର ନାଗରିକ ଚାହାଁନ୍ତି ଯେ ଯେଉଁମାନେ ଯୋଗ୍ୟ ଓ ରାଷ୍ଟ୍ର ଗଠନରେ ପାରଦର୍ଶୀ ସେମାନେ ମନୋନୀତ ହୁଅନ୍ତୁ। ଏହି ପ୍ରକାର ବ୍ୟକ୍ତିମାନଙ୍କ ଚୟନ ପାଇଁ ଯେଉଁ ମାନଦଣ୍ଡ ତିଆରି ହୁଏ ତାହା ସଠିକ ହେବା ଆବଶ୍ୟକ। ଯେଉଁ ମାନଦଣ୍ଡ ଦ୍ୱାରା ପ୍ରକୃତ ଜ୍ଞାନୀ, ରାଷ୍ଟ୍ରବାଦୀ, ମାନବବାଦୀ, ସ୍ୱଚ୍ଛୋଟ, କର୍ମଠ, ପ୍ରଗତିବାଦୀ ଓ ସମାଜ ପ୍ରତି ସମର୍ପିତ ବ୍ୟକ୍ତିମାନେ ମନୋନୀତ ହୋଇପାରିବେ।

କିନ୍ତୁ ବେଳେ ବେଳେ ମନେହୁଏ ଆମ ଦେଶରେ ମେଧାବୀ ବା ଯୋଗ୍ୟ ବ୍ୟକ୍ତି ଚୟନ କ୍ଷେତ୍ରରେ ସଠିକ ମାନଦଣ୍ଡ ନାହିଁ। ଯେଉଁ ସମସ୍ତ ବିଷୟକୁ ମାନଦଣ୍ଡ ରୂପେ ଗ୍ରହଣ କରାଯାଇଛି, ତାହା ଦ୍ୱାରା ସଠିକ ବ୍ୟକ୍ତିମାନେ ମନୋନୀତ ହୋଇପାରୁ ନାହାଁନ୍ତି ବୋଲି କେତେକେ ଅଭିଯୋଗ କରନ୍ତି। ସଠିକ ବ୍ୟକ୍ତିମାନେ ଯଦି ସମସ୍ତ କ୍ଷେତ୍ରରେ ମନୋନୀତ ହେଉଥାନ୍ତେ, ତେବେ ଦେଶର ଶାସନ ଓ ପ୍ରଶାସନରେ ଏତେ ଭ୍ରଷ୍ଟାଚାର ଓ ଅପାରଗତା ଦେଖାଦେଉ ନଥାନ୍ତା। କୌଣସି କାମ ପାଇଁ ଉତ୍କୋଚ ଦେବା ପାଇଁ ପଡୁନଥାନ୍ତା। ଗୋଟିଏ ଟେବୁଲରୁ ଆଉ ଗୋଟିଏ ଟେବୁଲକୁ ଫାଇଲ ଯିବା ପାଇଁ ମାସମାସ ସମୟ ଲାଗୁ ନଥାନ୍ତା। ରାସ୍ତା ତିଆରି ହେବାର ୬ ମାସ ନପୂରୁଣୁ ତାହା ନଷ୍ଟ ହୋଇଯାଉ ନଥାନ୍ତା। ତିଆରି ନସରୁଣୁ ପୋଲ ଭୁଶୁଡି ପଡୁ ନଥାନ୍ତା। ଭୁଲ ଇଞ୍ଜେକସନ୍ ଓ ଭୁଲ ରକ୍ତ ପ୍ରଦାନ ଯୋଗୁଁ ରୋଗୀ ମରୁ ନଥାନ୍ତେ। ଶିକ୍ଷା କ୍ଷେତ୍ରରେ ଦେଶ ଏତେ ପଛରେ ପଡ଼ି ନଥାନ୍ତା। ଭୋକିଲା ସୂଚକାଙ୍କରେ ଭାରତ ୧୧୧ ତମ ସ୍ଥାନରେ ନଥାନ୍ତା। ଯୋଗ୍ୟତାର ମାପକାଠିରେ ଉତ୍ତୀର୍ଣ୍ଣ ହୋଇଥିବା ମେଧାବୀମାନେ ଉତ୍କୋଚ ନେଇ ଧରାପଡୁ ନଥାନ୍ତେ। ଏମାନେ ଦେଶର ଗୁପ୍ତ ତଥ୍ୟକୁ ବିକ୍ରୀକରୁ ନଥାନ୍ତେ। ନ୍ୟାୟପାଳିକାରେ କୋଟି କୋଟି କେଶ ଫୈସଲା ନହୋଇ ବର୍ଷ ବର୍ଷଧରି ପଡିରହୁ ନଥାନ୍ତା। ଦେଶରେ ହଜାର ହଜାର କୋଟି ଟଙ୍କାର ଦୁର୍ନୀତି ହେଉ ନଥାନ୍ତା। ଏସମସ୍ତ ବିଷୟ ଦୈନିକ ଖବରକାଗଜରେ ଦେଖିଲା ପରେ ମନେହୁଏ ନାହିଁ ଯେ ଦେଶ ଯୋଗ୍ୟ ଲୋକଙ୍କ ହାତରେ ଅଛି।

ଦେଶରେ ଯେଉଁ ଯୋଗ୍ୟତାର ମାନଦଣ୍ଡ ନିର୍ଣ୍ଣୟ ହୋଇଛି, ତାହା ପର୍ଯ୍ୟାପ୍ତ ପରି ମନେହୁଏ ନାହିଁ। ଶିକ୍ଷା କ୍ଷେତ୍ରରେ ସେହିମାନେ ଯୋଗ୍ୟ ଯେଉଁମାନେ ଅଧିକ ମନେରଖି ପାରନ୍ତି ଓ ଏହାକୁ ଠିକଭାବେ ଲେଖିପାରନ୍ତି। ଅର୍ଥାତ ଶିକ୍ଷାରେ ଘୋଷିବା ଓ ଲେଖିବା ଯୋଗ୍ୟତାର ମାନଦଣ୍ଡ। ଏଥିରେ ସୃଜନଶୀଳତା ଓ ଉତ୍କୃଷ୍ଟ ନୂତନତାର ଅନ୍ୱେଷଣ ମୁଖ୍ୟ ମାନଦଣ୍ଡ ଭାବେ ଗୃହିତ ହୁଏ ନାହିଁ। ପରୀକ୍ଷା ପରେ ଛାତ୍ରଛାତ୍ରୀ ମାନଙ୍କୁ ଯେଉଁ ଯୋଗ୍ୟତାର ପ୍ରମାଣପତ୍ର ମିଳେ ତାହା କେବଳ ତାର ସ୍ମୃତିର ମାନକ ହୋଇଥାଏ। ଏହା ତାର ମାନସିକତାର ଓ ପ୍ରୟୋଗାତ୍ମକ ଦକ୍ଷତାର ପ୍ରକୃତ ପରିମାପକ ନୁହେଁ। ସେହିପରି ବିଭିନ୍ନ ଚାକିରୀ ପାଇଁ ଯେଉଁ ପରୀକ୍ଷା ଓ ଏହାର ମାନଦଣ୍ଡ ଗ୍ରହଣ କରାଯାଏ ତାହା ମଧ ସମ୍ପୂର୍ଣ୍ଣ ମାନକ ରୁପେ ବିବେଚିତ ହୁଏ ନାହିଁ। ଏଥିରେ ମଧ ଘୋଷିବା ଓ ଲେଖିବା ଉପରେ ପ୍ରାଧାନ୍ୟ ଦିଅଯାଏ। ସାକ୍ଷାତକାର ପରୀକ୍ଷାରେ ମଧ ଜଣକର ସମ୍ପୂର୍ଣ୍ଣ ବ୍ୟକ୍ତିତ୍ୱ ସମ୍ପୂର୍ଣ୍ଣଭାବେ ପରିସ୍ଫୁଟ ହେଲାପରି ମନେହୁଏ ନହିଁ। ଚାକିରୀ ଚୟନ କ୍ଷେତ୍ରରେ ଜଣକର ସଚ୍ଚୋଟତା, ମାନବିକତା, ନୈତିକତା, ରାଷ୍ଟ୍ରୀୟ ଭାବନା, ବୈଜ୍ଞାନିକ ଚେତନା, ସୃଜନଶୀଳତା, ବିଭିନ୍ନ କ୍ଷେତ୍ରରେ ପ୍ରୟୋଗାତ୍ମକ ଜ୍ଞାନ ଇତ୍ୟାଦିକୁ ଗୁରୁତ୍ୱ ଦିଆଯାଏ ନାହିଁ। ଫଳରେ ଯେଉଁମାନେ ଚାକିରୀ କ୍ଷେତ୍ରକୁ ପଶି ଆସନ୍ତି ସେମାନେ ଉତ୍ସର୍ଗୀକୃତ ମନୋଭାବ ନେଇ କାର୍ଯ୍ୟ କରନ୍ତି ନାହିଁ।

ଅନେକ ସମୟରେ ଯୋଗ୍ୟତାର ଆଲୋଚନା ସମୟରେ ସୁପାରିଶ ଓ ପୂର୍ବଧାରଣାକୁ ବିଚାରର ପରିସରଭୁକ୍ତ କରଯାଏ ନାହିଁ। ଏବେବି ଅନେକଙ୍କ ଧାରଣା ଯେ ଯୋଗ୍ୟତା ଜାତି ଆଧାରରେ ଆସେ। ସମାଜର ତଥାକଥିତ ଉଚ୍ଚ ଜାତିର ଲୋକମାନେ ଜନ୍ମଗତ ଭାବେ ଯୋଗ୍ୟ। ଅନ୍ୟମାନେ ଅଯୋଗ୍ୟ। ଏ ପ୍ରକାର ଅବଧାରଣା ହଜାର ହଜାର ବର୍ଷଧରି ରହିଆସିଛି। ସମାଜ ତଳ ସ୍ତରର ଲୋକମାନଙ୍କ ଯୋଗ୍ୟତାକୁ ଏଯାଏଁ ସ୍ୱୀକାର କରିପାରି ନାହିଁ। ଯେଉଁମାନେ ବି ଯୋଗ୍ୟ ବାହାରିଛନ୍ତି ତାଙ୍କ ଯୋଗ୍ୟତାକୁ ନଷ୍ଟ କରିଦେବାର ବ୍ୟବସ୍ଥା ମଧ ହୋଇଛି। ରାମାୟଣରେ ସମ୍ବୁକ ଓ ମହାଭାରତରେ ଏକଲବ୍ୟ ଏହାର ଉଦାହରଣ। ମେଧାବୀ ବା ଯୋଗ୍ୟ ବ୍ୟକ୍ତି ଚୟନ କ୍ଷେତ୍ରରେ ଏ ମାନସିକତା ଏବେବି ରହିଛି। ଯୋଗ୍ୟତା ଚୟନ କ୍ଷେତ୍ରରେ ସୁପାରୀଶ ଓ ଭାଇଭତିଜାବାଦ ପ୍ରବଳ ମାତ୍ରାରେ ରହିଛି। ଯେଉଁମାନେ ପ୍ରଶ୍ନପତ୍ର ତିଆରି କରିବେ, ଯେଉଁମାନେ ଖାତା ଦେଖିବେ, ଯେଉଁମାନେ ସାକ୍ଷାତକାର ପରୀକ୍ଷାରେ ପରୀକ୍ଷକ ଭାବେ ବସିବେ, ଯେଉଁମାନେ ମେରିଟ ତାଲିକା ପ୍ରସ୍ତୁତ କରିବେ ତାଙ୍କ ସମ୍ପର୍କୀୟ ମାନେ ଅନେକ ସମୟରେ ଅନୁକମ୍ପା ପାଇବାର ମଧ ଅଭିଯୋଗ ଆସେ। ଯୋଗ୍ୟତା ଚୟନ କ୍ଷେତ୍ରରେ ସଂରକ୍ଷଣ ମୁଖ୍ୟ ପ୍ରତିବନ୍ଧକ ବୋଲି ଅନେକେ ଅଭିଯୋଗ କରିଆସିଛନ୍ତି। ଏମାନେ ଅଳ୍ପ ନମ୍ବର ରଖି ଶିକ୍ଷାନୁଷ୍ଠାନରେ ଆଡମିଶନ ଓ ଚାକିରିରେ ନିଯୁକ୍ତି ପାଉଥିବା ଅଭିଯୋଗ ହୁଏ। କିନ୍ତୁ ବେସରକାରୀ ଅନୁଷ୍ଠାନରେ ଧନୀ ବର୍ଗର ପିଲାମାନେ ଆହୁରି କମ ନମ୍ବର ରଖି ଡୋନେସନ ଦେଇ ଆଡମିଶନ ହେଲେ କିମ୍ବା ସୁପାରିଶ ମାଧ୍ୟମରେ ନିଯୁକ୍ତି ପାଇଲେ ତାହା ଯୋଗ୍ୟତା ହାନି ଘଟାଏ ବୋଲି ଅଭିଯୋଗ ହୁଏ ନାହିଁ। ଯେଉଁ ସଂରକ୍ଷିତ ବର୍ଗର ପିଲାମାନଙ୍କୁ ଅଯୋଗ୍ୟ ବୋଲି ଅଭିଯୋଗ କରାଯାଏ ସେମାନେ ମନେରଖିବା ଓ ଲେଖିବା କ୍ଷେତ୍ରରେ ଦୁର୍ବଳ ହୋଇଥାଇ ପାରନ୍ତି। କାରଣ ଜଣେ ସମସ୍ତ ସୁବିଧା ପାଇ ପ୍ରାରମ୍ଭରୁ ଇଂରାଜୀ ମାଧ୍ୟମ ସ୍କୁଲରୁ ଶିକ୍ଷାଲାଭ କରିଥିବା ପିଲା ଇଂରାଜୀରେ ଭଲ ଲେଖିବା ଓ କହିବା ସ୍ୱାଭାବିକ। କିନ୍ତୁ ଜଣେ ପିଲାଦିନୁ ଅଭାବ ଅନାଟନ ମଧ୍ୟରେ ଗାଁ ସ୍କୁଲରେ ଦୁଇ ତିନୋଟି ଭାଷା ଶିଖିବା ପରେ ଇଂରାଜୀ ଭାଷା ଶିଖିଥିଲେ ସେ ଏଥିରେ ଏତେ ପାରଙ୍ଗମ ହୋଇପାରିବ ନହିଁ। ଏପରି କ୍ଷେତ୍ରରେ ସେ ମାଧବୀ ବା ଯୋଗ୍ୟ ନୁହେଁ ବୋଲି କହିବା ଉଚିତ୍ ହେବ ନାହିଁ।

ତୁଳନାତ୍ମକଭାବେ ବିଚାର କଲେ ସଂରକ୍ଷିତ ବର୍ଗରୁ ଆସିଥିବା ପିଲାମାନେ [illegible] ସେମାନେ [illegible], ମାନବବାଦୀ, ରାଷ୍ଟ୍ରବାଦୀ ଓ ନୈତିକତାବାଦୀ ମଧ୍ୟ। ଏମାନେ କୃଷି କାର୍ଯ୍ୟରେ ପାରଙ୍ଗମ, ନିଜ କୌଳିକ ବୃତ୍ତିରେ ପାରଙ୍ଗମ, ରାସ୍ତା ତିଆରି ଓ ଘର ତିଆରିରେ ପାରଙ୍ଗମ, ଲୁହାକାମ, କାଠକାମ, ମାଟିକାମ ଇତ୍ୟାଦିରେ ପାରଙ୍ଗମ। କିନ୍ତୁ ଏମାନଙ୍କ ଏ ଯୋଗ୍ୟତାକୁ ମେଧାବୀ ଚୟନର ମାନଦଣ୍ଡ ରୂପେ ଗ୍ରହଣ କରାଯାଏ ନାହିଁ। ମହା ନଗରୀରେ ବଢିଥିବା ଜଣେ ପରୀକ୍ଷାର୍ଥୀ ଯେକି ଧାନଗଛ କେବେ ଦେଖିନାହିଁ, ସେ ବହିପଢି ମନେ ରଖି ଏହାକୁ ସୁନ୍ଦରଭାବେ ଖାତାରେ ଲେଖିଦେଇ ପାରେ, କିନ୍ତୁ ଯେଉଁ ପିଲା ଜୀବନସାରା ବାପାଙ୍କୁ ଧାନ ଚାଷରେ ସାହାଯ୍ୟ କରି ଆସିଛି ସେ ଏହାକୁ ଠିକଭାବେ ଲେଖି ନପାରେ, କିନ୍ତୁ ଏଠାରେ ଚାଷୀଘର ପିଲାଟି ହିଁ ଅଧିକ ମେଧାବୀ ରୂପେ ପରିଗଣିତ ହେବା ଉଚିତ। ଯୋଗ୍ୟତା ସମ୍ବନ୍ଧରେ ବିଶିଷ୍ଟ ସମାଜବାଦୀ ନେତା ରାମମନୋହର ଲୋହିଆ ଦେଇଥିବା ଉକ୍ତିଟି ଯଥାର୍ଥ। ସେ କହିଥିଲେ ଜଣେ ପ୍ରାଚୁର୍ଯ୍ୟ ଓ ସମସ୍ତ ସୁବିଧା ମଧ୍ୟରେ ବଢ଼ିଥିବା ପିଲା ଶତକଡା ୮୦ ନମ୍ବର ରଖିବା ଯାହା, ଜଣେ ଅଭାବ ଅନାଟନ ଓ ଅସୁବିଧା ମଧ୍ୟରେ ବଢ଼ିଥିବା ଗାଉଁଲି ପିଲା ଶତକଡ଼ା ୪୦ ନମ୍ବର ରଖିବା ତାହା। ତେଣୁ ସଂରକ୍ଷିତ ବର୍ଗର ପିଲାମାନଙ୍କୁ କଦାପି ଅଯୋଗ୍ୟ ବୋଲି କୁହାଯାଇ ପାରିବ ନାହିଁ।ଦେଶର ସାମୁହିକ ସ୍ୱାର୍ଥ ଦୃଷ୍ଟିରୁ ମେଧା ବା ଯୋଗ୍ୟ ଚୟନର ମାନଦଣ୍ଡ ବଦଳିବା ଉଚିତ। ସୃଜନଶୀଳତା, କର୍ମଠତା, ରାଷ୍ଟ୍ରବାଦୀତା, ମାନବବାଦୀତା, ସଚ୍ଚୋଟତା, ପ୍ରଗତୀଶୀଳତା, କର୍ମ ସମ୍ପାଦନର ବାସ୍ତବ ଜ୍ଞାନ ପ୍ରଭୃତି ମାନଦଣ୍ଡ ହେବା ଉଚିତ୍। ଯେଉଁମାନଙ୍କ ନିକଟରେ ଏହିଗୁଣ ଥିବ ସେହିମାନେ ହିଁ ମେଧାବୀ ବା ଯୋଗ୍ୟ ଭାବେ ପରିଗଣିତ ହେବା ଉଚିତ୍।


ବାରିପଦା, ମୟୂରଭଞ୍ଜ,
ମୋ:୭୦୦୮୯୭୬୧୮୦


## ତୁମେ ପ୍ରଭୁ ମୋର ସାହା

### ସୁରାତ୍ରୀ ପ୍ରଧାନ




ଲିଭି ଆସୁଥିଲା ଜୀବନ ସଳୀତା
ତୁମେ ତେଲ ଦେଲ ଭରି
କେମିତି କହିବି ତୁମେ ନାହଁ ବୋଲି
ଆହେ ଶ୍ରୀକ୍ଷେତ୍ର ବିହାରୀ ।

ତୁମରି ଦାନରେ ଏ ଜୀବନ ଗଢ଼ା
ରଖିଛ ଘଣ୍ଟ ଘୋଡାଇ
ଆୟୁଷ ର ଅଙ୍କ ତୁମ ହାତେ ଲେଖା
ଆହେ ନୀଳାଦ୍ରି ଗୋସାଇଁ ।

ବିଶ୍ୱାସ ଭରିଲ ହୃଦୟରେ ମୋର
ନିଶ୍ୱାସ କୁ ଥିଲା ଭୟ
ମନ୍ତ୍ର ମୁଗ୍ଧ ଆଜି ହେଇଗଲି ପ୍ରଭୁ
ଜୟ ଜଗନ୍ନାଥ ଜୟ ।

ତୁମରି ପୟରେ କୋଟିଏ ମୁଣ୍ଡିଆ
ମୋ ଆଶାର ଆଶା ବାଡ଼ି
ତୁମରି କୃପାର ଭରସାରେ ପ୍ରଭୁ
ଚାଲୁ ଏ ଜୀବନ ଗାଡି ।


କୁସୁପୁର, ଗୋପ,
ପୁରୀ-୭୫୨୧୧୦
ମୋ: ୭୦୦୮୨୬୦୫୧୬


## ଶୀତ ଲେଖେ ଚିଠି

### ନୀଳମଣି ଚାନ୍ଦ

ଶୀତ ଲେଖୁଅଛି କାକର ଟୋପାରେ
ତୁମପାଇଁ ବସି ଚିଠି
ଜଣେଇବା ପାଇଁ ସମବେଦନାଟି
ରହିଛି ଜଣେ ସେ ଏଠି।

କାଳେ କିଏ ଜାଣିଦେବ ତା'ର ନାଆଁ
ସେ ଲାଗି ଗୋପନ ରଖେ
ସନ୍ତର୍ପଣରେ ସେ ଛକି ରହିଥାଏ
ପ୍ରାତଃ କୁହୁଡ଼ିର ପାଖେ ।

ତୁମ ମନ ତଳେ ବେଦନାଟି ଭରା
ଶୁଣିବ ପାଖରେ ବସି
ମୁଁ ଜାଣେ ଏବେରେ ଲୁହ ପୋଛି ଦେଇ
ମୁରୁକି ଦେବଟି ହସି।

ଚିଠି ପଢୁପଢୁ ରାତି ସରିଯାଉ
ନ ରହୁ ମନରେ ଭୟ
ଏବେ ସୁଖ ନଈ କୂଳରେ ଲାଗିଛ
ଭାବ ଏ କଥାଟି ଥୟ।

ସୂରୁଯ ଉଇଁଲେ ଶୀତ ଲୁଚିଯିବ
ମୁକୁତା ହାରକୁ ରଖି
ଏବେ କୁହ ତୁମ ଦୁଃଖ ଯାତ୍ରାର
ଅନ୍ତ ଘଟାଇବ କି।


+ଭୁବନେଶ୍ୱର
ମୋ:୯୫୮୩୨୦୨୩୫୭


## ପ୍ରେମପତ୍ର

### ସଞ୍ଜୟ ଖେମୁଣ୍ଡୁ

କୋଉଠୁଁ ଲେଖିବି
କେମିତି ଲେଖିବି ଜାଣେନା
କିନ୍ତୁ ଖାସ ତୁମ ପାଇଁ ଏ ପତ୍ର ଖଣ୍ଡିକ
ଯାହାକୁ ତୁମେ ପ୍ରେମପତ୍ର କହିପାର ।

ମୁଁ ଖାଲି ଏତିକି କହିଦବାକୁ ଚାହେଁ
ମୁଁ କେବଳ ତୁମର ହଁ ତୁମର
ତୁମେ ମୋର ହେଇପାରିବ କି ନା,
ମୁଁ ଜାଣେନା
କାରଣ ତୁମେ ବନ୍ଧା ପଡ଼ିଛ
ଶୋଡ଼ସହସ୍ର ଗୋପନାରୀଙ୍କ
ପ୍ରେମରେ।

ତୁମେ ମୋ କଥା ଭାବ କି ନା
ତୁମେ ମୋତେ ମନେ ପକାଅ କି ନା
ତୁମେ ମୋତେ ଭଲପାଅ କି
ଛଳନା କର
ଏ କଥା ବି ଜାଣେନା
କାରଣ ତୁମେ ସେଦିନ ଫୋନ କରିବ
କହି କଲନି
ଚିଠି ଲେଖିବ କହି ଲେଖିଲନି
ରକ୍ତ ରଙ୍ଗର ଗୋଲାପଟିଏ
ଦବ କହି ଦେଲନି
ମୁଁ କିନ୍ତୁ ଚିରକାଳ ପାଇଁ ତୁମ
ଅପେକ୍ଷାରେ......।

ମୁଁ ଖାଲି ଏତିକି ଜାଣେ ମୋ
ଭଲପାଇବା ସ୍ୱାର୍ଥପର ନୁହେଁ
ମୁଁ ଖାଲି ଏତିକି ବୁଝେ ଶାଶ୍ୱତ
ପ୍ରେମରେ ପାଇବାର ଆଶା ନଥାଏ
ମୁଁ କେବଳ ଏତିକି ଚାହେଁ
ତୁମ ଦୁଃଖରେ ମୁଁ ଲୁହ ହୋଇ
ଝରୁଥିବି
ତୁମ ଖୁସିରେ ମୁଁ ହସ ହୋଇ
ଫୁଟୁଥିବି ।

ଏ ଚିଠି ପାଇ ପଢ଼ିବ କି ନାହିଁ
ଜାଣେନା
ପଢିଲେ ବି ତାର ପ୍ରତିଉ୍ୟର ଦବକି
ନାହିଁ ଜାଣେନା
ତଥାପି ମୁଁ ତୁମ ପାଇଁ ଥରକୁ ଥର
ଲେଖୁଥିବି
ଗୋଟେ ଗୋଟେ ରକ୍ତଭିଜା
ପ୍ରେମପତ୍ର ।


ସ୍ନାତକୋତ୍ତର ଛାତ୍ର
ବିକ୍ରମଦେବ ବିଶ୍ୱବିଦ୍ୟାଳୟ
ଜୟପୁର, କୋରାପୁଟ
ଫୋନ -୭୮୫୪୦୧୦୫୧୯


## ତୁ ମଲାପରେ

### ତୁଲେଶ୍ୱର କୁମାର ସାହୁ



ତୁ ମଲାପରେ
ତୁ ଦେଇଥିବା ରେଡ୍ ରୋଜ୍ କୁ ଖଣ୍ଡ
ଖଣ୍ଡ କରିଦେବି
ତୁ ପଠାଇଥିବା ଚିଠିକୁ ଜାଳି ପୋଡ଼ି
ପାଉଁଶ କରିଦେବି
ତୁ ପିନ୍ଧେଇଥିବା ରୂପା ଚେନ୍ କୁ
କୋଉଠି ଗୋଟେ ଫିଙ୍ଗିଦେବି
ତୁ ମଲାପରେ
ତତେ ନେଇ ଲେଖିଥିବା କବିତା ସବୁ
ଅଣଲେଖା କରିବି
ତତେ ଓ ତୋ ସାଙ୍ଗ ମାନଙ୍କୁ ମୋ ଠୁ
ଦୂରେଇ ଦେବି
ତୁ ଡ୍ୟାନ୍ସ କରିଥିବା ସବୁ ଜାକ ଭିଡ଼ିଓ
ମୋ ମୋବାଇଲ୍ ରୁ ଡିଲିଟ୍
କରିଦେବି
ତୁ ମଲାପରେ
ତୁ ଦେଇଥିବା ଖୁସିକୁ ଦୂରେଇ ଦେବି
ତୁ ସ୍ପର୍ଶ କରିଥିବା ହାତକୁ ଓଦା କନା
ରେ ପୋଛିଦେବି
ତୁ ମିଶାଇଥିବା ପାଦକୁ ସବୁଦିନ
ପାଇଁ ଅଲଗା କରିଦେବି
ତୁ ଚୁମ୍ବନ କରିଥିବା ଓଠକୁ
ସିଗାରେଟ୍ ଧୂଆଁ କରିଦେବି
ଆଖି ଭିତରେ କଳା କଜଲ୍ ଦେଇ
ବାଟ ଚାଲିବି
ତୁ ମଲାପରେ
ତୋ ସବୁଯାକ ପସନ୍ଦକୁ ଭାଙ୍ଗି
ନାପସନ୍ଦ କରିବି
ତୋ ଗାଁ କୁ ଅଦେଖା କରିବି
ତୋ କଥା ଭାବି ଭାବି ଦିନେ ପାଗଳ
ପାଲଟି ଯିବି
ତୁ ମଲାପରେ


ରେଗଡା, କର୍ଲାମୁଣ୍ଡା, କଳାହାଣ୍ଡି
ମୋ-୭୦୭୭୩୨୭୯୩୧

# ଫ୍ୟାଶନରେ ଫୁଟ୍‌ୱିୟର

କେବଳ ଜୋତା ବା ଚପଲରେ ସୀମିତ ରହିନି ଫୁଟ୍‌ୱିୟର। ଦିନକୁ ଦିନ ନୂଆ ଡିଜାଇନ ଓ ପାଟର୍ଣ୍ଣର ଫୁଟ୍‌ୱିୟର ବଜାରକୁ ଆସୁଛି । ସମସ୍ତଙ୍କ ପରେ ସବୁ ଫୁଟ୍‌ୱିୟରର ନାଁ ଜାଣିବା ମଧ୍ୟ ସମ୍ଭବ ନୁହେଁ। ଜାଣନ୍ତୁ କେତୋଟି ଫୁଟ୍‌ୱିୟର ନାଁ ଓ ଏହାର ଉତ୍ପତିସ୍ଥଳ ବିଷୟରେ।

**ବାବୁଶେ ସ୍ଲିପର୍ସ:** ଏହି ଜୋତାର ଉତ୍ପତି ସ୍ଥଳ ମରକ୍କୋ। ଏହି ଜୋତା ଏତେ ଲୋକପ୍ରିୟ କାହିଁକି ଜାଣନ୍ତି ? କାରଣ ପ୍ରାର୍ଥନା କଲା ସମୟରେ ଖୋଲିବା ଓ ପିନ୍ଧିବାରେ ସୁବିଧା ହେଉଥିଲା ଏହି ସ୍ଲିପର୍ସ ପିନ୍ଧିବାରୁ ଏକ ସମୟରେ ଆବଶ୍ୟକତା ସମୟ କ୍ରମେ ଫ୍ୟାଶନରେ ପରିଣତ ହୋଇଗଲା। ମରକ୍କୋର ବାବୁଶେ ସ୍ଲିପର୍ସ ଏବେ ମହାରାଷ୍ଟ୍ରରେ କୋହ୍ଲାପୁରୀ ଜେନାତା ନାଁରେ ଲୋକପ୍ରିୟ।

**କାଓବୟ ବୁଟ୍‌ସ:** ଏହି ଜୋତାର ଉତ୍ପତି ସ୍ଥଳ ଆମେରିକା। ସ୍ପାନିଶମାନେ ଆମେରିକାରେ ପ୍ରବେଶ କରିବା ପରଠାରୁ ଏହି ବୁଟସ ସେଠାରେ ଚଳିଆସୁଛି। ପଂଚଦଶ ଶତାବ୍ଦୀର ସେହି କାଓବୟ ବୁଟସ ସମୟ କ୍ରମେ ରୂପାନ୍ତରିତ ହେବାକୁ ଲାଗେ। ଟେକ୍ସାସ, କାନସାସ, ଓକଲାହୋମା ଭଳି ସହରରେ ପ୍ରଚଳିତ ଥିବା ଏହି ଜୋତାଗୁଡ଼ିକ ଏବେ ବିଶ୍ୱର ସବୁସ୍ଥାନରେ ଲୋକପ୍ରିୟ।

**ବାର୍ଚ ବାର୍କ ସୁ:** ଉତ୍ପତି ସ୍ଥଳ ଫିନଲ୍ୟାଣ୍ଡ ହୋଇଥିଲେ ମଧ୍ୟ ଏବେ ବିଶ୍ୱର ଅନ୍ୟ କେତେଗୁଡ଼ିଏ ଦେଶର ଲୋକ ଏହି ଜୋତା ପିନ୍ଧୁଛନ୍ତି। କାଦୁଅ ଏବଂ ତୁଷାରପାତରୁ ଚମଡ଼ା ନିର୍ମିତ ଜୋତାକୁ ବଂଚାଇବା ଉଦ୍ଦେଶ୍ୟରେ ପ୍ରଥମେ ବ୍ୟବହାର କରାଯାଉଥିଲା ବାର୍ଚ ବାର୍କ ସୁ। ଲିଣ୍ଡେନ କିମ୍ବା ଲାଇମ ଗଛ ଛାଲିରେ ଏହି ଜୋତା ତିଆରି ହେଉଥିଲା। ନରୱେ, ରୁଷ, ସ୍ୱିଡ଼େନ ଆଦି ଦେଶଗୁଡ଼ିକରେ ଯେକୌଣସି ସାମାଜିକ ଅନୁଷ୍ଠାନରେ ଲୋକମାନେ ଏହି ଜୋତା ବ୍ୟବହାର କରନ୍ତି।

**ଗେଟା:** ଏହି ଚପଲର ଉତ୍ପତି ସ୍ଥଳ ଜାପାନ। ଜାପାନର ପାରମ୍ପରିକ ପୋଷାକ କିମୋନୋ ସହିତ ଏହି ଚପଲ ପିନ୍ଧାଯାଉଥିଲା। ଏହାକୁ ଗେଟା ସାଣ୍ଡାଲସ କୁହାଯାଉଥିଲା। ଗେଟାର ଆକାର କିପରି ହେବ ତାହା ନିର୍ଭର କରୁଥିଲା ଏହାକୁ କିଏ ପିନ୍ଧିବ। ଯଦିଓ ପୂର୍ବର ଏହି ନିୟମ ଏବେ ଆଉ ନାହିଁ।








**କ୍ଲୋମପେନ:** ଏହାକୁ ପ୍ରଥମେ ନେଦରଲ୍ୟାଣ୍ଡର ଲୋକମାନେ ବ୍ୟବହାର କରୁଥିଲେ। ଏବେ ଏହା ସାରା ବିଶ୍ୱରେ ଲୋକପ୍ରିୟ ହେଲେ ମଧ୍ୟ ଏବେବି ନେଦରଲ୍ୟାଣ୍ଡର କୃଷକ ଏବଂମାଲିକମାନେ ଏହି କ୍ଲୋମପେନ ପିନ୍ଧି କାମ କରନ୍ତି। ପରମ୍ପରା କିପରି ପିଢ଼ି ପରେ ପିଢ଼ି ମାନି ଚଳାଯାଏ ତାହାଏହି କୃଷକମାନଙ୍କୁ ଦେଖିଲେ ଜଣାପଡ଼େ।।

**ଜୁତି ଏବଂ ଚପଲ:** ଜୁତି ଓ ଚପଲର ଉତ୍ପତି ସ୍ଥଳ ମୂଳତଃ ଉତର ଭାରତ। ଜୁତିର ଅଗ୍ରଭାଗ ସାମାନ୍ୟ ବଙ୍କା ହୋଇ ରହିଥାଏ। ଆଗେ ଏହାକୁ ପୁରୁଷମାନେ ପିନ୍ଧୁଥିଲେ ବି ଏବେ ଏହା ପୁରରୁଷ, ମହିଳା ନିର୍ବିଶେଷରେ ସମସ୍ତେ ପିନ୍ଧୁଛନ୍ତି । ଚପଲ ମୂଳତଃ କଠଉ ବା ପାଦୁକାରୁ ଆସିଛି। ବର୍ତମାନ କଠଉ ଡିଜାଇନର ଖୁବ ସୁନ୍ଦର ପଥର ଖଚିତ ଚପଲ ମଧ୍ୟ ବଜାରରେ ଉପଲବ୍ଧ।

**ଏସପାଡ୍ରିଲ୍:** ଏହି ଜୋତାର ଉପତି ସ୍ଥଳ ସ୍ପେନ। 'ଏସପାରଦେନିଆ' ନାମକ ସ୍ପାନିଶ ଶବ୍ଦ ସହିତ କିଛିଟା ସାମଞ୍ଜସ୍ୟ ରହିଛି ଏସପାଡ୍ରିଲ ଶବ୍ଦର। 'ଏସପାଡ୍ରୋ' ଅର୍ଥାତ୍ ମୋଟା ଘାସ। ମୋଟା ଘଶସ ସାହାଯ୍ୟରେ ଏହି ଜୋତାର ସୋଲ ସିଲେଇ କରାଯାଉଥିଲା। ଏବେ ଯଦିଓ ସେଭଳି ଜୋତା ତିଆରି ହେଉନାହିଁ ମାତ୍ର ସହେ ଡିଜାଇନର ଜୋତା ଝିଅମାନଙ୍କ ପାଖରେ ବେଶ ଲୋକପ୍ରିୟ। ଦେଖିବାକୁ ହାଫ୍ ସୁ ଭଳି।



# ନିରାଶାରୁ ବର୍ତ୍ତିବାର ଉପାୟ



ଜୀବନରେ ଯଦି କେବେ ନିରାଶା ଆସେ ତେବେ ଧୈର୍ଯ୍ୟ ହରାନ୍ତୁ ନାହିଁ ବରହ ସେତିକିବେଳେ ଏମିତି ଏକ କ୍ଷଣକୁ ମନେ ପକାନ୍ତୁ ଯେତେବେଳେ ଆପଣ କିଛି ବଡ଼ କାମ କରିଥିଲେ। ଯାହା ଅନ୍ୟର ମଙ୍ଗଳ ପାଇଁ କାମରେ ଲାଗିଥିଲା ଏବଂ ଏଥିପାଇଁ ଆପଣଙ୍କୁ ମିଳିଥିଲା ଅନେକ ପ୍ରଂଶସା। କାରଣ ପ୍ରତ୍ୟେକ ବ୍ୟକ୍ତିର ଜୀବନରେ ଏମିତି ଏକ ସମୟ ଆସିଥାଏ ଯାହାକୁ ନେଇ ସେ ସବୁଠାରୁ ଅଧିକ ଖୁସି ହୋଇଥାଏ। ଏମିତି କ୍ଷଣକୁ ମନେ ପକାଇବା ଦ୍ୱାରା ମନ-ମସ୍ତିଷ୍କରୁ କଷ୍ଟଦାୟକ ବୋଝ ହାଲ୍‌କା ହୋଇ ଯାଇଥାଏ। ଏହା ସମ୍ମୁଖରେ ଥିବା ବଡ଼ ସମସ୍ୟାକୁ ଲଢ଼ିବାରେ ସହାୟ ହୋଇଥାଏ। ଯଦି ଏସବୁ ସତ୍ତ୍ୱେ ମଧ୍ୟ ମନ ନିରାଶାରେ ଛାଇ ରହିଥାଏ, ତେବେ କୌଣସି ନୂତନ ରାସ୍ତାର ସନ୍ଧାନରେ ଲାଗି ପଡନ୍ତୁ। ଯଦି ଏହି ସମୟରେ ଖାଲି ବସିପଡନ୍ତି, ତେବେ ମନ ଅଧିକ ବୋଝ ଲଦିହେଲା ପରି ମନେ ହୁଏ। ଏଥିପାଇଁ ନିଜକୁ କୌଣସି ନା କୌଣସି ଛୋଟ ବଡ଼ କାମରେ ନିମଗ୍ନ ରଖନ୍ତୁ। ତେଣୁ ପ୍ରତିଦିନ ପ୍ରାତଃ ସମୟରେ ଉଠି ବ୍ୟାୟାମ କରିବାର ଅଭ୍ୟାସ କରନ୍ତୁ। ଏହାଦ୍ୱାରା କେବଳ ସ୍ୱାସ୍ଥ୍ୟ ଭଲ ରହେ ତାହା ନୁହେଁ ବରଂ ମାନସିକ ସ୍ତରରେ ବେଶ୍ ଆରାମ ଅନୁଭୂତ ହୁଏ। ଚାହଁଲେ ଭଲ ସାହିତ୍ୟ ପୁସ୍ତକ, କବତା, ଗଳ୍ପ କମ୍ବା ଉପନ୍ୟାସ ପଢ଼ିପାରିବେ। ଆଶା ଏବଂ ନିରାଶା ଗୋଟିଏ ମୁଦ୍ରାର ଦୁଇଟି ପାର୍ଶ୍ୱ। ମଣିଷ ପରି ପଶୁ ମନରେ ବି ନିରାଶ ପଣ ଦେଖିବାକୁ ମିଳେ। ହେଲେ ମଣିଷ ଏବଂ ପଶୁ ମଧ୍ୟରେ ଥାଏ ଗୋଟିଏ ତଫାତ୍। ପଶୁ ନିରାଶା ହେଲେ କିଛି ନ କର ବସିପଡେ କିମ୍ବା ଶୋଇପଡେ। ହେଲେ ମନୁଷ୍ୟ, ନିରାଶରେ ଆଗକୁ ବଢ଼ିବାର ସାହସ ସଂଚୟ କରେ। ଏହାର ପରିଣାମ ସ୍ୱରୂପ ଆଜ ମନୁଷ୍ୟ ସମସ୍ତ ଜୀବଜନ୍ତୁ ପ୍ରାଣୀକୁ ନିଜ ବଶରେ କରିବାର କ୍ଷମତା ରଖିଛି।



ତେଣୁ ଜୀବନରେ ଅନେକ ବଡ଼ ବଡ଼ ଦୁର୍ଘଟଣା ବା ସମସ୍ୟା ଆସି ଠିଆ ହେବ। ତା' ମାନେ ନୁହେଁ କି ତାକୁ ଡରି ପଛଘୁଞ୍ଚା ଦେବ। ବରଂ ଚେଷ୍ଟା ଦ୍ୱାରା ତାକୁ ଲଢ଼ବା ଶିଖିବା ଦରକାର। ଯଦି ଏଥିରେ ଅସଫଳ ହେଉଛନ୍ତି, ତେବେ ଭାଙ୍ଗିନପଡ଼ି ସେହି ନିରାଶା ମଧ୍ୟରେ ଆଶାର ସଞ୍ଚାର କରନ୍ତୁ।

# ଚୀନରେ ୧୫୦ଟଙ୍କାରେ ମିଳୁଛି ଶୁଦ୍ଧ ବାୟୁର ପ୍ୟାକେଟ୍

ବିଶ୍ୱ ସ୍ତରରେ ସବୁଠୁ ପ୍ରଦୂଷିତ ସ୍ଥାନ ତାଲିକାରେ ଚୀନ ଥିବାବେଳେ ଦ୍ୱିତୀୟ ସ୍ଥାନରେ ଭାରତର ଦିଲ୍ଲୀ ଅଛି। ତେବେ ଦିଲ୍ଲୀ ବାସିନ୍ଦା ବର୍ତ୍ତମାନ ସୁଦ୍ଧା ସଚେତନ ହୋଇଥିବା ସତ୍ତ୍ୱେ ଚୀନ ଲୋକେ ସଚେତନ ହୋଇଗଲେଣି। ସାଧାରଣ ବର୍ଗର ଲୋକେ ଚୀନରେ ମାସ୍କ ପିନ୍ଧି ଚଳପ୍ରଚଳ କରିଥାନ୍ତି। କାରଣ ପ୍ରଦ୍ୟୁଷଣ କାରଣରୁ ବିଭିନ୍ନ ମାରାତ୍ମକ ରୋଗ ସେଠାରେ ବ୍ୟାପିବାରେ ଲାଗିଛି। ତେବେ ଲୋକେ ସଚେତନ ହେବା ସହ ଘରେ ଶୁଦ୍ଧ ବାୟୁ ଯେପରି ବ୍ୟବହାର କରନ୍ତୁ, ଏନେଇ ଦୁଇଜଣ ଚୀନ ଯୁବତୀ ଚମତ୍କାର ପଦକ୍ଷେପ ନେଇଛନ୍ତି। ସେଠାରେ ଜିନିଙ୍ଗରେ ରହୁଥିବା ଏହି ଦୁଇ ଚୀନ ଯୁବତୀ ତିବତର ଅଞ୍ଚଳରୁ ଶୁଦ୍ଧ ବାୟୁ ସଂଗ୍ରହ କରି ତାହାକୁ ପ୍ୟାକେଟରେ ଭର୍ତ୍ତି କରି ଆଣି ଚୀନର ବିଭିନ୍ନ ଅଂଚଳରେ ବିକ୍ରି କରୁଛନ୍ତି। ଏହି ଶୁଦ୍ଧ ବାୟୁ ବ୍ୟାକେଟ ପିଛା ୧୫୦ଟଙ୍କାରେ ଉପଲବ୍ଧ। ଗତ ସପ୍ତାହରେ ସେମାନେ ଏହି ବିକ୍ରି ଆରମ୍ଭ କରିଥିବାବେଳେ ବର୍ତ୍ତମାନ ସୁଦ୍ଧା ୧୫୦ପ୍ୟାକେଟ ବିକ୍ରି ହୋଇସାରିଛି। ଚୀନ ଯୁବତୀଙ୍କ କହିବାନୁସାରେ, କେବଳ ଅର୍ଥ ଲୋଭରେ ସେମାନେ ଏହି ପଦକ୍ଷେପକୁ ନେଇନାହାନ୍ତି, ବରଂ ଲୋକଙ୍କୁ ପ୍ରଦୂଷଣ ବାବଦରେ ସଚେତନ କରିବାକୁ



ସେମାନେ ଏହା କରିଥିବା ପ୍ରକାଶ। କିଛିବର୍ଷ ତଳେ କାନାଡ଼ାର ଏକ କମ୍ପାନୀ ମଧ୍ୟ ପାହାଡ଼ ଅଂଚଳରୁ ଶୁଦ୍ଧ ବାୟୁ ପ୍ୟାକେଟରେ ଭର୍ତ୍ତି କରି ଟରୋଣ୍ଟୋରେ ବିକ୍ରି କରୁଥିଲା।

# ମାଛ, ମାଂସ ନଖାଇ ସୁସ୍ଥ ରହିବାକୁ ଚାହୁଁଛନ୍ତି କି ? ଯଦି ହଁ, ଆପଣାନ୍ତୁ ଏହି ଉପାୟ...

ଦିନକୁ ଦିନ ଲୋକଙ୍କର ଓଜନ ବଢୁଛି । ଏଥିପାଇଁ ଅନେକ ରୋଗରେ ପୀଡିତ ହେଉଛନ୍ତି ଲୋକେ । ଖାସ୍ ଏଥିପାଇଁ ହିଁ ଶାକାହାରୀ ଖାଦ୍ୟ ପ୍ରତି ଆକର୍ଷିତ ହେଉଛନ୍ତି । କିନ୍ତୁ ଯଦି ମାଂସ, ମାଛ ଏବଂ ଅଣ୍ଡା ଭଳି ଜିନିଷ ଖାଇବା ବନ୍ଦ କରି ଦିଅନ୍ତି, ତେବେ ଶରୀରକୁ ପ୍ରୋଟିନ୍ କେଉଁଠୁ ମିଳିବ । ଏ ପ୍ରଶ୍ନ ସମସ୍ତଙ୍କ ମନରେ ନିଶ୍ଚୟ ଆସୁଥିବ । କିନ୍ତୁ ଏପରି କିଛି ଶାକାହାରୀ ଖାଦ୍ୟ ରହିଛି ଯାହା ଶରୀରକୁ ପ୍ରଚୁର ପରିମାଣରେ ପ୍ରୋଟିନ୍? ଯୋଗାଇବ । ଆସନ୍ତୁ ଜାଣିବା...




୧. ଡାଲି: ଡାଲିକୁ ପୋଷକ ତତ୍ତ୍ୱର ଭଣ୍ଡାର ଭାବରେ ବିବେଚନା କରାଯାଏ । ଏହାର ପ୍ରତିକପ୍ ପିଛା ଡାଲିରେ ମିଳିଥାଏ ୧୮ ଗ୍ରାମର ପ୍ରୋଟିନ୍ । ଏହାକୁ ବିଭିନ୍ନ ଉପାୟରେ ଖିଆ ଯାଇପାରେ । ଯେପରିକି ସୁପ୍, ସାଲାଡରେ ମଧ ଏହାକୁ ମାଂସ ବଦଳରେ ଖାଇପାରିବେ ।

୨. ସୋୟାବିନ୍: ସୋୟାବିନ ପ୍ରୋଟିନର ଏକ ସମୃଦ୍ଧ ଉତ୍ସ ଭାବରେ ବିବେଚନା କରାଯାଏ । ସାଧାରଣତଃ ଲୋକମାନେ ଏହାକୁ ତରକାରୀ କରି ଖାଇବାକୁ ପସନ୍ଦ କରନ୍ତି । ଯାହା ଅତ୍ୟନ୍ତ ସ୍ୱାଦିଷ୍ଟ ହୋଇଥାଏ । ଯଦି ଆପଣ ଏହାକୁ ନିୟମିତ ଖାଆନ୍ତି ତେବେ ଶରୀରରେ ପ୍ରୋଟିନର ଅଭାବ ରହିବନି।

୩. କ୍ୱିନୋଆ: କ୍ୱିନୋଆ ଏକ ପ୍ରୋଟିନ୍ ସମୃଦ୍ଧ ଖାଦ୍ୟ ଭାବେ ପରିଚିତ । ଏହି ଖାଦ୍ୟରେ ସମସ୍ତ ୯ଟି ଅତ୍ୟାବଶ୍ୟକ ଆମିନୋ ଏସିଡ୍ ଏହି ଖାଦ୍ୟରେ ମିଳିଥାଏ । ରାନ୍ଧିବା ସମୟରେ ଏହା କପ୍ ପିଛା ପ୍ରାୟ ୮ ଗ୍ରାମ ପ୍ରୋଟିନ୍ ଯୋଗାଇଥାଏ । ତେଣୁ ଅଧିକାଂଶ ଡାଏଟିସିଆନ୍ ଏହାକୁ ଦୈନନ୍ଦିନ ଖାଦ୍ୟରେ ଅନ୍ତର୍ଭୁକ୍ତ କରିବାକୁ ପରାମର୍ଶ ଦିଅନ୍ତି ।

୪. ଟୋଫୁ: ଟୋଫୁ ହେଉଛି ଏକ ସୋୟାବିନ୍ ଭିତ୍ତିକ ଖାଦ୍ୟ ପଦାର୍ଥ । ଯାହା ପ୍ରୋଟିନରେ ଭରପୂର ଅଟେ । ଯଦି ଆପଣ ଅଧା କପ୍ ଟୋଫୁ ଖାଆନ୍ତି, ତେବେ ଆପଣଙ୍କ ଶରୀରକୁ ପ୍ରାୟ ୧୫ ଗ୍ରାମ ପ୍ରୋଟିନ୍ ମିଳିବ । ଏହା ପନିର ପରି ଦେଖାଯାଏ, ଯଦିଓ ଏହା ଭିନ୍ନ ଅଟେ । ଆପଣ ଏହାକୁ ଅନେକ ଉପାୟରେ ରାନ୍ଧି ଖାଇପାରିବେ । ଏହାର ସ୍ୱାଦ ମଧ ଖୁବ୍ ଉତ୍କୃଷ୍ଟ ।

୫. ଗ୍ରୀକ୍ ଦହି: ଏହା ସେହି ବ୍ୟକ୍ତିଙ୍କ ପାଇଁ ଯେଉଁମାନେ କି ଦୁଗ୍ଧଜାତ ଦ୍ରବ୍ୟକୁ ସେମାନଙ୍କ ଖାଦ୍ୟରେ ଅନ୍ତର୍ଭୁକ୍ତ କରିବାକୁ ଚାହୁଁଛନ୍ତି । ଗ୍ରୀକ୍ ଦହି ପ୍ରୋଟିନର ଏକ ସମୃଦ୍ଧ ଉତ୍ସ ଅଟେ । ଯାହାର ପ୍ରତି ୬ଅଂଶରେ ଯୋଗାଇଥାଏ ୧୦ ଗ୍ରାମର ପ୍ରୋଟିନ୍ । ଏହା ପ୍ରୋବାୟୋଟିକ୍ସରେ ମଧ ଭରପୂର ଅଟେ, ଯାହା ହଜମ ପ୍ରକ୍ରିୟାକୁ ସୁସ୍ଥ ରଖେ ।

# ଟାଇପ୍ ୧ ମଧୁମେହ ରୋଗୀଙ୍କ ଖାଦ୍ୟ

ଆଜିକାଲି କିଶୋର-କିଶୋରୀ ମଧ୍ୟ ମଧୁମେହର ଶିକାର ହେଉଛନ୍ତି, ଯାହାକୁ କୁହାଯାଉଛି ଟାଇପ ୧ ଡାଇବେଟିସ୍। ଏଭଳି ରୋଗୀ ଖାଦ୍ୟ ବାବଦରେ ସଚେତନ ହେବା ଜରୁରୀ। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ହେଉଛି, ଏପରି ଖାଦ୍ୟ ଖାଇବା, ଯାହାଦ୍ୱାରା ରକ୍ତ ଶର୍କରା ହଠାତ୍ ବହୁତ ଅଧିକ ବଢ଼ିବନାହିଁ ବା କମିବନାହିଁ। ଅର୍ଥାତ୍, ଠିକ୍ ଯେତିକି ଦରକାର, ସେତିକି ଶ୍ୱେତସାର ଖାଇବା।

- ତିନିଟି ମୁଖ୍ୟ ଭୋଜନ ବଦଳରେ ଛଅଥର ଅଳ୍ପ ଅଳ୍ପ ଖାଇବା ଉଚିତ। ଏହାଦ୍ୱାରା ରକ୍ତ ଶର୍କରା ନିୟନ୍ତ୍ରଣରେ ରହେ।




କେବେ ହେଲେ ଖାଲି ପେଟରେ ରହିବା ନାହିଁ। ଏହାଦ୍ୱାରା ରକ୍ତ ଶର୍କରା ହଠାତ୍ ବହୁତ ଖସି ଯାଇପାରେ। ତାହା ପରେ ଅଧିକ ଖାଇଦେଲେ, ବିରପୀତ ଘଟେ। ଅଧିକାଂଶ ନଟସ ସ୍ୱାସ୍ଥ୍ୟ ପାଇଁ ହିତକାରୀ। ତେବେ, ଟାଇପ ୧ ମଧୁମେହ ଭୋଗୁଥିଲେ, ଅଧିକ ଖାଇବା ଅନୁଚିତ। ଏହା ମୋଟା କରିପାରେ । ସର୍ବଦା ଅଟା ରୁଟଣି ଖାଇବା ଉଚିତ। ଅଟା ତିଆରି ପାଉଁରୁଟି, ନୁଡଲସ, ପାସ୍ତା ଖିଆ ଯାଇପାରେ। ଆକାଣ୍ଡିଆ ଚାଉଳ ସବୁଠାରୁ ନିରାପଦ। ଏସବୁ ଶ୍ୱେତସାର ଆବଶ୍ୟକତା ପୂରଣ କରନ୍ତି। ଚୋପା ଥିବା ମୁଗଡାଲି, କଳା ମସୁରଡାଲି ଉତ୍ତମ। ନିୟମିତ ପାଳଙ୍ଗ, ବ୍ରୋକୋଲି, ବନ୍ଧାକୋବି, ଫୁଲକୋବି, ଗାଜର, କାକୁଡ଼ି ଓ ଟମାଟୋ ଖାଆନ୍ତୁ। ଆଳୁ, କଞ୍ଚା କଦଳୀ ଓ କନ୍ଦମୂଳଖାଆନ୍ତୁ ନାହିଁ। ମିଠାଫଳ-ମୂଳ, ଜାମ-ଜେଲି, ମୃଦୁ ପାନୀୟ ମଇଦା ଦିଆରି ଖାଦ୍ୟ ସଂପୂର୍ଣ୍ଣ ବର୍ଜନୀୟ।

# ରପ୍ତାନି ଅନୁମତି ଲୋଡ଼ିଲେ ରାଇସ୍ ମିଲ୍: 'ସରକାର ଏଫ୍‌ଆରକେ ମଗାଇ ଆମକୁ ଦିଅନ୍ତୁ'




ଭୁବନେଶ୍ୱର, ୦୭/୧୧ (ନି.ପ୍ର): ରାଜ୍ୟରୁ ଚାଉଳ ରପ୍ତାନିର ବ୍ୟାପକ ସୁଯୋଗ ରହିଥିବା ବେଳେ ମିଲରମାନଙ୍କୁ କଷ୍ଟମ୍ ମିଲିଂ ସହ ଚାଉଳ ରପ୍ତାନିର ଅନୁମତି ଦିଆଯାଇନାହିଁ। ସେହି ଅନୁମତି ପ୍ରଦାନ କରିବାକୁ ଅଖିଳ ଓଡ଼ିଶା ଚାଉଳ ମିଲର୍ସ ସଂଘ (ଏଓଆରଏମ୍‌ଏ) ପକ୍ଷରୁ ଦାବି କରାଯାଇଛି। ଆଜି ସଂଘର ବାର୍ଷିକ ସାଧାରଣ ବୈଠକରେ ରାଇସ୍ ମିଲ୍‌ଗୁଡ଼ିକ ଏ ପ୍ରସଙ୍ଗରେ ଆଲୋଚନା କରିଛନ୍ତି। ଦକ୍ଷିଣ ଆଫ୍ରିକା ଓ ମଧ୍ୟ ପ୍ରାଚ୍ୟ ଦେଶଗୁଡ଼ିକୁ ଚାଉଳ ରପ୍ତାନି କରିବା ଲାଗି ବିପୁଳ ସମ୍ଭାବନା ରହିଛି। ଏନେଇ 'ଆପେଡା' ଓ ସରକାରୀ କର୍ତ୍ତୃପକ୍ଷଙ୍କ ସହ ମିଲରମାନେ ଏକାଧିକ ଥର ଆଲୋଚନା କରିଛନ୍ତି। ଏହି ପ୍ରସ୍ତାବ ଉପରେ ଗମ୍ଭୀରତାର ସହ ବିଚାର କରିବା ଲାଗି ସଂଘ ପକ୍ଷରୁ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କୁ ନିବେଦନ କରାଯାଇଛି। ସେହିପରି, ଭିଟାମିନଯୁକ୍ତ ଚାଉଳ ପ୍ରସ୍ତୁତ କରିବା ଲାଗି ମଗାଯାଉଥିବା ଫର୍ଟିଫାଏଡ୍ ରାଇସ୍ କେର୍ଣ୍ଣେଲ୍(ଏଫ୍‌ଆରକେ)କୁ ନେଇ ମଧ୍ୟ ଆଲୋଚନା ହୋଇଛି। ଏନେଇ ରହିଥିବା ଷ୍ଟାଣ୍ଡାର୍ଡ ଅପରେଟିଂ ସିଷ୍ଟମ୍ (ଏସ୍‌ଓପି)ରେ କିଛିଟା ସମସ୍ୟା ରହିଥିବା ବେଳେ ବିଭିନ୍ନ ପରୀକ୍ଷାଗାରର ଫଳାଫଳ ଭିନ୍ନ ରହୁଥିବାରୁ ରାଜ୍ୟ ଭିତରେ ଓ ବାହାରେ ଭିଟାମିନଯୁକ୍ତ ଚାଉଳକୁ ଖାରଜ କରାଯାଇଛି। ଏସ୍‌ଓପିରେ ଆବଶ୍ୟକ ପରିବର୍ତ୍ତନ କରିବାକୁ ମିଲରମାନେ ଦାବି କରିଛନ୍ତି। ଏଫ୍‌ଆରକେର ପୋଷକ ତତ୍ତ୍ୱ ସହ ଆମର କୌଣସି ସମ୍ପର୍କ ନଥିବା ବେଳେ ଆମେ ଅନାବଶ୍ୟକ ଭାବେ ଦଣ୍ଡିତ ହେଉଛୁ ବୋଲି ସେ କହିଛନ୍ତି। ସରକାର ନିଜେ ଏଫ୍‌ଆରକେ ମଗାଇ ମିଲରମାନଙ୍କୁ ଯୋଗାଇଲେ ଗୁଣାତ୍ମକ ମାନ ସମସ୍ୟା ରହିବ ନାହିଁ ବୋଲି ସଂଘ ପକ୍ଷରୁ କୁହାଯାଇଛି। ଗତ ଦଶନ୍ଧିରୁ ବର୍ତ୍ତମାନ ସୁଦ୍ଧା ଓଟିଆର, ମିଲିଂ ଓ ଅନ୍ୟାନ୍ୟ ଶୁଳ୍କର ସମୀକ୍ଷା କରିବା ଲାଗି ମଧ୍ୟ ସଂଘ ପକ୍ଷରୁ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କୁ ଅନୁରୋଧ କରାଯାଇଛି। ଆଜିର ବୈଠକରେ ଏଓଆରଏମ୍‌ଏ ସଭାପତି ଭାବେ ମହେଶ କୁମାର ବଂଶଲ ଓ ସମ୍ପାଦକ ଭାବେ ଲକ୍ଷ୍ମୀ ନାରାୟଣ ଦୀପକ ରଞ୍ଜନଙ୍କୁ ଚୟନ କରାଯାଇଛି। ବୈଠକରେ ୩୦ଟି ଜିଲ୍ଲାର ୩୦୦ରୁ ଅଧିକ ମିଲର ଯୋଗ ଦେଇଥିଲେ। ଚାଷୀଙ୍କଠାରୁ ଧାନ ସଂଗ୍ରହ ଲାଗି ପ୍ରାୟ ୧୪୦୦ ରାଇସ୍ ମିଲ୍ ପଞ୍ଜୀକୃତ ଥିବା ବେଳେ ସେମାନେ ୭,୦୦,୦୦୦ରୁ ଅଧିକ ପରିବାରକୁ ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବେ ରୋଜଗାର ପ୍ରଦାନ କରିଥିବା କୁହାଯାଇଛି।

# ଶିଶୁ ଯତ୍ନ ଅନୁଷ୍ଠାନରୁ ରାଜ୍ୟକୁ ଶିଶୁ ମହୋତ୍ସବରେ ଯୋଗଦାନ ପାଇଁ ଗସ୍ତ

ବଲାଙ୍ଗିର, ୦୭/୧୧ (ନି.ପ୍ର): ବଲାଙ୍ଗିର ଜିଲ୍ଲା ସ୍ତରରେ ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ ତରଫରୁ ଶିଶୁ ଯତ୍ନ ଅନୁଷ୍ଠାନରେ ରହୁଥିବା ଅନାଥ ଶିଶୁ ମାନଙ୍କର ଅନ୍ତରରେ ଥିବା ଅନ୍ତର୍ନିହିତ ଗୁଣର ବିକାଶ ପ୍ରସ୍ଫୁଟିତ ବା ପ୍ରକାଶିତ କରିବା ପାଇଁ ସମସ୍ତଙ୍କୁ ଉତ୍ସାହିତ କରିବା ପାଇଁ ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ ତରଫରୁ ମହକ ଓ ଉତ୍ସାହ କାର୍ଯକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ମହକ ଓ ଉତ୍ସାହ ପ୍ରତିଯୋଗିତରେ ଯଥା ୧୦୦ ମିଟର, ୨୦୦ ମିଟର, ଲମ୍ବା ଡିଆଁ, ଗୀତ, ନାଚ, ଚେସ, କେରମ, ଗୀତ, ଚିତ୍ର, ଗୋଷ୍ଠି ନାଚ, ବକ୍ତୃତା, କୁଇଜ୍ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏହି ପ୍ରତିଯୋଗିତାରେ ଜିଲ୍ଲା ସ୍ତରରେ ପ୍ରଥମ ସ୍ଥାନ ଅଧିକାର କରିଥିବା ଛାତ୍ର, ଛାତ୍ରୀ ମାନଙ୍କୁ ରାଜ୍ୟ ସ୍ତରର ପ୍ରତିଯୋଗିତାରେ ଅଂଶଗ୍ରହଣ କରିବା ପାଇଁ ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ ର ଅରୁଣ କୁମାର ଖୁଅସଙ୍କ ପ୍ରତ୍ୟକ୍ଷ ତତ୍ୱାବଧାନରେ ଆଜି ଗସ୍ତ କରିଛନ୍ତି। ଏହି ଅବସରର ଶିଶୁ ଯତ୍ନ ଅଧିକାରି ଚୂଡ଼ାମଣି ପଣ୍ଡା ସମସ୍ତ ଛାତ୍ର ଛାତ୍ରୀଙ୍କୁ ରେଲୱେ ଷ୍ଟେସନରେ ଶୁଭକାମନା ଜଣାଇ ବିଦାୟ ଦେଇଥିଲେ। ୟୁନିଟର ଗଣେଶ କୁମାର ମଧ ଉପସ୍ଥିତ ଥିଲେ ।

# ପାଣିକୋଇଲି ପୂର୍ତ୍ତ ବିଭାଗ କାର୍ଯ୍ୟାଳୟ ସମ୍ମୁଖରେ ନିମ୍ନମାନର ରାସ୍ତା କାମ ନେଇ ଗଣଧାରଣା

କୋରେଇ, ୦୭/୧୧ (ନି.ପ୍ର): ଯାଜପୁର ଜିଲ୍ଲା ବରୀ ବ୍ଲକର ଗୋଳକୁଣ୍ଡ- ଇନ୍ଦୁପୁର ରାସ୍ତା କାର୍ଯ୍ୟ ନିମ୍ନମାନର ଓ ଅନିୟମିତା ନେଇ ବାରମ୍ବାର ଅଭିଯୋଗ ସତ୍ୱେ କାର୍ଯ୍ୟାନୁଷ୍ଠାନ ନହେବାରୁ ବରୀ ଦ୍ୱୀପାଂଚଳ ପରିଷଦ ପକ୍ଷରୁ ଆଜି ପାଣିକୋଇଲି ପୂର୍ତ୍ତ ବିଭାଗ କାର୍ଯ୍ୟାଳୟ ସମ୍ମୁଖରେ ଗଣ ଧାରଣା ଦିଆଯାଇଥିଲା। ନିମ୍ନ ଭାନର ରାସ୍ତା କାମ ସହିତ ଅଭିଯୋଗ କଲେ ଠିକାଦାରଙ୍କ ହତ୍ୟାଧମକ ଅଭିଯୋଗ ନେଇ ପାଣିକୋଇଲିସ୍ଥିତ ରାସ୍ତା ଓ ଗୃହ ନିର୍ମାଣ ବିଭାଗର କାର୍ଯ୍ୟାଳୟ ସମ୍ମୁଖରେ ବରୀ ବ୍ଲକ ଗମୁ ପଂଚାୟତର ଗ୍ରାମବାସୀ ମାନେ ଗଣଧାରଣା ଦେଇଥିଲେ। ପ୍ରକାଶଯେ ପାଣିକୋଇଲି ରାସ୍ତା ଓ ଗୃହ ନିର୍ମାଣ ବିଭାଗ ଅଧିନସ୍ଥ ବରୀ ବ୍ଲକ ଗମୁ ପଂଚାୟତ ଠାରୁ ଗେଳକୁଣ୍ଡ ପର୍ଯ୍ୟନ୍ତ ୨୬ କି.ମି ରାସ୍ତା ସମ୍ପ୍ରସାରଣ କାର୍ଯ୍ୟ ଚାଲୁଅଛି। କିନ୍ତୁ ଉକ୍ତ ରାସ୍ତାକୁ ଠିକା ନେଇଥିବା ଜୈନେକ ଠିକାଦାର ଜଣକୁ ସରକାରଙ୍କ ନିର୍ଦ୍ଦେଶାବଳୀକୁ ଅବଜ୍ଞା କରି କେଉଁ ଠାରେ ଛଅ ଇଂଚ ତ କେଉଁ ଠାରେ ଆଠ ଇଂଚ ଗଭୀରର ଖୋଳି ରାସ୍ତା ନିର୍ମାଣ କରୁଛନ୍ତି। ଏ ନେଇ ଉକ୍ତ ଠିକାଦାରଙ୍କୁ ଗ୍ରାମବାସୀ ମାନେ ଅଭିଯୋଗ କରିବାରୁ ଠିକାଦାର ଜଣକ ସେମାନଙ୍କୁ ଗାଳିମନ୍ଦ ସହିତ ହତ୍ୟାଧମକ ଦେଉଛନ୍ତି। ନିମ୍ନ ମାନର କାମ ଯୋଗୁଁ ରାସ୍ତାଟି ଅଳ୍ପ ଦିନ ମଧ୍ୟରେ ନଷ୍ଟ ହୋଇଯିବାର ଗ୍ରମାବାସୀ ମାନେ ଆଶଙ୍କା କରୁଛନ୍ତି। ଏଥି ନିମନ୍ତେ ବରୀ ଦ୍ୱୀପାଂଚଳ ଉନ୍ନୟନ ପରିଷଦର ସଭାପତି କୁଳମଣୀ ଶୁକ୍ଳ ଓ ସମ୍ପାଦକ ପ୍ରଶାନ୍ତ କୁମାର ପଢିହାରୀଙ୍କ ନେତୃତ୍ୱରେ ୫୦ରୁ ଉର୍ଦ୍ଧ୍ୱ ଗ୍ରାମବାସୀ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶାବଳୀ ଅନୁଯାୟୀ ସଠିକ ମାନ ନିରୂପଣ କରି ଉକ୍ତ ରାସ୍ତାକୁ ନିର୍ମାଣ କରିବା ଲାଗି ପାଣିକୋଇଲିସ୍ଥିତ ରାସ୍ତା ଓ ଗୃହ ନିର୍ମାଣ ଡ଼ିଭିଜନ କାର୍ଯ୍ୟାଳୟ ଆଗରେ ଗଣଧାରଣା ଦେଇଥିଲେ।

# ହରିଶଙ୍କରରେ ବନବିଭାଗ ନିର୍ମିତ ଶିଶୁ ଉଦ୍ୟାନ ଲୋକାର୍ପିତ

ବଲାଙ୍ଗିର, ୦୭/୧୧ (ନି.ପ୍ର): ବଲାଙ୍ଗିର ଜିଲ୍ଲା ଖପ୍ରାଖୋଲ ବ୍ଲକ୍ର ପ୍ରମୁଖ ପର୍ଯ୍ୟଟନ ସ୍ଥଳୀ ହରିଶଙ୍କର ଠାରେ ଜଙ୍ଗଲ ବିଭାଗ ଦ୍ୱାରା ନିର୍ମିତ ନୂତନ ଶିଶୁ ଉଦ୍ୟାନ ଓ ମୃଗବିହାର ଆଧୁନିକୀକରଣ ପ୍ରକଳ୍ପ ଉଦ୍ଘାଟିତ ହୋଇଯାଇଛି । ଏହି ଅବସରରେ ଆୟୋଜିତ ଉଦ୍ଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ରୂପେ ରାଜ୍ୟ ଜଙ୍ଗଲ ଓ ପରିବେଶ ଗ୍ରାମ୍ୟ ଉନ୍ନୟନ ବିଭାଗ ମନ୍ତ୍ରୀ ପ୍ରଦୀପ ଅମାତ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ରୂପେ ଓଡ଼ିଶା ବିଧାନସଭା ଉପମୁଖ୍ୟ ସଚେତକ ତଥା ପାଟଣାଗଡ ବିଧାୟକ ସରୋଜ କୁମାର ମେହେର, ବଲାଙ୍ଗିର ଜିଲ୍ଲା ପରିଷଦ ଅଧକ୍ଷା ଦେବକୀ ସାହୁ, ଭବାନୀପାଟଣା ଆଂଚଳିକ ମୁଖ୍ୟ ବନ ସଂରକ୍ଷକ ଅଶ୍ୱିନୀ କୁମାର କର, ବଲାଙ୍ଗିର ଡି.ଏଫ.ଓ. ନୀତିଶ କୁମାର ପ୍ରମୁଖ ଯୋଗ ଦେଇଥିଲେ । ଓଡ଼ିଶା ପର୍ଯ୍ୟଟନ ମାନଚିତ୍ରରେ ହରିଶଙ୍କର ଏକ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଥିବା ବେଳେ ତାର ସାମଗ୍ରିକ ବିକାଶ ପାଇଁ ବିଭିନ୍ନ ଉନ୍ନୟନମୂଳକ କାମ ସରକାର ହାତକୁ ନେଇଥିବା ବେଳେ ଶିଶୁ ମାନଙ୍କ ପାଇଁ ମୃଗ ବିହାର ନିକଟରେ ଜଙ୍ଗଲ ବିଭାଗ ତରଫରୁ ନିର୍ମିତ ଶିଶୁ ଉଦ୍ୟାନ ପର୍ଯ୍ୟଟକଙ୍କୁ ଆହୁରି ଆକର୍ଷିତ କରିବ ବୋଲି ଅତିଥି ମାନେ କହିଥିଲେ । ସେହିପରି ମୃଗବିହାରର ମଜାନେବାକୁ ପର୍ଯ୍ୟଟକ ମାନେ କିଭଳି ସୁରକ୍ଷିତ ଦେଖିପାରିବେ ସେନେଇ ମଧ ମୃଗବିହାରକୁ ସମ୍ପ୍ରସାରିତ କାର୍ଯ୍ୟକ୍ରମ ହାତକୁ ନେଇଛନ୍ତି । ଏହି ଅବସରରେ ହରିଶଙ୍କର ରେଞ୍ଜ ଅଧିକାରୀ ଅରବିନ୍ଦ ନାଏକ, ଡେପୁଟି ରେଞ୍ଜର ସୁନିଲ କୁମାର ମିଶ୍ର, ବିଡ଼ିଓ ଆକାଶ ରଞ୍ଜନ ସାହୁ, ତହସିଲଦାର ଆଦିତ୍ୟ ପ୍ରସାଦ ମିଶ୍ର, ଖପ୍ରାଖୋଲ ଥାନାଧିକାରୀ ରମାକାନ୍ତ ସାହୁ, ବନପାଳ ସନ୍ଧ୍ୟାରାଣୀ ସେଠ୍, ଅରବିନ୍ଦ ଧରୁଆ, ଘାସିରାମ ଦିକ୍ଷୀତ, ବନରକ୍ଷୀ ମହେନ୍ଦ୍ର କାଲସାଏ ପ୍ରମୁଖ ଯୋଗଦେଇ ଥିଲେ । ପରେ ହରିଶଙ୍କର ମନ୍ଦିର ପାରିପାର୍ଶ୍ୱିକ ସୌନ୍ଦର୍ଯ୍ୟକରଣ କାର୍ଯ୍ୟକ୍ରମ ବୁଲିଦେଖିବା ସହ ଠାକୁର ଦର୍ଶନ କରିଥିଲେ ।

# ରାଇକିଆରେ ଜିଲ୍ଲାସ୍ତରୀୟ ମିଲେଟ୍ ପ୍ରସ୍ତୁତି ଖାଦ୍ୟ ପ୍ରତିଯୋଗିତା

କନ୍ଧମାଳ, ୦୭/୧୧ (ନି.ପ୍ର): ଫୁଲବାଣୀ ମିଲେଟ୍ ମିଶନ କନ୍ଧମାଳ, ଆନୁକୂଲ୍ୟରେ ଆର୍ଥିକ, ବର୍ଷ ୨୦୨୩-୨୪ କୁ ଭାରତ ସରକାର, ଆନ୍ତର୍ଜାତୀୟ ମାଣ୍ଡିଆ ବର୍ଷ -୨୦୨୩ କୁ ପାଳନ କରୁଥିବା ବେଳେ ଓଡିଶା ସରକାର ମଧ "ମିଲେଟ୍ ମିଶନ୍" ମାଧମରେ ବିଭିନ୍ନ କାର୍ଯ୍ୟକ୍ରମ ଜିଲ୍ଲା ସ୍ତରରେ ହାତକୁ ନେଇ, କନ୍ଧମାଳର ରାଇକିଆ ବ୍ଲକ୍ ଠାରେ ଜିଲ୍ଲା ସ୍ତରୀୟ ମିଲେଟ୍ ଖାଦ୍ୟ ପ୍ରସ୍ତୁତି ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । ଏହି ପ୍ରତିଯୋଗିତାରେ ରାଇକିଆ ବ୍ଲକ୍ର ଗୋଷ୍ଠୀ ଉନ୍ନୟନ ଅଧିକାରୀ ସୀମାଂଚଳ ମଣ୍ଡଳ ଯୋଗ ଦେଇ ଆନୁଷ୍ଠାକିର ଭାବରେ "ମାଣ୍ଡିଆ କେକ୍, କାଟି, ମିଲେଟ୍ ଖାଦ୍ୟ ମେଳାକୁ ଶୁଭ ଉଦ୍ଘାଟନ କରିଥିଲେ । ଏହି ସହିତ ବ୍ଲକ୍ କୃଷି ଅଧିକାରୀ, ସଚିନ୍ଦ୍ର କୁମାର ସେଠୀ, ଡି.ପି.ଏମ୍.ଓ., କନ୍ଧମାଳ, ୱାସନର ଜିଲ୍ଲା ସଂଯୋଜିକା, ସବିତା ସୁବୁଦ୍ଧ ଓ ଜିଲ୍ଲା ସଂଯୋଜକ ଅଭିମନ୍ୟୁ ମହାରଣା, ମିଶନ ଶକ୍ତିର, ଅଞ୍ଜନା ପ୍ରଧାନ ରାଇକିଆ, ଜୀବିକା ମିଶନ ର ଜୟଦେବ ପ୍ରଧାନ, ଉଦ୍ୟାନ ବିଭାଗ ରାଇକିଆର, ଲିସାରାଣୀ ଦଳବେହେରା ଏବଂ ସ୍ୱାତୀର ସୁସ୍ମିତା ଜେନା ଯୋଗ ଦେଇ କାର୍ଯ୍ୟକ୍ରମକୁ ଆଗେଇ ନେଇଥିଲେ । ଆର୍ନ୍ତାତୀୟ ମିଲେଟ ବର୍ଷ ୨୦୨୩ ଉପଲକ୍ଷେ ୩୦ଜଣ ୧୫ ଗୋଟି ସ୍ୱୟଂ ସହାୟିକା ଗୋଷ୍ଠୀର ସଭ୍ୟା ଯଥା -ଦାରିଙ୍ଗବାଡି ବ୍ଲକ୍ର ୨ ଗୋଟି, କେ.ନୁଆଗାଁ ବ୍ଲକ୍ର ୨ ଗୋଟି, ଟିକାବାଲି ବ୍ଲକ୍ର ୫ ଗୋଟି ଏବଂ ରାଇକିଆ ବ୍ଲକର ୬ ଗୋଟି ଦଳ ପ୍ରତିଯୋଗିତାରେ ଭାଗନେଇ ୩ ଗୋଟି ଦଳ ପୁରସ୍କୃତ ହୋଇଥିଲେ । ପ୍ରଥମ ପୁରସ୍କୃତ ଦଳ ମାଁ ସନ୍ତୋଷୀ, କଇଁଝର, ଟିକାବାଲି, ଦ୍ୱିତୀୟା- ଓଁ ମହିମା, ଗାନ୍ଧିଙ୍ଗିଆ, କ, ନୁଆଗାଁ ଏବଂ ତୃତୀୟ ମାଁ ପାଟଖଣ୍ଡା କଇଁଝର, ଟିକାବାଲି ସଫଳ କୃତି ହୋଇଥିଲେ । ଗୋଷ୍ଠୀ ଉନ୍ନୟନ ଅଧିକାରୀ, ରାଇକିଆ, ମିଲେଟ ଖାଦ୍ୟର ଉପକାରୀତା, ଖାଦ୍ୟର ପୋଷକତା, ମିଲେଟ ଖାଦ୍ୟର ପ୍ରସାର, ଖାଦ୍ୟ ପ୍ରସ୍ତୁତି ପ୍ରଣାଳି, ନିୟମିତ ମିଲେଟ ଖାଦ୍ୟ ଗ୍ରହଣ ଦିଗରେ ସମସ୍ତଙ୍କୁ ସଚେତନ କରାଇ ଥିଲେ।

# ୧୪ ହଜାର ହେକ୍ଟରରେ ଲାଗିଛି ପୋକ: ବିପଦ ନାହିଁ କିନ୍ତୁ ବିଭିନ୍ନ ସ୍ଥାନରେ ଆଂଶିକ ଫସଲ ନଷ୍ଟ: କୃଷି ବିଭାଗର ସମୀକ୍ଷା ବୈଠକ



ଭୁବନେଶ୍ୱର, ୦୭/୧୧ (ନି.ପ୍ର): ଏକରେ କି ଦୁଇ ଏକର ନୁହେଁ, ରାଜ୍ୟର ୧୪ ହଜାର ୫୪୪ ହେକ୍ଟର ଜମିରେ ଚକଡ଼ା, କାଣ୍ଡବିନ୍ଧା ସମେତ ବିଭିନ୍ନ ପ୍ରକାର ପୋକ ଲାଗିଥିବା ନେଇ କୃଷି ବିଭାଗ ପକ୍ଷରୁ ଆକଳନ କରାଯାଇଛି। ରିପୋର୍ଟ ଅନୁସାରେ, କେବଳ ଚକଡ଼ା ପୋକ ଦ୍ୱାରା ୩୬୮୩ ହେକ୍ଟର ଫସଲ ପ୍ରଭାବିତ ହୋଇଛି। ୨୧୧୪ ହେକ୍ଟରରେ ଏହାର ତୀବ୍ରତା କମ, ୧୫୧୨ ହେକ୍ଟରରେ ମଧ୍ୟମ ଏବଂ ୫୬ ହେକ୍ଟର ଫସଲରେ ଅଧିକ ରହିଛି। ୧୩୮୬ ହେକ୍ଟରରେ ଆବଶ୍ୟକ କୀଟନାଶକ ଦିଆଯାଇ ଫସଲ ବଞ୍ଚାଇ ଦିଆଯାଇଥିବା ବିଭାଗ ଦାବି କରିଛି। ତେବେ ମଧ୍ୟମ ଏବଂ ଅଧିକ ତୀବ୍ର ଥିବା ଫସଲରେ ବିପଦ ବର୍ତ୍ତମାନ ମଧ୍ୟ ରହିଛି। ସେହିଭଳି କାଣ୍ଡବିନ୍ଧା ଏବଂ ଅନ୍ୟ ପୋକ ଲାଗିଥିବା ୧୦ ହଜାର ୮୬୧ ହେକ୍ଟର ମଧ୍ୟରୁ ୬୬୧୨ ହେକ୍ଟରରେ ସ୍ୱଳ୍ପ, ୪୧୭୨ ହେକ୍ଟରରେ ମଧ୍ୟମ ଏବଂ ୭୫ ହେକ୍ଟରରେ ପୋକର ପ୍ରଭାବର ତୀବ୍ରତା ଅଧିକ ରହିଛି। ପୋକ ଯୋଗୁଁ କ୍ଷତିଗ୍ରସ୍ତ ୩ ହଜାର ହେକ୍ଟରକୁ ବଞ୍ଚାଇ ଦିଆଯାଇଥିବା ବିଭାଗୀୟ ଅଧିକାରୀମାନେ ମତ ରଖିଛନ୍ତି। ଏ ସଂପର୍କରେ ବାଲେଶ୍ୱର ଜିଲ୍ଲାର ହରିଶ୍ଚନ୍ଦ୍ର କହିଛନ୍ତି, ସେ ଚାଷ କରିଥିବା ୨୦ ଏକରରୁ ପ୍ରାୟ ୮ ଏକର ଜମିରେ ଚକଡ଼ା ଲାଗି ଫସଲ ଶୁଖି ଆସିଲାଣି। ଫସଲ ବଞ୍ଚାଇବା ପାଇଁ କୀଟନାଶକ ସିଞ୍ଚନ କରୁଥିଲେ ବି ସୁଫଳ ମିଳିପାରି ନାହିଁ। ସେ ରହୁଥିବା ସୁନାରୁଆ ଗାଁର ଅଧିକାଂଶ ଚାଷୀଙ୍କ ଫସଲରେ ଚକଡ଼ା ଏବଂ କାଣ୍ଡବିନ୍ଧା ଲାଗିଛି। ସମ୍ବଲପୁର ଚାଷୀ ସଙ୍ଗଠନର ଅଶୋକ ପ୍ରଧାନ କହିଛନ୍ତି, କିଛି ଦିନ ପୂର୍ବରୁ ଜିଲ୍ଲାର ବିଭିନ୍ନ ସ୍ଥାନରେ ଲାଗିଥିବା ଚକଡ଼ା ଏବଂ କାଣ୍ଡବିନ୍ଧା ଅନେକାଂଶରେ ନିୟନ୍ତ୍ରିତ ହୋଇଛି। କିଛି ସ୍ଥାନରେ କାଣ୍ଡବିନ୍ଧା ଯୋଗୁଁ ଫସଲ ମରିଯାଉଥିବା ଦେଖାଯାଉଛି। ଶୀତ ଆସିବାରୁ ପୋକ ବ୍ୟାପିବାରେ ନିୟନ୍ତ୍ରଣ ଲାଗିଛି। ସବୁ ଜିଲ୍ଲାରେ ଉଭୟ ଚକଡ଼ା ଏବଂ କାଣ୍ଡବିନ୍ଧା ଲାଗିଛନ୍ତି। ବାଲେଶ୍ୱର, ସମ୍ବଲପୁର, କେନ୍ଦୁଝର, ନୂଆପଡ଼ା, ଝାରସୁଗୁଡ଼ା, ଭଦ୍ରକ ଏବଂ ଯାଜପୁର ଜିଲ୍ଲାର କିଛି ସ୍ଥାନ ସମେତ ରାଜ୍ୟର ୨୩ ବ୍ଲକରେ ଏହି ସମସ୍ୟା ଅଧିକ ରହିଛି। କୌଣସି ସ୍ଥାନରେ ସମ୍ପୂର୍ଣ୍ଣ ଫସଲ ନଷ୍ଟ ହୋଇ ନାହିଁ। ଆଂଶିକ ଭାବରେ ପ୍ରଭାବିତ କରିଥିବା ଦେଖାଯାଉଛି। ଥରେ ଚକଡ଼ା ପୋକ ଲାଗିଗଲେ ଏହା କିଛି ଦିନ ମଧ୍ୟରେ ସମ୍ପୂର୍ଣ୍ଣ ଅଞ୍ଚଳକୁ ବ୍ୟାପିଯାଏ। ତେଣୁ ଏହାକୁ ନେଇ ଉଭୟ ଚାଷୀ ଏବଂ କୃଷି ବିଭାଗ ବିଶେଷ ଯତ୍ନଶୀଳ। ଇତିମଧ୍ୟରେ କୃଷି ବିଭାଗରେ ମଧ୍ୟ ଏହାକୁ ନେଇ ବୈଠକ ହୋଇଛି। ଯେଉଁଠି ଏହିଭଳି ପୋକ ଆକ୍ରାନ୍ତ ଥିବା ଜଣାପଡୁଛି। କୃଷି ବିଭାଗ ବିଶେଷଜ୍ଞ ଏବଂ କୃଷି ବିଜ୍ଞାନ କେନ୍ଦ୍ର ବିଶେଷଜ୍ଞଙ୍କୁ ପଠାଯାଉଥିବା ସୂଚନା ଦିଆଯାଇଛି।

# ଖୋର୍ଦ୍ଧା ବ୍ଲକରେ ମିଳିତ ଜନଶୁଣାଣି ଶିବିର ଅନୁଷ୍ଠିତ

ଖୋର୍ଦ୍ଧା, ୦୭/୧୧ (ନି.ପ୍ର): ସୋମବାର ଖୋର୍ଦ୍ଧା ପଂଚାୟତ ସମିତି କାର୍ଯ୍ୟାଳୟ ପରିସରରେ ଜିଲ୍ଲାପାଳ କେ. ସୁଦର୍ଶନ ଚକ୍ରବର୍ତୀଙ୍କ ଅଧକ୍ଷତାରେ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୋଟ ୯୪ଟି ଅଭିଯୋଗ ଦାଖଲ ହୋଇଥିବା ବେଳେ ସେଥିମଧ୍ୟରୁ ୮୪ ଟି ଅଭିଯୋଗ ବ୍ୟକ୍ତିଗତ ଥିଲା ଓ ୬ଟି ଗ୍ରାମର ସାମୂହିକ ସମସ୍ୟା ଥିଲା। ଉକ୍ତ ଅଭିଯୋଗ ମାନଙ୍କ ମଧ୍ୟରୁ ସ୍ଥଳବିଶେଷରେ ୩ ଟି ଅଭିଯୋଗର ତତ୍କାଳ ସମାଧାନ କରାଯାଇଥିଲା। ଜଣଙ୍କୁ ୨୦ ହଜାର ଟଙ୍କାର ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ଆର୍ଥିକ ସହାୟତା ରାଶି ପ୍ରଦାନ କରାଯାଇଛି।

ଆଜିର ଏହି ଜନଶୁଣାଣିରେ ଆରକ୍ଷୀ ଅଧିକ୍ଷକ ସିଦ୍ଧାର୍ଥ କାଟାରିଆ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ବାଦଲ କୁମାର ମହାନ୍ତି, ଉପ-ଜିଲ୍ଲାପାଳ ଦୀପ୍ତି ରଞ୍ଜନ ସେଠୀ, ସିଡ଼ିଏମଓ ଡା. ଆର୍ତବନ୍ଧୁ ନାୟକ, ବିଡିଓ ଓ ଅନ୍ୟ ସମସ୍ତ ବିଭାଗୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।

# ଯାଜପୁରରେ ନିର୍ମାଣାଧିନ ମେଡିକାଲ କଲେଜ ନାମ ପରିବର୍ତ୍ତନ ଦାବି ଜୋର ଧରିଲା

ଧର୍ମଶାଳା, ୦୭/୧୧ (ନି.ପ୍ର): ଯାଜପୁର ଜିଲା ସଦର ମହକୁମାରେ ଓଡିଶା ସରକାରଙ୍କ ପକ୍ଷରୁ ମେଡିକାଲ କଲେଜ ସ୍ଥାପନ ପାଇଁ ନିଷ୍ପତି ନିଆଯାଇଛି । ଏବେ ଏହା ନିର୍ମାଣାଧିନ ରହିଛି ଏବଂ ଆସନ୍ତା ବର୍ଷରୁ ଏହା କାର୍ଯ୍ୟକ୍ଷମ ହେବ ବୋଲି ସରକାରଙ୍କ ପକ୍ଷରୁ ଘୋଷଣା କରାଯାଇଛି । ତେବେ ଏହି କଲେଜର ନାମକରଣକୁ ନେଇ ବିବାଦ ଦେଖା ଦେଇଛି । ସରକାରଙ୍କ ପକ୍ଷରୁ ଏହି ମେଡିକାଲର ନାମ ଯଯାତି କେଶରୀଙ୍କ ନାମରେ ନାମିତ କରାଯିବା ଲାଗି ସ୍ଥିର ହୋଇଛି । ଏହି ନାମକରଣ ପରିବର୍ତନ ନିମନ୍ତେ ଦାବି ଏବେ ଜୋର ଧରିଛି । ଏହି ନାମ ପରିବର୍ତନ କରି ବିଦଗ୍ଧ କବି ଅଭିମନ୍ୟୁ ସାମନ୍ତ ସିଂହାରଙ୍କ ନାମରେ ନାମିତ ପାଇଁ ବିଭିନ୍ନ ମହଲରୁ ଦାବି ହେଉଛି । ଏହି କ୍ରମରେ ଏକ ଜନ ଆନ୍ଦୋଳନ ପାଇଁ ବିଦଗ୍ଧ କବି ଅଭିମନ୍ୟୁ ସ୍ମୃତି ସୁରକ୍ଷା ମଂଚ ଅଂଟା ଭିଡିବା ସହିତ ଜିଲାର ବିଭିନ୍ନ ସ୍ଥାନରୁ ଦସ୍ତଖତ ଓ କର୍ମୀଙ୍କ ମତାମତ ଲୋଡିଛି । ଯାଜପୁର ଜିଲା ରସୁଲପୁର ବ୍ଲକ ବ୍ରହ୍ମବରଦା ହାଟସ୍ଥିତ ଅବସରପ୍ରାପ୍ତ କର୍ମଚାରୀ ସଂଘ କାର୍ଯ୍ୟାଳୟ ପରିସରରେ ବରୀ ନିର୍ବାଚନ ମଣ୍ଡଳୀ ୩୬ ନଂ ଜୋନ ଜିଲା ପରିଷଦ ସଭ୍ୟା ଭାରତୀ ବିଶ୍ୱାଳଙ୍କ ସଭାପତିତ୍ୱରେ ଗଣ ଆନ୍ଦୋଳନ ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ସଂଗଠନର ଆବାହକ ନିମାଇଁ ଚରଣ ରାୟ ପ୍ରାରମ୍ଭିକ ସୂଚନା ଦେବା ସହିତ କଲେଜର ନାମ ପରିବର୍ତନ କରି ବିଦଗ୍ଧ କବି ଅଭିମନ୍ୟୁଙ୍କ ନାମରେ ନାମିତ କରିବା ପାଇଁ ଦାବି ଜଣାଇଥିଲେ । ପ୍ରାକ୍ତନଶିକ୍ଷାବିତ୍ ଗଗନ ବିହାରୀ ଜେନା ମଂଚ ପରିଚାଳନା କରିବା ସହ ଏହାର ପ୍ରସଙ୍ଗିକତା ଉପରେ ମତବ୍ୟକ୍ତ କରିଥିଲେ । ଶିକ୍ଷାବିତ୍ ତଥା କବି ବିଶ୍ୱନାଥ ପଣ୍ଡା, ବୟୋଜ୍ୟେଷ୍ଠ ବିପିନ ବିହାରୀ ଦେଓ, ଶ୍ୟାମସୁନ୍ଦର ପାଢୀ, ୩୬ ନଂ ଜୋନର ପୂର୍ବତନ ଜିଲା ପରିଷଦ ସଭ୍ୟା ଆରତୀ ଦେଓ ଓ କମଳପୁର ଚୌଧୁରୀ ସତ୍ୟ ସୁନ୍ଦର ଉଜ୍ଜ୍ୱଳ ମହାପାତ୍ର ପ୍ରମୁଖ ଯୋଗ ଦେଇ ଯଯାତି କେଶରୀ ନାମକରଣକୁ ବିରୋଧ କରିଥିଲେ । ଏକ ଦାବି ପତ୍ର ସଂଗ୍ରହ କରାଯାଇ ମୁଖ୍ୟମନ୍ତ୍ରୀ, ଯାଜପୁର ସାଂସଦ, ଜିଲାର ସମସ୍ତ ବିଧାୟକ/ ବିଧାୟିକା ଓ ଜିଲାପାଳଙ୍କ ନିକଟକୁ ପ୍ରେରଣ କରାଯିବ ବୋଲି ଏହି ବୈଠକରେ ସ୍ଥିର କରାଯାଇଥିଲା । ଅନ୍ୟମାନଙ୍କ ମଧ୍ୟରେ ଯୁବ ନେତା ପ୍ରଦିପ ଦାସ, ହେମନ୍ତ ସାହୁ, ନିମାଇଁ ଚରଣ ଦାସ, ବିଦଗ୍ଧ ନିର୍ଦ୍ଦେଶକ ଶରତ ଚନ୍ଦ୍ର ଜେନା, ଦିଲିପ ଶଙ୍କର ବେହେରା, ଅଭିମନ୍ୟୁ ସ୍ମୃତି ସଂସଦର ମନ୍ମଥ ରାୟ, ଗାୟକ, ଗୁନଚରଣ ନାୟକ, ପ୍ରଫୁଲ୍ଲ ଗିରି, ଅବଦୁଲ କଲାମ ପ୍ରମୁଖ ନିଜନିଜସ୍ୱ ମତାମତ ପ୍ରକାଶ କରିଥିଲେ । ଶେଷରେ ବ୍ରହ୍ମବରଦାର ପୂର୍ବତନ ସରପଂଚ ବିଜୟ ଦାସ ଧନ୍ୟବାଦ ଅର୍ପଣ କରିଥିଲେ ।

# ଭୋଟର ସଚେତନତା ରଥ ଉଦ୍‌ଘାଟିତ

ମାଲକାନଗିରି, ୦୭/୧୧ (ନି.ପ୍ର): ଜିଲ୍ଲା ପ୍ରଶାସନ ପକ୍ଷରୁ ଭୋଟରଙ୍କ ମଧ୍ୟରେ ସଚେତନତା ସୃଷ୍ଟି ସହ ୨୦୨୪ ବର୍ଷ ପାଇଁ ନୂତନ ଓ ତ୍ରୁଟିଶୂନ୍ୟ ଭୋଟର ତାଲିକା ପ୍ରସ୍ତୁତି ଅଭିଯାନ ନେଇ ଆଜି ଜିଲ୍ଲା ନିର୍ବାଚନ ଅଧିକାରୀ ତଥା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରୁ ଭୋଟର ସଚେତନତା ରଥ ଉଦଘାଟନ ହୋଇଛି । ଜିଲ୍ଲା ନିର୍ବାଚନ ଅଧିକାରୀ ତଥା ଜିଲ୍ଲାପାଳ ବିଶାଲ ସିଂ ଏହି ସଚେତନତା ରଥ ଉଦଘାଟନ କରିଥିବା ବେଳେ ଅତିରିକ୍ତ ଜିଲ୍ଲା ନିର୍ବାଚନ ଅଧିକାରୀ ତଥା ଅତିରିକ୍ତ ଜିଲ୍ଲାପାଳ, ରାଜସ୍ୱ, ବେଦବର ପ୍ରଧାନ, ଅତିରିକ୍ତ ଜିଲ୍ଲାପାଳ, ସାଧାରଣ, ତ୍ରିନାଥ ମାଝୀ ଏବଂ ଜିଲ୍ଲା ନିର୍ବାଚନ ପଞ୍ଜୀକରଣ ଅଧିକାରୀ ତଥା ଉପଜିଲ୍ଲାପାଳ ଡ଼ଃ. ଅକ୍ଷୟ ଖେମୁଣ୍ଡୁ ଉପସ୍ଥିତ ଥିଲେ । ଯେପରି ଅଧିକରୁ ଅଧିକ ଭୋଟର ଏବଂ ଯୁବ ଭୋଟରମାନେ ଏହି କାର୍ଯ୍ୟକ୍ରମ ମାଧ୍ୟମରେ ପଞ୍ଜୀକରଣ କରିବେ ସେଥି ନିମନ୍ତେ ଜିଲ୍ଲାପାଳ ଶ୍ରୀ ସିଂ ଗୁରୁତ୍ୱାରୋପ କରିଥିଲେ । ଏହି ଭୋଟର ସଚେତନତା ରଥ ମୁଖ୍ୟତଃ ନୂତନ ଭୋଟର ମାନଙ୍କୁ ଭୋଟର ତାଲିକାରେ ନାମ ଅନ୍ତର୍ଭୁକ୍ତ, ଭୋଟର ତାଲିକାରେ ସଂଶୋଧନ ଇତ୍ୟାଦି ପାଇଁ ଏହା ସମସ୍ତଙ୍କୁ ସଚେତନ କରାଇବ । ୧୭ ବର୍ଷରୁ ଉର୍ଦ୍ଧ୍ୱ ଯୁବକ ଯୁବତୀଙ୍କୁ ଭୋଟର ତାଲିକାରେ ନାମ ଯୋଡିବା ପାଇଁ ୫, ୧୧, ୧୯ ଓ ୨୫ ନଭେମ୍ବରରେ ସ୍ୱତନ୍ତ୍ର ପ୍ରଚାର ଦିବସର ଆୟୋଜନ କରାଯାଇଛି । ଏଥି ନିମନ୍ତେ ନୂତନ ଭୋଟର ନିକଟସ୍ଥ ବୁଥ୍ କୁ ଯାଇ ବୁଥ୍ ସ୍ତରୀୟ ଅଧିକାରୀଙ୍କ ନିକଟରେ ଆବେଦନ କରିପାରିବେ।

# ଜନନୀ ଯନ୍ତ୍ରଣା : ରାସ୍ତାରେ ଶିଶୁପୁତ୍ର ଜନ୍ମ ଦେଲେ ଗର୍ଭବତୀ

ମୁଖୀଗୁଡା, ୦୭/୧୧ (ନି.ପ୍ର): ପାହାଡିଆ ରାସ୍ତା ଦେଇ ଖଟିଆରେ ବୁହାହୋଇ ଜନନୀ ସୁରକ୍ଷା ଗାଡି ନିକଟକୁ ପହଂଚିବା ପୂର୍ବରୁ ହିଁ ରାସ୍ତାରେ ଶିଶୁ ପୁତ୍ର ଜନ୍ମ ଦେଇଛନ୍ତି ଜଣେ ଗର୍ଭବତୀ। ଉଭୟ ମା ଓ ଶିଶୁ ସୁରକ୍ଷିତ ଥିବାବେଳେ ଜନନୀ ସୁରକ୍ଷା ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । କଳାହାଣ୍ଡି ଜିଲ୍ଲା ଜୟପାଟଣା ବ୍ଲକ ଧନସୁଲି ଗ୍ରାମପଂଚାୟତ ନଳାଚୁଆଁ ଗାଁ ର ଶୁକ୍ରୀ ଯାନୀ(୩୦)ଙ୍କୁ ଆଜି ସକାଳ ୭ଟା ରେ ପ୍ରସବପୀଡା ହୋଇଥିଲା ।ତାଙ୍କୁ ଡାକ୍ତରଖାନା ଆଣିବା ପାଇଁ ଜନନୀ ସୁରକ୍ଷା ଗାଡିକୁ ଖବର ଦିଆଯାଇଥିଲା। କିନ୍ତୁ, ନଳାଚୁଆଁଗାଁକୁ ଭଲ ରାସ୍ତା ନଥିବାରୁ ୫ କି.ମି. ଦୂର ବାଙ୍ଗଟିସାହାଜ ଗାଁ ପାଖରେ ଜନନୀ ସୁରକ୍ଷା ଗାଡି ଅଟକି ରହିଥିଲା। ଗାଁ ଲୋକଙ୍କ ସହାୟତାରେ ଶୁକ୍ରୀଙ୍କୁ ଖଟିଆରେ ବୋହି ଅଣାଯାଉଥିଲା। ହେଲେ ଜନନୀ ସୁରକ୍ଷା ଗାଡି ନିକଟରେ ପହଂଚିବା ପୂର୍ବରୁ ରାସ୍ତାରେ ଶୁକ୍ରୀଙ୍କ ଅଧିକ ପ୍ରସବ ପୀଡା ହୋଇ ସେ ଏକ ଶିଶୁ ପୁତ୍ର ଜନ୍ମ ଦେଇଥିଲେ ।ପରେ ଖବର ପାଇ ଧନସୁଲି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରର ନର୍ସିଂ ଅଫିସର ତୁସୁମ କୁମାର, ଏଏନଏମ ଚନ୍ଦ୍ରକାନ୍ତି ମାଝୀ ଓ ଆଶା କର୍ମୀ ତୁଳସା ନାଏକ ପହଂଚି ମା ଶିଶୁପୁତ୍ରର ସ୍ୱାସ୍ଥ୍ୟ ପରୀକ୍ଷା କରିବା ପରେ ଉଭୟ ମା ଓ ପୁଅ ସୁରକ୍ଷିତ ଅଛନ୍ତି । କିନ୍ତୁ, ଶିଶୁ ପୁତ୍ର ଜନ୍ମ ହେଲା ପରେ ଶୁକ୍ରୀ ଏବଂ ତାଙ୍କ ପରିବାର ଡାକ୍ତରଖାନା ଯିବାକୁ ଅନିଚ୍ଛୁକ ଥିବା ବେଳେ ନର୍ସିଂ ଅଫିସର ମା ଓ ଶିଶୁର ସୁରକ୍ଷା ପାଇଁ ଡାକ୍ତରଖାନା ଯିବା ଜରୁରୀ ବୋଲି ବୁଝାଇବା ପରେ ସେମାନେ ରାଜି ହୋଇଥିଲେ। ପରେ ମା ଓ ଶିଶୁକୁ ଜନନୀ ସୁରକ୍ଷା ଗାଡ଼ିରେ ଆଣି ଜୟପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତି କରାଯାଇଛି। ତେବେ ଏଠାରେ ପ୍ରଶ୍ନ ଉଠେ ଯେ, ଦୁର୍ଗମ ଅଂଚଳର ବିକାଶ ହେବ କେବେ ? ଗୋଟିଏ ପଟେ ସରକାର ଜନନୀ ସୁରକ୍ଷା ତଥା ଦୁର୍ଗମ ଅଂଚଳ ଗୁଡିକ ପାଇଁ ସ୍ୱତନ୍ତ୍ର ଯୋଜନା ଆରମ୍ଭ କରିଛନ୍ତି, କିନ୍ତୁ ସ୍ଥାନୀୟ ଜନପ୍ରତିନିଧିଙ୍କ ଅବହେଳା ଯୋଗୁଁ ସବୁ ଯୋଜନା ଓ ବ୍ୟବସ୍ଥା ବାଟବଣା ହେଉଥିବା ଅଭିଯୋଗ ହେଉଛି। ଜୟପାଟଣା ବ୍ଲକରେ ବିଗତ ଦିନରେ ବିଭିନ୍ନ ଅନୁଦାନରେ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ ହେଉଥିବା ବେଳେ ଦୁର୍ଗମ ଅଂଚଳ ନଳାଚୁଆଁଗାଁକୁ ସବୁଦିନିଆ ରାସ୍ତା କେବେ ହେବ ବୋଲି ପ୍ରଶ୍ନ ଉଠିଛି ।

# ରାଣୀଗଡରେ ପଂଚାୟତସ୍ତରୀୟ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ

ଜୟପୁର, ୦୭/୧୧ (ନି.ପ୍ର): କୋରାପୁଟ ଜିଲ୍ଲା ଜୟପୁର ବ୍ଲକ ଅନ୍ତର୍ଗତ ରାଣୀଗଡ ଠାରେ ପଂଚାୟତସ୍ତରୀୟ ଅଭିଯୋଗ ଓ ଜନ ଶୁଣାଣି ଓ ମାଗଣା ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି ଅଭିଯୋଗ ଶୁଣାଣିରେ ବିଡିଓ ଶକ୍ତି ମହାପାତ୍ର ,ଏବିଡିଓ ମନୋଜ ନାୟକ, ଜିପିଓ ପ୍ରଶାନ୍ତ ମିଶ୍ର, ବ୍ଲକ ସମାଜିକ ସୁରକ୍ଷା ଅଧିକାରି କେ.ଏସ ନିସା, ସରପଂଚ ଲଛମନ ହାଲବା , ସମିତି ସଭ୍ୟା ତୁଳଶା ମୁଦୁଲି. ଜିଆରଏସ ସ୍ୱାସ୍ଥ୍ୟ ବିଭାଗ, ହଟିକଲଚର,କୃଷି ବିଭାଗ, ଯୋଗାଣ ସହାୟକ ସହ ଅନ୍ୟ ବିଭାଗର ବ୍ଲକ ସ୍ତରୀୟ ଅଧିକାରି ମାନେ ଉପସ୍ଥିତ ଥିଲେ । ଏଥିରେ ପଂଚାୟତର ବିଭିନ୍ନ ଗ୍ରାମର ଗ୍ରାମବାସୀ ଉପସ୍ଥିତ ଥିଲେ । ଗ୍ରାମବାସୀ ମାନେ ଅଧିକାରୀମାନଙ୍କୁ ସମସ୍ୟା, ଅଭିଯୋଗ ଜଣାଇଥିଲେ । ବିଭିନ୍ନ ମୌଳିକ ସମସ୍ୟା ଅଭିଯୋଗର ଶୁଣାଣି ହୋଇଥିଲା । ଏଠାରେ ମାଗଣା ସ୍ୱାସ୍ଥ୍ୟ ପରୀକ୍ଷା କରିବା ସହ ଔଷଧ ପ୍ରଦାନ କରାଯାଇଥିଲା ।

# ସ୍ୱର୍ଗତଃ ବାସନ୍ତୀ ବିଶ୍ୱାଳଙ୍କ ସ୍ମୃତି ଉଦ୍ଦେଶ୍ୟରେ ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ

ଭୁବନେଶ୍ୱର/ବ୍ରହ୍ମପୁର, ୭/୧୧ (ନି.ପ୍ର): ସ୍ୱର୍ଗତଃ ବାସନ୍ତୀ ବିଶ୍ୱାଳ ଙ୍କର ବିୟୋଗର ଦ୍ୱାଦଶ ତିଥିରେ ତାଙ୍କ ଉଦେଶ୍ୟରେ ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି । ଏହି ଉପଲକ୍ଷେ ସେ ବସବାସ କରୁଥିବା ବ୍ରହ୍ମପୁର ସହରର ହିଲପାଟଣା ଠାରେ ଅବସ୍ଥିତ ସହୀଦ ଲକ୍ଷ୍ମଣ ନାୟକ କମ୍ୟୁନିଟି ହଲ ରେ ଆୟୋଜିତ ଏକ ଶୋକ ସଭାରେ ବହୁ ବରେଣ୍ୟ ଅତିଥି ଯୋଗ ଦେଇ ତାଙ୍କର ଆଦର୍ଶ ଜୀବନର ଅମ୍ଳାନ ସ୍ମୃତି ଚାରଣ କରିବା ସଙ୍ଗେ ସଙ୍ଗେ ଦିବଙ୍ଗତ ଆତ୍ମା ର ସଦଗତି ଓ ଚୀର ଶାନ୍ତି କାମନା କରିଥିଲେ । ଶ୍ରୀମତୀ ବିଶ୍ୱାଳଙ୍କର ଗତ ଅକ୍ଟୋବର ମାସ ୨୨ ତାରିଖରେ ୬୬ବର୍ଷ ବୟସରେ ନିଧନ ଘଟିଥିଲା । ସେହିଦିନ ରାତିରେ ପରିବାର ବର୍ଗ ଙ୍କ ଉପସ୍ଥିତିରେ ପୁରୀ ର ସ୍ୱର୍ଗଦ୍ୱାର ଠାରେ ତାଙ୍କର ଶେଷ କୃତ୍ୟ ସମ୍ପନ୍ନ କରାଯାଇଥିଲା । ସ୍ୱର୍ଗତଃ ବିଶ୍ୱାଳ ତାଙ୍କର ସ୍ୱାମୀ ଓଡ଼ିଶା ରାଜ୍ୟ ପରିବହନ ନିଗମର ପୂର୍ବତନ ଯନ୍ତ୍ରୀ ଇଞ୍ଜିନିୟର ମୀନକେତନ ବିଶ୍ୱାଳ, ବଡ଼ ପୁଅ ମାଞ୍ଚେଷ୍ଟର ଠାରେ ଆବସ୍ଥାପିତ ୱାଲର୍ଡ ଓଡ଼ିଶା ସୋସାଇଟି ର ମହାସଚୀବ ଶିବ ରଞ୍ଜନ ବିଶ୍ୱାଳ, ସାନପୁଅ ଯୁବ ଶିଳ୍ପଦ୍ୟୋଗୀ ଶିବ କୁମାର ବିଶ୍ୱାଳ, ଝିଅ ସ୍ମିତା ବେହେରା, ଜ୍ୱାଇଁ ଇଂଜିନିୟର ସରୋଜ କୁମାର ବେହେରା, ଦୁଇ ବୋହୂ ପୂଜା ଖଣ୍ଡୁଆଳ ଓ ଆରତୀ ବିଶ୍ୱାଳ ତଥା



ନାତି ନାତୁଣୀ ସ୍ନେହା, ଗୁଡୁ, ଲିଚି,ଚିକୁ,ଶ୍ରଦ୍ଧା ଓ ସାଇ ଙ୍କୁ ଛାଡି ଯାଇଛନ୍ତି । ସ୍ୱର୍ଗତଃ ବାସନ୍ତୀ ବିଶ୍ୱାଳ ଏକାଧାରରେ ଜଣେ ଧର୍ମପରାୟଣା , ସରଳ, ଅମାୟୀକ, ସ୍ନେହୀ, ମିଷ୍ଟଭାଷୀ, ଦରଦୀ, ପରୋପକାରୀ ଓ ଏକ ପୂର୍ଣ୍ଣାଙ୍ଗ ବ୍ୟକ୍ତିତ୍ୱ ଅଧିକାରୀ ଥିଲେ। ସେ ୧୯୫୭ ମସିହା ସେପ୍ଟେମ୍ବର ୨୧ତାରିଖରେ ଭଞ୍ଜନଗର ର ନଟେଙ୍ଗା ଗ୍ରାମରେ ମାତା ସୁଷମା ନାୟକ ଓ ପିତା ଅଭିମନ୍ୟୁ ନାୟକଙ୍କର ଔରସରୁ ଜନ୍ମଗ୍ରହଣ କରିଥିଲେ । ପରିବାର ରେ ସେମାନେ ୬ ଭଉଣୀ ଓ ଏକମାତ୍ର ଭାଇ ଥିଲେ। ଭଉଣୀ ମାନେ ହେଲେ ବର୍ତ୍ତମାନ ର ଆସ୍କା ବିଧାୟିକା ମଞ୍ଜୁଳା ସ୍ୱାଇଁ, ସଂଯୁକ୍ତା ପାତ୍ର, ଲିଲି ଜେନା, ବିଷ୍ଣୁପ୍ରିୟା ନାୟକ, ଭାଗ୍ୟଲତା ରାଉତ ଓ ଭାଇ ସ୍ୱର୍ଗତଃ ସନ୍ତୋଷ ନାୟକ। ଶ୍ରୀମତୀ ବିଶ୍ୱାଳ ୧୯୭୬ ମସିହା ମାର୍ଚ୍ଚ ୩ ତାରିଖରେ ଆସ୍କାର ବରଗାଁ ନିବାସୀ ସ୍ୱର୍ଗତଃ କିଶୋର ଚନ୍ଦ୍ର ବିଶ୍ୱାଳ ଏବଂ ସ୍ୱର୍ଗତଃ ସତ୍ୟଭାମା ବିଶ୍ୱାଳ ଙ୍କର ଜେଷ୍ଠ ପୁତ୍ର ମୀନକେତନ ବିଶ୍ୱାଳ ଙ୍କୁ ବିବାହ କରିଥିଲେ ।ତାଙ୍କର ଦୁଇ ଦିଅର ଉଦୟନାଥ ବିଶ୍ୱାଳ ଓ ବିପିନ ବିହାରୀ ବିଶ୍ୱାଳ ଏବଂ ପାଞ୍ଚ ଜଣ ନଣନ୍ଦ ଯଥା ଶଶୀଦେବୀ ସ୍ୱାଇଁ, ଉଷାରାଣୀ ବିଶୋଇ, ନିଶାମଣୀ ନାୟକ, ଇନ୍ଦିରା ନାୟକ ଓ କଲ୍ୟାଣୀ ବେହେରା ଥିଲେ। ପ୍ରବଳ ଈଶ୍ୱର ବିଶ୍ୱାସୀ ସ୍ୱର୍ଗତଃ ବାସନ୍ତୀ ବିଶ୍ୱାଳ ତାଙ୍କର ସ୍ୱାମୀ ଙ୍କ ସହିତ ଯାଜପୁର ର ବାହାଦଲପୁର ସ୍ଥିତ ସୁଧର୍ମା ମହାସଂଘ ର ପ୍ରତିଷ୍ଠାତା ସୁପ୍ରସିଦ୍ଧ ଆଧାତ୍ମିକ ଗୁରୁ ମାଧବ ବାବା ଙ୍କର ଆଗ ଧାଡ଼ି ର ଭକ୍ତ ଥିଲେ । ଶ୍ରୀମତୀ ବିଶ୍ୱାଳଙ୍କର ବିୟୋଗରେ ଶୋକ ପ୍ରକାଶ କରିଥିବା ବିଶିଷ୍ଟ ବ୍ୟକ୍ତି ମାନଙ୍କ ମଧ୍ୟରେ ଗଜପତି ମହାରାଜା ଦିବ୍ୟସିଂହ ଦେବ, ୱାଲର୍ଡ଼ ଓଡ଼ିଶା ସୋସାଇଟି ର ଅଧକ୍ଷ କିଶୋର ଦ୍ୱିବେଦୀ, ପ୍ରତିଷ୍ଠାତ୍ରୀ ଡ଼. ଅରୁନ୍ଧତୀ ଦେବୀ, ଉପାଧକ୍ଷ ଡ଼. ନଳିନୀ ପତି, ମୁଖ୍ୟ ପ୍ରୋତ୍ସାହକ ପ୍ରୀତିଶ ଦାଶ, ସାଂସଦ ଅମର ପଟ୍ଟନାୟକ ଓ ଚନ୍ଦ୍ର ଶେଖର ସାହୁ, ବିଧାୟକ ବିକ୍ରମ ପଣ୍ଡା , ଚିତ୍ର ତାରକା ସବ୍ୟସାଚୀ ମିଶ୍ର,ପୂର୍ବତନ ବିଧାୟକ ପ୍ରିୟଦର୍ଶୀ ମିଶ୍ର , ରୋଜାଲୀନ ମିଶ୍ର, ମୁଖ୍ୟମନ୍ତ୍ରୀ ଙ୍କ କାର୍ଯ୍ୟାଳୟ ରୁ ଆଦିତ୍ୟ ମହାପାତ୍ର, ସୁମନ୍ତ ମାନସିଂହ, ଉତ୍ତମ ତ୍ରିପାଠୀ, ମମତା ନାୟକ, ସନ୍ଦୀପ ନାୟକ, ରମେଶ ରାଉତରାୟ, କଳ୍ପନା ମିଶ୍ର, ଉଷାରାଣୀ ରାଉତ, ନିଶେବିତା ଦାସ, ନୀରେନ୍ଦ୍ର ଜେନା, ଉପେନ୍ଦ୍ର ପତି, ମୀନା ପତି, ସୁରେନ୍ଦ୍ର ଆଚାର୍ଯ୍ୟ, ଅଞ୍ଜନା ଶତପଥୀ, ପ୍ରବାଶ ମିଶ୍ର, ଶୁଭକାନ୍ତ ମହାନ୍ତି, ଶ୍ରୀନିବାସ ପଟ୍ଟନାୟକ, ଜୀବନ ପାଣିଗ୍ରାହୀ, ବିଷ୍ଣୁ ଦାଶ, ପ୍ରଶାନ୍ତ ସାହୁ ଓ ଶ୍ରୀପତୀ ଜେନା ପ୍ରମୁଖ ଅନ୍ତର୍ଭୁକ୍ତ। ବ୍ରହ୍ମପୁର ଠାରେ ଅନୁଷ୍ଠିତ ଶ୍ରଦ୍ଧାଞ୍ଜଳି ସମାରୋହରେ ଯୋଗ ଦେଇ ସ୍ୱର୍ଗତଃ ବାସନ୍ତୀ ବିଶ୍ୱାଳ ଙ୍କର ଫଟୋ ଚିତ୍ର ରେ ପୁଷ୍ପ ଅର୍ପଣ କରିଥିବା ମାନଗଣ୍ୟ ବ୍ୟକ୍ତି ମାନଙ୍କ ମଧ୍ୟରେ ଆସ୍କା ବିଧାୟିକା ମଞ୍ଜୁଳା ସ୍ୱାଇଁ, ମେୟର ସଂଘମିତ୍ରା ଦଳାଇ, କାଜୁ ଉନ୍ନୟନ ନିଗମ ର ଅଧକ୍ଷ ସୁବାସ ଚନ୍ଦ୍ର ମହାରଣା ,ଡ଼. ସୁବାସ ଚନ୍ଦ୍ର ସାହୁ, ଡ଼. ସାଗର ରଞ୍ଜନ ତ୍ରିପାଠୀ, ଡ଼. କିରଣ ପାଣିଗ୍ରାହୀ, ଆନ୍ତର୍ଜାତୀୟ ଓଡ଼ିଆ ସ୍ୱାଭିମାନ ପ୍ରତିଷ୍ଠାନ ର ପ୍ରତିଷ୍ଠାତା ସୁଶାନ୍ତ କୁମାର ସାବତ, ଲେଖିକା ଶନ୍ତାରାଣୀ ଜେନା,ପ୍ରଖ୍ୟାତ ଗାୟିକା ଅନିନ୍ଦିତା ଦାସ, ସୁନାମଧନ୍ୟ ଫେସନ ଡିଜାଇନର ରାମକୃଷ୍ଣ ପଟ୍ଟନାୟକ(ରାମୁଲି), ଅଭିନେତ୍ରୀ ସୋଫିଆ ଆଲାମ, ଦିଲ୍ଲୀପ କୁମାର ସାହୁ, ଶୋଭନ ରାଜନ ବେହେରା, ପ୍ରକାଶ ଚନ୍ଦ୍ର ନାୟକ, ମନୋରଞ୍ଜନ ଶତପଥୀ, ଚିନ୍ତାମଣି ମହାନ୍ତି, ସୁବାଷ ଦେହୁରୀ, ସୁରେଶ ଶତପଥୀ, ଜାଫର ଅଲ୍ଲୀ, ରମା ପୁରୋହିତ, ଅଶୋକ ତ୍ରିପାଠୀ, ରଂଜିତ ସାହୁ, ଶିବ ମହାରଣା ଓ ରାଜେନ୍ଦ୍ର ସାହୁ ପ୍ରମୁଖ ସାମିଲ ଥିଲେ। ଏହି ଅବସରରେ ସ୍ୱର୍ଗତଃ ବାସନ୍ତୀ ବିଶ୍ୱାଳଙ୍କର ଅମର ଆତ୍ମାର ସ୍ୱର୍ଗାରୋହଣ ପ୍ରାର୍ଥନା କରି ପରିବାର ପକ୍ଷରୁ ସୁଧର୍ମା ମହାସଂଘ ଦ୍ୱାରା ଏକ ସତସଂଘ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିବା ଜଣାଯାଇଛି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ.....

### ପଞ୍ଚଭୂତରେ ବିଲୀନ ହେଲେ ପୁରୀ ...

ତାଙ୍କୁ ଭୁବନେଶ୍ୱରରେ ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା । ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ଆଜି ଭୋରୁ ବ୍ରେନ୍ ଷ୍ଟ୍ରୋକ୍‌ରେ ସେ ଶେଷ ନିଶ୍ୱାସ ତ୍ୟାଗ କରିଥିଲେ । ମୃତ୍ୟୁ ବେଳକୁ ତାଙ୍କୁ ୬୭ ବର୍ଷ ବୟସ ହୋଇଥିଲା । ଏହି ଖବର ପ୍ରଚାରିତ ହେବା ପରେ ବିଭିନ୍ନ ମହଲରେ ଶୋକର ଛାୟା ଖେଳି ଯାଇଥିଲା । ଆଜି ସକାଳେ ସ୍ୱର୍ଗତ ମହାନ୍ତିଙ୍କ ମରଶରୀରକୁ ବିଜେଡି ରାଜ୍ୟ କାର୍ଯ୍ୟାଳୟ ଶଙ୍ଖ ଭବନକୁ ନିଆଯାଇଥିଲା । ସେଠାରେ ଦଳୀୟ ନେତୃବୃନ୍ଦ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ । ପରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶେଷ ଦର୍ଶନ କରିଥିଲେ । ଏହାପରେ ମର ଶରୀରକୁ ବିଧାନସଭା ପରିସରକୁ ନିଆଯାଇଥିଲା । ସେଠାରେ ତାଙ୍କୁ ଗାର୍ଡ ଅଫ୍ ଅନର ଦିଆଯାଇଥିଲା । ତା'ପରେ ମୃତଦେହକୁ ପୁରୀ ନିଆଯାଇଥିଲା । ପୁରୀ ଜିଲ୍ଲା ବିଜେଡି ଅଫିସ ଓ ଜିଲ୍ଲା ଓକିଲ ସଂଘ କାର୍ଯ୍ୟାଳୟରେ ଶେଷଦର୍ଶନ ପରେ ବଡ଼ଦାଣ୍ଡ ଏବଂ ସିଂହଦ୍ୱାର ସାମ୍ନା ଦେଇ ମରଶରୀରକୁ ସ୍ୱର୍ଗଦ୍ୱାର ଯାଇଥିଲା । ଜନତା ଦଳରୁ ରାଜନୀତି ଆରମ୍ଭ କରି ପରେ ବିଜେଡିକୁ ଆସିଥିଲେ ମହେଶ୍ୱର ମହାନ୍ତି । ୧୯୯୫ରୁ ୨୦୧୯ ମସିହା ଯାଏଁ ପୁରୀରୁ ଲଗାତାର ୫ଥର ବିଧାୟକ, ପଞ୍ଚାୟତିରାଜ, ରାଜସ୍ୱ, ଆଇନ, ପର୍ଯ୍ୟଟନ ଏବଂ ଯୋଜନା ଓ ସଂଯୋଜନ ଭଳି ୫ଟି ବିଭାଗର ମନ୍ତ୍ରୀ, ୨୦୦୪ରୁ ୨୦୦୮ ଯାଏଁ ବିଧାନସଭାର ବାଚସ୍ପତି ରହିଥିଲେ । ୧୯୫୬ ମସିହା ଫେବ୍ରୁଆରୀ ୨୬ ତାରିଖରେ ଜନ୍ମଗ୍ରହଣ କରିଥିବା ମହେଶ୍ୱରଙ୍କ ପଲିଟିକାଲ୍ କ୍ୟାରିୟର ଆରମ୍ଭ ହୋଇଥିଲା ଛାତ୍ର ରାଜନୀତିରୁ । ୧୯୭୩ରେ ସେ ବନିଥିଲେ ପୁରୀ ସାମନ୍ତ ଚନ୍ଦ୍ରଶେଖର ମହାବିଦ୍ୟାଳୟର ଛାତ୍ର ସଂସଦର ସାଧାରଣ ସମ୍ପାଦକ । ୧୯୭୮ରେ ପୁରୀ ମ୍ୟୁନିସପାଲିଟି କାଉନସିଲର ଏବଂ ୧୯୮୫ରୁ ୯୦ ଓ ୧୯୯୨ ରୁ ୯୫ ଯାଏଁ ସେ ଥିଲେ ଚେୟାରମ୍ୟାନ ।

### ୨୦୨୪ ବର୍ଷ ପାଇଁ ଛୁଟି ...

୨୪ରେ ଖ୍ରୀଷ୍ଟମାସ ପର୍ବକୁ ଇଚ୍ଛାଧୀନ ଛୁଟି ଭାବେ ସରକାର ଘୋଷଣା କରିଛନ୍ତି । ସେହିପରି ୨୦୨୪ ମସିହାରେ ଏପ୍ରିଲ ୭ ରବିବାରରେ 'ସବ୍-ଇ-କଦର' , ନଭେମ୍ବର ୧୦ ରବିବାରରେ ଅଁଳାନବମୀ ଓ ନଭେମ୍ବର ୨୩ ଚତୁର୍ଥ ଶନିବାରରେ ପ୍ରଥମାଷ୍ଟମୀ ପଡୁଥିବାରୁ ଏହି ସବୁ ଇଚ୍ଛାଧୀନ ଛୁଟି ପ୍ରଭାବିତ ହୋଇଛି । ରବିବାର ଏପ୍ରିଲ ୧୪ରେ ମହାବିଷୁବ ସଂକ୍ରାନ୍ତି, ଜୁଲାଇ ୭ ରବିବାର ରଥଯାତ୍ରା, ସେପଟ୍ଟେମ୍ବର ୮ରେ ରବିବାରରେ ନୂଆଖାଇ, ଅକ୍ଟୋବର ୧୨ରେ ଦ୍ୱିତୀୟ ଶନିବାର ମହାନବମୀ ଓ ଅକ୍ଟୋବର ୧୩ ରବିବାର ବିଜୟାଦଶମୀ ପଡୁଛି । ଏସବୁ ଦିନଗୁଡ଼ିକ ସାଧାରଣତଃ ଛୁଟି ଦିବସ ଘୋଷଣା ହୋଇଥାଏ । ଏହି ଛୁଟିଦିନଗୁଡ଼ିକୁ ବାଦ୍ ଦେଲେ ରାଜ୍ୟ କର୍ମଚାରୀମାନଙ୍କୁ ୪୬ଟି ରବିବାର ଓ ୨୨ଟି ଦ୍ୱିତୀୟ ଓ ଚତୁର୍ଥ ଶନିବାର ଭାବେ ଛୁଟିଦିନ ମିଳିବ । ଅର୍ଥାତ୍ ସରକାରୀ କର୍ମଚାରୀଙ୍କୁ ମୋଟ ଉପରେ ୩୦ଟି ସରକାରୀ ଛୁଟିଦିନ, ଗୋଟିଏ ଇଚ୍ଛାଧୀନ ଛୁଟି ସମେତ ରବିବାର ଓ ଶନିବାର(ଦ୍ୱିତୀୟ ଓ ଚତୁର୍ଥ)ରେ ୬୮ଟି ଛୁଟିଦିନ ମିଶାଇ ମୋଟ ଉପରେ ୯୯ଟି ଛୁଟିଦିନ ମିଳିବ । ରାଜସ୍ୱ ଓ ବିପର୍ଯ୍ୟୟ ପ୍ରଶମନ ବିଭାଗ ଅନ୍ୟ ଏକ ବିଜ୍ଞପ୍ତିରେ ରାଜ୍ୟରେ ଥିବା ବ୍ୟାଙ୍କ ଓ ବ୍ୟାଙ୍କିଙ୍ଗ ସଂସ୍ଥାଗୁଡ଼ିକ ନିମନ୍ତେ ୨୦ଟି ସରକାରୀ ଛୁଟି ଦିବସ ଘୋଷଣା କରିଛନ୍ତି ।

### ବିହାରରେ ଲାଗୁ ହେବ....

ଚଳିତ ଅଧିବେଶନରେ ହିଁ ଆମେ ପରିବର୍ତ୍ତନ ପାଇଁ ଲକ୍ଷ୍ୟ ରଖିଛୁ ।" ନୀତୀଶ କୁମାରଙ୍କ ପ୍ରସ୍ତାବ ଅନୁଯାୟୀ, ଅନୁସୂଚିତ ଜାତିଙ୍କ ପାଇଁ ୨୦%, ଅନୁସୂଚିତ ଜନଜାତିଙ୍କ ପାଇଁ ୨% ଓ ଅନ୍ୟ ପଛୁଆ ବର୍ଗ ଏବଂ ଅତି ପଛୁଆ ବର୍ଗ (ଇବିସି)ଙ୍କ ପାଇଁ ୪୩% ସଂରକ୍ଷଣ ବ୍ୟବସ୍ଥା ଲାଗୁ ହେବ । ବର୍ତ୍ତମାନ ଇବିସିଙ୍କ ପାଇଁ ୧୮%, ଓବିସିଙ୍କ ପାଇଁ ୧୬%, ଅନୁସୂଚିତ ଜାତିଙ୍କ ପାଇଁ ୧୬% ଓ ଏସ୍‌ଟିଙ୍କ ପାଇଁ ୧% ସଂରକ୍ଷଣ ବ୍ୟବସ୍ଥା ରହିଛି । ସରକାରୀ ଚାକିରି ଓ ଶିକ୍ଷାନୁଷ୍ଠାନରେ ଏପରି ସଂରକ୍ଷଣ ବ୍ୟବସ୍ଥା ଲାଗୁ କରାଯାଉଛି ।

### ସାରା ଦେଶରେ ଫୁଟିବନି...

ଏହି କଟକଣା ଲାଗୁ କରିବେ ବୋଲି କୋର୍ଟ ସ୍ପଷ୍ଟ ନିର୍ଦ୍ଦେଶ ଦେଇଛନ୍ତି । ସୁପ୍ରିମକୋର୍ଟ ୨୦୨୧ରେ ଏକ ରାୟ ମାଧ୍ୟମରେ ହାନୀକାରଣ ରସାୟନ ଥିବା ବାଣ ବିକ୍ରି ଓ ଫୁଟାଇବା ଉପରେ କଟକଣା ଲଗାଇଥିଲେ । ତେବେ ବାଣ ଉପରେ ସଂପୂର୍ଣ୍ଣ କଟକଣା ଲଗାଯାଇନାହିଁ ।

### ଅଣ ବିଜେପି ଶାସିତ ରାଜ୍ୟର...

ବୋଲି କହିଛନ୍ତି କୋର୍ଟ । ଏଥିସହ ସର୍ବୋଚ୍ଚ କୋର୍ଟ ସୋଲିସିଟର ଜେନେରାଲ ତୁସାର ମେହେଟାଙ୍କୁ ପଞ୍ଜାବ ରାଜ୍ୟପାଳ ନେଇଥିବା ନିଷ୍ପତ୍ତିର ରେକର୍ଡ ରଖିବାକୁ ନିର୍ଦ୍ଦେଶ ଦେଇଛନ୍ତି । କିନ୍ତୁ ସୋଲିସିଟର ଜେନେରାଲ କହିଛନ୍ତି, ରାଜ୍ୟପାଳ ଠିକ୍ ନିଷ୍ପତି ନେଉଛନ୍ତି, ରାଜ୍ୟ ସରକାର ଅନାବଶ୍ୟକ ଭାବେ ମକଦ୍ଦମା କରୁଛନ୍ତି । ପଞ୍ଜାବ ସରକାରଙ୍କ ଓକିଲ କହିଛନ୍ତି, ରାଜସ୍ୱ ପରିଚାଳନା, ଜିଏସଟି ସଂଶୋଧନ, ଗୁରୁଦ୍ୱାର ପରିଚଳନା ଭଳି ଗୁରୁତ୍ୱପୂର୍ଣ୍ଣ ବିଲକୁ ରାଜ୍ୟପାଳ ମଞ୍ଜୁରୀ ଦେଉନାହାଁନ୍ତି । ଗତ ଜୁଲାଇ ମାସରୁ ଏଭଳି ବିଲ ପଡିରହିଥିବାରୁ ଶାସନ ବ୍ୟବସ୍ଥା ପ୍ରଭାବିତ ହେଉଛି । ପଞ୍ଜାବର ମୋଟ ୭ ଟି ବିଲ ମଞ୍ଜୁରୀ ଅପେକ୍ଷାରେ ଅଛି । ସେଥିରୁ ୪ ଟି ବିଧାନସଭାରେ ପାସ୍ ହୋଇଥିବା ବେଳେ ବାକି ୩ଟି ମନି ବିଲ, ଯାହା ରାଜ୍ୟପାଳଙ୍କ ମଞ୍ଜୁରୀ ପରେ ଆଗତ ହେବ । ତେବେ ମାମଲାର ପରବର୍ତ୍ତି ଶୁଣାଣି ଶୁକ୍ରବାର କରିବାକୁ ଧାର୍ଯ୍ୟ କରିଛନ୍ତି କୋର୍ଟ ।

### ୩୨ ଦିନରେ ଇସ୍ରାଏଲ...

ଆହ୍ୱାନ ଜଣାଇଛନ୍ତି ଇରାନ ରାଷ୍ଟ୍ରପତି । ଗାଜା ଉପତ୍ୟୋକରେ ଚାଲିଥିବା ନରସଂହାରକୁ ରୋକିବାକୁ ଭାରତ ତାର ପ୍ରଭାବକୁ ଉପଯୋଗ କରିବା ଉଚିତ ବୋଲି କହିଛନ୍ତି । ଉଭୟ ନେତାଙ୍କ ମଧ୍ୟରେ ଯୁଦ୍ଧ ନେଇ ଆଲୋଚନା ହୋଇଥିବା ଭାରତ ସରକାରଙ୍କ ପକ୍ଷରୁ ମଧ ସୂଚନା ଦିଆଯାଇଛି ।

# ଦ୍ୱିତୀୟ ଦିନରେ ରାଜ୍ୟସ୍ତରୀୟ ଶିଶୁ ଉତ୍ସବ ମହକ

ଭୁବନେଶ୍ୱର, ୭/୧୧ (ନି.ପ୍ର): ଗତକାଲିଠାରୁ ଆରମ୍ଭ ହୋଇଥିବା ରାଜ୍ୟସ୍ତରୀୟ ଉତ୍ସବ, 'ମହକ'ର ଦ୍ୱିତୀୟ ଦିନରେ ଓଡ଼ିଶାର ବିଶ୍ୱ ପ୍ରସିଦ୍ଧ କଳିଙ୍ଗ ଷ୍ଟାଡିୟମରେ ପୁରସ୍କାର ବିତରଣ ସମାରୋହ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି । ଏହି ପୁରସ୍କାର ବିତରଣ କାର୍ଯ୍ୟକ୍ରମରେ ମହିଳା ଓ ଶିଶୁ ବିକାଶ ବିଭାଗର କମିଶନର ତଥା ଶାସନ ସଚିବ ଶୁଭ ଶର୍ମା ଉପସ୍ଥିତ ରହି ପିଲାମାନଙ୍କୁ ପ୍ରୋତ୍ସାହିତ କରିଥିଲେ । ଦ୍ୱିତୀୟ ଦିନର ମୁଖ୍ୟ ଆକର୍ଷଣ ହେଲେ ଓଲିଉଡର ସୁପ୍ରତିଷ୍ଠିତ ଗାୟକ ଦୀପ୍ତି ରେଖା ପାଢ଼ୀ ଏବଂ ଅଭିନେତା ସ୍ୱରାଜ ବାରିକ । ସମଗ୍ର ରାଜ୍ୟର ୨୨୮ ଶିଶୁ ଯତ୍ନ ଅନୁଷ୍ଠାନରୁ ଆସିଥିବା ୫୧୧ ପ୍ରତିଯୋଗୀମାନଙ୍କ ମଧ୍ୟରୁ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା ୩୪ ଜଣ ଜିଲ୍ଲାସ୍ତରୀୟ ବିଜେତାଙ୍କୁ ପୁରସ୍କୃତ କରାଯାଇଥିଲା । ସଙ୍ଗୀତ, ଗ୍ରୁପ ଡାନ୍ସ, ବିତର୍କ, ଚିତ୍ର ଓ କୁଇଜ ଆଦି ବିଭିନ୍ନ ବିଭାଗରେ ଏହି ୩୪ ଜଣ ବିଜେତାଙ୍କ ମଧ୍ୟରୁ ୧୬ ଜଣ ସିନିୟର ଓ ୧୮ ଜଣ ଜୁନିଅର ବର୍ଗର ବିଜେତା ଅଛନ୍ତି । ମହିଳା ଓ ଶିଶୁ ବିକାଶ ବିଭାଗର ଅତିରିକ୍ତ ସଚିବ ଶ୍ରୀମତୀ ରେଗା ଗୀତାରାଣୀ ପଟ୍ଟନାୟକ ସମ୍ମାନିତ ଅତିଥିମାନଙ୍କୁ ମଂଚକୁ ସ୍ୱାଗତ କରିଥିଲେ ଏବଂ ଶିଶୁ ସୁରକ୍ଷା ସମିତିର ପ୍ରବନ୍ଧକପ୍ରୀତିକାନ୍ତ ପଣ୍ଡା ଏହି କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରିଥିଲେ ।

# ଜୁଡିସିଆଲ ହବ କ୍ରିୟାନୁଷ୍ଠାନ କମିଟିର ପ୍ରସ୍ତାବ ମୂଳେ ଜଳସମ୍ପଦ (ଇରିଗେସନ) କାର୍ଯ୍ୟାଳୟରେ ହେବା ପାଇଁ ନିଷ୍ପତ୍ତି

ବାଲେଶ୍ୱର: ବାଲେଶ୍ୱରରେ ପ୍ରସ୍ତାବିତ ନୂତନ ଜୁଡିସିଆଲ ହବ ସଂପର୍କରେ ବିଭିନ୍ନ କମିଟିର ପ୍ରତିନିଧିମାନଙ୍କର ଏକ ଜରୁରୀ ବୈଠକ ବାଲେଶ୍ୱର ଜିଲ୍ଲାପାଳଙ୍କ ଆବାହକତ୍ୱରେ ଆଜି ଅପରାରହ୍ନରେ ସ୍ଥାନୀୟ ମହାତ୍ମାଗାନ୍ଧୀ ପ୍ଲାନିଂ ସଭାଗୃହ (ଏନ୍ଆଇସି ସଭାଗୃହ)ରେ ଜିଲ୍ଲାପାଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ଅତିରିକ୍ତ ଜିଲ୍ଲାପାଳ, ଉପଜିଲ୍ଲାପାଳ, ସୁପରିନ୍‌ଟେଣ୍ଡିଂ ଇଂଜିନିୟର ଇରିଗେସନ୍ ତହସିଲଦାର ରେମୁଣା ଓ ବାଲେଶ୍ୱର ଏବଂ ବାଲେଶ୍ୱର ସଦର ବିଧାୟକ ସ୍ୱରୂପ କୁମାର ଦାସ, ଓକିଲ ସଂଘ, ଜୁଡିସିଆଲ ହବ କ୍ରିୟାନୁଷ୍ଠାନ କମିଟି, ଜଏଣ୍ଟ ଆକ୍ସନ୍ କମିଟି, ରେମୁଣା ସଚେତନ ନାଗରିକ ବୃନ୍ଦ କମିଟି ସଂଘର ସଭାପତି ପୁରୁଣା କଚେରୀ ହତାରେ ହବ ନିର୍ମାଣ ପ୍ରସ୍ତାବ ଦେଇଥିବା ବେଳେ ଜୁଡିସିଆଲ ହବ କ୍ରିୟାନୁଷ୍ଠାନ କମିଟିର ସଭାପତି ଗୌରୀ କୁମାର ରାଉତ କଚେରୀ ହତାରେ ଯଦି ଇକ୍ଟ୍ରରଙ୍ଗ ମକ୍ଟଙ୍କକ୍ସସ ଙ୍କ ଆଦେଶମୂଳେ ଏହାର ନିର୍ମାଣ ସମ୍ଭବ ନ ହୋଇ ପାରୁଛି, ତେବେ ଆଇଟିଆଇ ଛକ ପାଖରେ ଥିବା ଜଳସଂପଦ ବିଭାଗ ପରିସରରେ ଥିବା ସରକାରୀ ଜମିରେ ହବ ନିର୍ମାଣ ପାଇଁ ପ୍ରସ୍ତାବ ଦେଇଥିଲେ । ଏଥିସହ ଜିଲ୍ଲାବାସୀଙ୍କ ସ୍ୱାର୍ଥ, ଓକିଲ, ମହକିଲ, ଭେଣ୍ଡର, ଟାଇପିଷ୍ଟଙ୍କ ସୁବିଧା ସାକ୍ଷୀମାନଙ୍କ ସୁରକ୍ଷା, ଗମନାଗମନ ଦୃଷ୍ଟିରୁ ତାହା ସୁବିଧା ହେବ ବୋଲି ଶ୍ରୀ ରାଉତ ପ୍ରକାଶ କରିଥିଲେ । କଚେରୀ ହତା ପାଖରେ ଜିଲ୍ଲାପାଳଙ୍କର ଅନ୍ୟୁନ ୨୪ଟି ସରକାରୀ କାର୍ଯ୍ୟାଳୟ ରହିଥିବାରୁ ଏଠାରେ ହବ ନିର୍ମାଣ ସମ୍ଭବ ନୁହେଁ ବୋଲି ଜିଲ୍ଲାପାଳ ପ୍ରକାଶ କରିବା ସହ ବିଦ୍ୟାଧରପୁରୀରେ ଜୁଡିସିଆଲ ହବ୍ ନିର୍ମାଣ ପ୍ରସ୍ତାବ ବାତିଲ ହେବା ବୋଲି ଘୋଷଣା କରିଥିଲେ । ତତ୍ ସଂପର୍କରେ ରେମୁଣା ରେମୁଣା ତହସିଲଦାରଙ୍କୁ ଆବଶ୍ୟକୀୟ ପଦକ୍ଷେପ ନେବା ପାଇଁ ନିର୍ଦ୍ଦେଶ ଦେଇଥିଲେ । ଇରିଗେସନ ସୁପରିନ୍‌ଟେଣ୍ଡିଂ ଇଂଜିନିୟର ଶୀ ପ୍ରଧାନ ନିଜ ବକ୍ତବ୍ୟରେ ଜିଲ୍ଲାବାସୀଙ୍କ ଦାବୀ ଏବଂ ସୁବିଧା ପାଇଁ ଯାହା ଆବଶ୍ୟକ ସେ ଦିଗରେ ସଂପୂର୍ଣ୍ଣ ସହଯୋଗ କରିବେ ବୋଲି ପ୍ରକାଶ କରିଥିଲେ । ଏଣୁ, ବାଲେଶ୍ୱର ଜିଲ୍ଲାପାଳ ଜୁଡିସିଆଲ ହବ କ୍ରିୟାନୁଷ୍ଠାନ କମିଟିର ସଭାପତି ଶ୍ରୀ ରାଉତଙ୍କ ପ୍ରସ୍ତାବରେ ଗୁରୁତ୍ୱ ଅନୁଭବ କରି ନିଜେ ଏହି ଦିଗରେ ଆବଶ୍ୟକୀୟ ପଦକ୍ଷେପ ନେବେ ବୋଲି ଘୋଷଣା କରିଥିବାରୁ କମିଟି ପକ୍ଷରୁ ବାଲେଶ୍ୱର ଜିଲ୍ଲାପାଳଙ୍କୁ ସାଧୁବାଦ ଜଣାଇବା ସହ ଜିଲ୍ଲା ପରିଷଦ ସଭାପତି, ସଦସ୍ୟ, ସଦସ୍ୟା, ବ୍ଲକ୍ ଅଧ୍ୟକ୍ଷ, ଅଧ୍ୟକ୍ଷା, ରାଜନେତା ଏବଂ ଜନସାଧାରଣ ଏହି କାର୍ଯ୍ୟ ସଂପାଦନରେ ସହଯୋଗ କରିରଥିବାରୁ ସମସ୍ତଙ୍କୁ ସାଧୁବାଦ ଦିଆଗଲା ।

# ଅରଣ୍ୟକ ତରଫରୁ କର୍କଟ ରୋଗ ସଚେତନତା ପାଇଁ ଦସ୍ତଖତ ଅଭିଯାନ



ବାଲେଶ୍ୱର, ୭/୧୧ (ନି.ପ୍ର): ଗାନ୍ଧିସ୍ମୃତି ଭବନ ସମ୍ମୁଖରେ ଏକ କର୍କଟ ରୋଗ ସଚେତନତା ପାଇଁ 'ଅରଣ୍ୟକ'ସଂଗଠନ ତଫରୁ ଏକ ଦସ୍ତଖତ ଅଭିଯାନ ଆରମ୍ଭ ହେଇ ଯାଇଛି କରିଥିଲେ। ଏଥିରେ ପରିବେଶ ପ୍ରେମି ଆନ୍ତର୍ଜାତୀୟ ଚିତ୍ରଶିଳ୍ପୀ କେଶୁଦାସ ପ୍ରଥମେ ଦସ୍ତଖତ କରି ଶୁଭାରମ୍ଭ କରିଥିଲେ। ମାନବାଧିକାର କର୍ମୀ ସୁଧାକର ସେଠୀ,ପରିବାର ତରଫରୁ ଉପାସନା ପଟ୍ଟନାୟକ, ସ୍ୱସ୍ତିକ କୁମାର ଦେ,ଆଗ୍ନେଶା ପଟ୍ଟନାୟକ, ବରୁଣ କୁମାର ଗିରି ପ୍ରମୁଖ ଉପସ୍ଥିତ ରହି ସରକାରଙ୍କ ଦ୍ୱାରା ବାଛନ୍ଦ କର୍କଟରୋଗର ଉତ୍ସ ଥର୍ମକୁଲ ତିଆରି ଥାଳି,ପତ୍ର,ବେଲା ଏଥିସହ ପ୍ଲାଷ୍ଟିକ ଜରିରେ ଖାଦ୍ୟ ଦ୍ରବ୍ୟ ,ପ୍ଲାଷ୍ଟିକ ବ୍ୱତଲରେ ପାଣି ବ୍ୟବହାର ନକରିବାକୁ ସଚେତନ କରାଇଥିଲେ। କୃଷିରେ ଆବଶ୍ୟକ ଠାରୁ ଅଧିକ ମାତ୍ରାରେ ରାସାୟନିକ ବିଷ ପ୍ରୟୋଗ ନକରି ପ୍ରାକୃତିକ ସାର ଓ ବିଷ ପ୍ରୟୋଗ ଆବଶ୍ୟକତାକୁ ନେଇ ମଧ ସଚେତନ କରାଇଥିଲେ ।ଦସ୍ତଖତ ଅଭିଯାନ ସହ ବିଭିନ୍ନ ସ୍ଲୋଗାନ ଓ ଚିତ୍ରଥିବା ପୋଷ୍ଟର ମଧ ପ୍ରଦର୍ଶିତ କରାଯାଇଥିଲା । ଶହେରୁ ଅଧିକ ପଥଚାରୀ,ପ୍ରାତଃ ଭ୍ରମଣକାରୀ ମହିଳା, ପୁରୁଷ,ଛାତ୍ର, ଛାତ୍ରୀ, ଯୁବକ, ଯୁବତୀ ସାମିଲ ହୋଇଥିଲେ।

# ଶାଣ୍ଡିଲ୍ୟ ବିବେକାନନ୍ଦ ଶିକ୍ଷାକେନ୍ଦ୍ରରେ ବିଜ୍ଞାନ ମେଳା



ଧରମପୁର, ୭/୧୧ (ନି.ପ୍ର): ଶାଣ୍ଡିଲ୍ୟ ବିବେକାନନ୍ଦଶିକ୍ଷା କେନ୍ଦ୍ରର ଦ୍ୱିତୀୟ ବାର୍ଷିକ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି । ଶିକ୍ଷାକେନ୍ଦ୍ର ର ସଭାପତି ବେଣୁଧର ବାରିକଙ୍କ ସଭାପତିତ୍ୱ ରେ ଏହି ସଭା ମୁଖ୍ୟ ଅତିଥି ଭାବେ ଉତ୍କଳ ଶିକ୍ଷା ପରିଷଦ, ଓଡିଶା ର ରାଜ୍ୟ ସମ୍ପାଦକ ଯୋଗେନ୍ଦ୍ର ଦାଶ ଏହି ମେଳାକୁ ଅନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ । ନୂତନ ବୈଜ୍ଞାନିକ ମନୋଭାବ ପୂର୍ଣ୍ଣ ଚିନ୍ତାଧାରା ହିଁ ପ୍ରଗତିଶୀଳ ରାଷ୍ଟ୍ର ର ମୂଳ ସ୍ତମ୍ଭ ଅଟେ । ବିଜ୍ଞାନ ରେ ଆଗ୍ରହ ପାଇଁ ସମସ୍ତ ଛାତ୍ର ଓ ଅଭିଭାବକ ମାନେ ନିଜ ଦାୟିତ୍ୱକୁ ବୁଝିବା ଉପରେ ଅତିଥି ମାନେ ମତବ୍ୟକ୍ତ କରିଥିଲେ । ମୁଖ୍ୟ ଅତିଥି ଭାବେ ଖଇରା ,ମୁଖ୍ୟ ବକ୍ତା ଭାବେ ରେମୁଣା ସଂକୁଳ ପ୍ରମୁଖ ରାମାନନ୍ଦ ମହାପାତ୍ର, ସମ୍ମାନିତ ଅତିଥି ଭାବେ ଶିକ୍ଷାବିତ ରବୀନ୍ଦ୍ର ପ୍ରଧାନ, ପ୍ରତାପ ଚନ୍ଦ୍ର ପଣ୍ଡା, ଶରତ ଚନ୍ଦ୍ର ବାଗ, ପରିଷଦ ସଦସ୍ୟ ସୁରଜ ବାରିକ, ଶିକ୍ଷକ ତରୁଣ ମହାଳିକ ପରିଚାଳନା ସଦସ୍ୟ ନିତ୍ୟାନନ୍ଦ ରାଉତ, ବିଜୟ କୁମାର ପରିଡା, ଗୁଣାକର ମହାନ୍ତି ପ୍ରମୁଖ ଯୋଗ ଦେଇ ଥିଲେ ସମ୍ପାଦକ ବାଣୀ ନିର୍ମାଲ୍ୟ ବିଶ୍ୱଳ ବିଜ୍ଞାନ ମେଳା ଆଭିମୁଖ୍ୟ ବିଷୟ ରେ ବର୍ଣ୍ଣନା ସହ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ପ୍ରଧାନ ଆଚାର୍ଯ୍ୟ ମଧୁସୂଦନ ଦାଶ ସ୍ୱାହାତ ଅଭିଭାଷଣ ରଖିଥଲେ ଏହି ବିଜ୍ଞାନ ମେଳା ରେ ଉଭୟ ଜୁନିୟର ଓ ସିନିୟର ବିଭାଗ ରେ ମୋଟ ୪୭ ଟି ବିଜ୍ଞାନ ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା ବିଜ୍ଞାନ ମେଳା ସାଙ୍ଗକୁ ପିଲାମାନଙ୍କ ମଧ୍ୟରେ ବିଜ୍ଞାନ କୁଇଜ, ବିଜ୍ଞାନ ପ୍ରଶ୍ନ ମଞ୍ଚ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ଏହି କାର୍ଯ୍ୟକ୍ରମ ରେ ସମସ୍ତ ଗୁରୁଜୀ ଗୁରୁମା ସହଯୋଗ କରିଥିଲେ । ଉପ ପ୍ରଧାନ ଆଚାର୍ଯ୍ୟ ଦାମୋଦର ମହାରଣା ଶେଷରେ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# ନ୍ୟାସନାଲ ଫର୍ଟିଲାଇଜର୍ସ ଲିମିଟେଡ ପକ୍ଷରୁ ଦୁର୍ନୀତି ନିରାକରଣ ସଚେତନତା ଅଭିଯାନ ଗ୍ରାମସଭା

ଭୁବନେଶ୍ୱର, ୭/୧୧ (ନି.ପ୍ର):କେନ୍ଦ୍ରୀୟ ଭିଜିଲାନ୍ସ କମିଶନଙ୍କ ନିର୍ଦ୍ଦେଶନାମା ଅନୁସାରେ ନ୍ୟାସନାଲ ଫର୍ଟିଲାଇଜର୍ସ ଲିମିଟେଡ(ଏନଏଫଏଲ)ର ମୁଖ୍ୟ ଭିଜିଲାନ୍ସ ଅଧିକାରୀ ଲଳିତ ମୋହନ ପାଣ୍ଡେଙ୍କ ନିର୍ଦ୍ଦେଶକ୍ରମେ ଆଜି ଏନଏଫଏଲ ପକ୍ଷରୁ ଭିଜିଲାନ୍ସ ସଚେତନତା ଅଭିଯାନ ଓଡିଶାର ଖୋର୍ଦ୍ଧା ଜିଲ୍ଲା ବାଲିଅନ୍ତା ବ୍ଲକ ଅନ୍ତର୍ଗତ ବଇଁଚୁଆ ଗ୍ଲାମରେ ଅନୁଷ୍ଠିତ ହୋଇଯାଇଛି । ଏହି ଉପଲକ୍ଷେ ଏଠାରେ ଅନୁଷ୍ଠିତ ଗ୍ରାମ ସଭାରେ ସରପଂଚ ଶ୍ରୀମତୀ ରସ୍ମିତା ସାହୁ, ମୁଖ୍ୟ ପ୍ରବନ୍ଧକ (ସତର୍କତା), ନୋଏଡା,ଦିଲ୍ଲୀ ଟି.କେ ଜୈନ, ଏ.କେ. ସକ୍ସେନା, ମୁଖ୍ୟ ପ୍ରବନ୍ଧକ (ସତର୍କତା), ଭୋପାଳ, ରାଜ୍ୟ ପ୍ରବନ୍ଧକ (ଛତିଶଗଡ଼ ଓ ଓଡ଼ିଶା) ଓମ୍ ପାଲ ଗୁପ୍ତା ଏବଂ ଆଂଚଳିକ ପ୍ରବନ୍ଧକ ବିଜୟ ବେହେରା ପ୍ରମୁଖ ଯୋଗ ଦେଇଥିଲେ। ଗ୍ରାମସଭାରେ ପ୍ରାୟ ୫୫ ଜଣ ଚାଷୀ ଉପସ୍ଥିତ ଥିଲେ । କାର୍ଯ୍ୟକ୍ରମରେ ଜନସ୍ୱାର୍ଥ ପ୍ରକାଶ ଏବଂ ସୂଚନାଦାତାଙ୍କ ସୁରକ୍ଷା (ପିଆଇଡିପିଆଇ) ଅଭିଯୋଗ ସମ୍ପର୍କରେ ବୈଠକରେ ବିସ୍ତୃତ ସୂଚନା ଦିଆଯାଇଥିଲା ।

# ବିନ୍ଧିଆ ଟେଲି ଲିଙ୍କସ କମ୍ପାନୀ କାର୍ଯ୍ୟାଳୟ ସମ୍ମୁଖରେ ଠିକାଦାରଙ୍କ ଧାରଣା

କୋରେଇ, ୭/୧୧ (ନି.ପ୍ର): ରାଜ୍ୟର ବିଦ୍ୟୁତ ବଂଟନ କାରୀ ସଂସ୍ଥା ଓପିଟିସିଏଲ ଠାରୁ ବିଦ୍ୟୁତ ତାର ଟଣା ସହିତ ଖୁଂଟ ପୋତା ଆଦି ନିମନ୍ତେ ଠିକା ନେଇଛି ପାଣିକୋଇଲିସ୍ଥିତ ବିନ୍ଧିଆ ଟେଲି ଲିଙ୍କସ । ବିନ୍ଧିଆ ଟେଲି ଲିଙ୍କସ ଠାରୁ ଠିକା ନେଇ କିଛି ଠିକାଦାର ଯାଜପୁର, ବାଲେଶ୍ୱର, ମୟୁରଭଂଜ ଆଦି ଜିଲ୍ଲାରେ କାର୍ଯ୍ୟ କରିଛନ୍ତି । ହେଲେ ଲକ୍ଷ ଲକ୍ଷ ଟଙ୍କା ବିନ୍ଧିଆ ଟେଲି ଲିଙ୍କସ ଉପରେ ବାକିଥିା ବେଳେ କମ୍ପାନୀ ସେମାନଙ୍କୁ ଅର୍ଥ ପ୍ରଦାନ କରିବା ପରିବର୍ତ୍ତେ ବିଭିନ୍ନ ଆଳ ଯଥା ଜିଏସଟିର ବାହାନା ଦେଖାଇ ଠକି ଚାଲିଛି । ଏନେଇ ସେମାନେ ବାରମ୍ବାର କାର୍ଯ୍ୟାଳୟକୁ ଦୌଡିବା ସହ ଯାଜପୁର ଜିଲ୍ଲାପାଳ ସମତେ ପାଣିକୋଇଲି ଥାନାରେ ଅଭିଯୋଗ କରିଥିଲେ । ଚାରି ଜଣ ଠିକାଦାର ମାନେ ସେମାନଙ୍କ ବକେୟା ଅର୍ଥ ପାଇବା ଲାଗି ବାରମ୍ବାର ନିବେଦନ କରି ଆସୁଥିବା ବେଳେ କମ୍ପାନୀ ପକ୍ଷରୁ ତାଙ୍କୁ ପ୍ରାପ୍ୟ ପ୍ରଦାନ କରାଯାଉନାହିଁ। ଏ ନେଇ ପାଣିକୋଇଲି ଥାନାରେ ବାରମ୍ବାର ଆଲୋଚନା ପରେ ମଧ୍ୟ କମ୍ପାନୀ କର୍ତ୍ତୃପକ୍ଷ ସମାଧାନର ସୂତ୍ର ବାହାର କରୁନାହାନ୍ତି । ଫଳରେ ସେମାନେ ବାରମ୍ବାର ପାଣିକୋଇଲିସ୍ଥିତ କାର୍ଯ୍ୟାଳୟକୁ ଦୌଡ଼ି ଦୌଡ଼ି ନୟାନ୍ତ ହେବା ପରେ ଅତିଷ୍ଠ ହୋଇ ଚାରି ଜଣ ଠିକାଦାର କାର୍ଯ୍ୟାଳୟ ଗେଟ ସମ୍ମୁଖରେ ଧରଣା ହେଇଛନ୍ତି ।

ବୁଧବାର, ନଭେମ୍ବର ୦୮, ୨୦୨୩

# ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା

## ବସ୍ତା ବିବେକାନନ୍ଦ ଶିକ୍ଷାକେନ୍ଦ୍ରରେ ଭାରତ ସ୍କାଉଟ ଏବଂ ଗାଇଡ ଫାଉଣ୍ଡେସନ ଦିବସ ପାଳିତ




ବସ୍ତା୭, ୭/୧୧ (ନି.ପ୍ର): ବସ୍ତାସ୍ଥିତ ବିବେକାନନ୍ଦ ଶିକ୍ଷାକେନ୍ଦ୍ର ପରିସରରେ ଭାରତ ସ୍କାଉଟ ଏବଂ ଗାଇଡ ଫାଉଣ୍ଡେସନ ଦିବସ ପାଳିତ ହୋଇଯାଇଅଛି । ସଭାପତି ମାନଗୋବିନ୍ଦ ସଭାପତିତ୍ୱକରିଥିବାବେଳେ ମୂଖ୍ୟଅତିଥି ଅବସର ଶିକ୍ଷକ ସ୍କାଉଟ ଗାଇଡ ଫାଉଁଡେସନ ସଦସ୍ୟ ନରୋତମ ଚର୍କବର୍ତ୍ତୀଯୋଗ ଦେଇ କାର୍ଯ୍ୟକ୍ରମକୁ ଉଦଘାଟନ କରି ସ୍କାଉଟ ଗାଇଡ ଫାଉଣ୍ଡେସନ ସମ୍ବନ୍ଧରେ ପିଲାମାନଙ୍କୁ ବୁଝାଇଥିଲେ ।ସମ୍ମାନୀତ ଅତିଥି ଶିକ୍ଷ୍ୟାକେନ୍ଦ୍ରର ସଂପାଦକ ରାମଚନ୍ଦ୍ର ଦେ ଓ ହଳଦୀପଦା ଶିକ୍ଷାକେନ୍ଦ୍ର ର ପ୍ରଧାନ ଆଚାର୍ଯ୍ୟ ରତିକାନ୍ତ ଦାସ ଅଧିକାରୀ, ଉତ୍କଳ ଶିକ୍ଷାପରିଷଦ ସଦସ୍ୟ ସରୋଜ କୁମାରବାରିକ, ବିବେକାନ ନ୍ଦ ଶିକ୍ଷାକେନ୍ଦ୍ର ପ୍ରଧାନ ଆଚାର୍ଯ୍ୟ ଶ୍ରୀପତି ଚରଣ ପାତ୍ର ଅନୁଷ୍ଠାନର କୋଷାଧ୍ୟକ୍ଷ ପ୍ରଦୀପ କୁମାର ପରିଡା, ଅତିଥି ପରିଚୟ ପ୍ରଶାନ୍ତଗିରି, ବିବରଣିପାଠ କରିଥିଲେ ସରୋଜପାତ୍ର, ପରିଚାଳନା ସୁଚିସ୍ମିତାସାହୁ, ନମିତା ଦାସ, ରାଜେଶ୍ୱରୀ ଦାସ, ଅର୍ଚ୍ଚନା ଘୋଷ, ଅଞ୍ଜନ କୁମାର ସାହୁ, ରିନାରାଣୀ ସାହୁ, ରିତା ବେହେରା ଧନ୍ୟବାଦ ଦେଇଥିଲେ ଶିକ୍ଷୟତ୍ରୀ ପୁଷ୍ପଲତା ପଟନାୟକ ।

## ମୟୂରଭଞ୍ଜ - ବାଲେଶ୍ୱର ସୀମାନ୍ତରେ ହାତୀ ପଲ: ବସ୍ତାବାସୀ ଆତଙ୍କିତ

ବସ୍ତା ,୭।୧୧(ନିପ୍ର): ଝାଡ଼ଖଣ୍ଡ ହାତୀ ପଲକୁ ନେଇ ବସ୍ତା ରେ ଭୟ ର ବାତାବରଣ ଖେଳି ଯାଇଛି। ଏହି ହାତୀ ପଲ ରେ ୧୫ ରୁ ଉର୍ଦ୍ଧ ହାତୀ ଥିବା କୁହାଯାଉଛି। ଏହି ହାତୀପଲ ଗ୍ରାମ ଭିତରକୁ ପଶି ଆସିବା ସନ୍ଦେହ କରି ଅଞ୍ଚଳ ବାସୀ ଆତଙ୍କିତ ହୋଇ ପଡିଛନ୍ତି। ପ୍ରକାଶ ଯେ ମୟୂରଭଞ୍ଜ - ବାଲେଶ୍ୱର ଜିଲ୍ଲା ସୀମାନ୍ତ ରେ ରହିଛି ବସ୍ତା ବ୍ଲକ ପତ୍ରଝଡ଼ା ପଞ୍ଚାୟତ। ବିଳମ୍ବିତ ରାତିରେ ଏହି ପଞ୍ଚାୟତ ର ସରଡିହା ଗ୍ରାମକୁ ଏକ ହାତୀ ପଲ ପଶି ଆସି ଗ୍ରାମ ଠାରୁ କିଛି ଦୂରରେ ରହି ଗର୍ଜନ କରୁଥିବା ଶୁଣିବାକୁ ପାଇ ଥିଲେ। ହାତୀ ପଲ ଗ୍ରାମ ଭିତରକୁ ପଶି ଆସିବା ଆଶଙ୍କା କରି ଲୋକେ ଭୟଭୀତ ହୋଇ ପଡ଼ିଥିଲେ। ଖବର ପାଇ ବିଦ୍ୟୁତ ସରବରାହ ବନ୍ଦ କରା ଯାଇ ଥିଲା। ଏହି ହାତୀ ପଲ ଚାଷ ଜମି କ୍ଷତି କରିଥିଲେ। ରାତି ପାହିଲା ବେଳକୁ ହାତୀ ପଲ ପଲାଉ ଥିବା ଦେଖିବାକୁ ମିଳିଥିଲା। ଧାନ ପାଚିବା କୁ ଆସୁଥିବା ବେଳେ ହାତୀ ପଲ ଚାଷୀ ଙ୍କ ଚିନ୍ତା ବଢାଇ ଦେଇଛି। ସରଡିହା ରେ ବହୁ ମାତ୍ରାରେ ପରିବା ଚାଷ ହେଉଥିବା ରୁ ହାତୀ ଦେଖି ଚାଷୀ ଙ୍କ ଭାଳେଣି ପଡିଛି। ବନବିଭାଗ ଏଥିପ୍ରତି ଦୃଷ୍ଟି ଦେବାକୁ ଦାବି ହୋଇଛି।

## ଚିନ୍ମୟ ମିଶନ ପକ୍ଷରୁ ବାରିପଦାରେ ଜ୍ଞାନଯଜ୍ଞ



ବାରିପଦା, ୭/୧୧ (ନି.ପ୍ର): ମମତାକୁ ବାଦ ଦେଇ, ଈଶ୍ୱରାର୍ପଣ ବୁଦ୍ଧି ଦ୍ୱାରା କରାଯାଉଥିବା ସମସ୍ତ କର୍ମ, ସେ କର୍ତ୍ତବ୍ୟ କର୍ମ ହେଉ କି ଯଂଜ୍ଞ କର୍ମ ହେଉ ସବୁକିଛି ଧର୍ମ ପଦବାଚ୍ୟ। ଧର୍ମ କୌଣସି ପଦପଦବୀ, ଅଧିକାର ବା ବୈଭବ ପାଇଁ କରାଯାଏ ନାହିଁ। ଦେଖେଇହେବା ପ୍ରବୃତ୍ତି ଥିବା ବ୍ୟକ୍ତି ଦ୍ୱାରା କରାଯାଉଥିବା କାର୍ଯ୍ୟ ଧର୍ମ ହୋଇ ପାରିବ ନାହିଁ ବୋଲି ଆଜି ଚିନ୍ମୟ ମିଶନ ବାରିପଦା ଆନୁକୂଲ୍ୟରେ ଶ୍ରୀମଦ ଭାଗବତ ଜ୍ଞାନ ଯଂଜ୍ଞରେ ଚିନ୍ମୟ ମିଶନ ନାସିକ ମହାରାଷ୍ଟ୍ରର ଆଚାର୍ଯ୍ୟ ସ୍ୱାମୀ ସ୍ୱାମୀ ଅଦ୍ୱୈତନନ୍ଦ ସରସ୍ୱତୀ କହିଛନ୍ତି। ଆଜିର ଜ୍ଞାନ ଯଜ୍ଞ କାର୍ଯ୍ୟକ୍ରମରେ ଅନ୍ୟ ମାନଙ୍କ ମାନଙ୍କ ମଧ୍ୟରେ ସ୍ୱାମୀ ଗୋବିନ୍ଦାନନ୍ଦ ସରସ୍ୱତୀ, ସ୍ୱାମୀ ସର୍ବପ୍ରିୟାନନ୍ଦ ସରସ୍ୱତୀ, ବ୍ରହ୍ମଚାରୀ ନିରଞ୍ଜନ ଚୈତନ୍ୟ, ପୂର୍ବତନ ସାଂସଦ ବୀରଭଦ୍ର ସିଂ, ଡ଼ା ଶତ୍ରୁଘନ ବେହେରା, ପ୍ରତାପ ଚନ୍ଦ୍ର ବାରିକ, ସମ୍ପଦ ଦାସ, ଝଣ୍ଟୁ ପାଲ, ଜୋତ୍ସ୍ନା ବେହେରା, ସୁବୋଧ ପଳେଇ, ଫକୀର ସାହୁ ପ୍ରମୁଖ ଉପସ୍ଥିତ ଥିଲେ ।

## ଜିଲ୍ଲାସ୍ତରୀୟ ବିଜ୍ଞାନ କୁଇଜ ପ୍ରତିଯୋଗିତା




ବାରିପଦା , ୭/୧୧ (ନି.ପ୍ର): ମୟୂରଭଞ୍ଜ ଜିଲ୍ଲାସ୍ତରୀୟ ବିଜ୍ଞାନ କୁଇଜ ପ୍ରତିଯୋଗିତା ବାରିପଦାସ୍ଥିତ ମହାରାଜା କୃଷ୍ଣଚନ୍ଦ୍ର ଉଚ୍ଚ ବିଦ୍ୟାଳୟ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଅଛି। ଜିଲ୍ଲା ଶିକ୍ଷା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ସେଠୀଙ୍କ ମାର୍ଗଦର୍ଶନ ଓ ଜିଲ୍ଲା ବିଜ୍ଞାନ ପରିଦର୍ଶକ ଜ୍ଞାନରଞ୍ଜନ ଆଚାର୍ଯ୍ୟଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି କୁଇଜ ପ୍ରତିଯୋଗିତାରେ ଉଭୟ ବରିଷ୍ଠ ଓ କନିଷ୍ଠ ବର୍ଗର ବହୁ ସଂଖ୍ୟକ ଛାତ୍ରଛାତ୍ରୀ ଅଂଶ ଗ୍ରହଣ କରିଥିଲେ। ଦୁଇ ବର୍ଗର ଶ୍ରେଷ୍ଠ ବିବେଚିତ ପ୍ରତିଯୋଗୀ ଦ୍ୱୟ ରାଜ୍ୟସ୍ତରୀୟ ବିଜ୍ଞାନ କୁଇଜ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିବେ ବୋଲି ଜଣାଯାଇଛି। ବରିଷ୍ଠ ବର୍ଗରେ ଭାଗ୍ୟରଞ୍ଜନ ମହାନ୍ତ, ରଶ୍ମିରେଖା ଦାଶ, ଓମପ୍ରକାଶ ପୃଷ୍ଟି ଏବଂ କନିଷ୍ଠ ବର୍ଗରେ ଶ୍ରେୟାଂଶୁ ବେହେରା, ହେମାଙ୍ଗିନୀ ପଣ୍ଡା, ନିକିତା ଦାସ ଯଥାକ୍ରମେ ପ୍ରଥମ, ଦ୍ୱିତୀୟ, ତୃତୀୟ ସ୍ଥାନ ଅଧିକାର କରିଥିବା ବେଳେ, ପୁରସ୍କାର ବିତରଣୀ ଉତ୍ସବରେ ଅତିଥିଭାବେ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଦୀପ୍ତି ନାୟକ ଯୋଗ ଦେଇ କୃତି ପ୍ରତିଯୋଗୀ ମାନଙ୍କୁ ପୁରସ୍କାର ବିତରଣ କରିଥିଲେ. ପ୍ରଧାନଶିକ୍ଷକ ଅମିତାଭ ମିଶ୍ର, ଶିକ୍ଷୟତ୍ରୀ କୁଞ୍ଜବାଳା ମହାନ୍ତ, ଗାୟତ୍ରୀ ବେହେରା, ଅତସୀ କୁଣ୍ଡୁ, ପ୍ରାର୍ଥନା ମିଶ୍ର, ସିଲିସ୍ୱପ୍ନକ୍ଷ ପଟ୍ଟନାୟକ, ଶିକ୍ଷକ ମନୋଜ ପରିଡା, ଦୀପକ ରାମ, ଅଜିତ ମହାନ୍ତି, ପ୍ରବୀର ବେହେରା ପ୍ରମୁଖ ପ୍ରତିଯୋଗିତା ପରିଚାଳନା କରିଥିଲେ।

## ପ୍ରାଥମିକ ଆଶୁ ଚିକିତ୍ସା ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଉଦଘାଟିତ

ଭୁବନେଶ୍ୱର, ୭/୧୧ (ନି.ପ୍ର): ଭୁବନେଶ୍ୱର ରାଜ୍ୟ ଶ୍ରମ ସଂସ୍ଥାନ ଅନୁକୁଲ୍ୟରେ ରାଜ୍ୟ ଶ୍ରମ ସଂସ୍ଥାନର ସମ୍ମିଳନୀ କକ୍ଷରେ ମଙ୍ଗଳବାର ପ୍ରାଥମିକ ଆଶୁ ଚିକିତ୍ସା, ମୋ ସରକାର ଓ ୫ଟି ଉପରେ ଦୁଇ ଦିନିଆ ପ୍ରଶିକ୍ଷଣ କାର୍ଯ୍ୟକ୍ରମ, ଅନୁଷ୍ଠିତ ହୋଇଛି । ଏହି ପ୍ରଶିକ୍ଷଣ ଶିବିରକୁ ଶ୍ରମ ଓ କର୍ମଚାରୀ ରାଜ୍ୟ ବୀମା ବିଭାଗର କମିଶନର ତଥା ଶାସନ ସଚିବ, ଆର.ଏସ୍ ଗୋପାଲନ ଉଦଘାଟନ କରିଛନ୍ତି । ଏହି ଉତ୍ସବରେ ଶ୍ରମ ଆୟୁକ୍ତ, ଓଡ଼ିଶା, ତଥା କାରଖାନା ଏବଂ ବାଷ୍ପୀତ୍ର ନିର୍ଦ୍ଦେଶାଳୟର ନିର୍ଦ୍ଦେଶକ, ଡ଼ଃ ଏନ୍.ତିରୁମାଳା ନାୟକ, ଅତିରିକ୍ତ ସଚିବ ଶ୍ରମ ଓ କର୍ମଚାରୀ ରାଜ୍ୟବୀମା ବିଭାଗ ତଥା ରାଜ୍ୟ ଶ୍ରମ ପ୍ରତିଷ୍ଠାନର ନିର୍ଦ୍ଦେଶକ, ନୀତି ରଞ୍ଜନ ସେନ୍, ଅଶୋକ କୁମାର ପଣ୍ଡା, ନିର୍ଦ୍ଦେଶକ, କର୍ମଚାରୀ ବୀମା ନିର୍ଦ୍ଦେଶାଳୟ, ଏଥିରେ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ତାଲିମ କର୍ମଶାଳାରେ ଡ଼ଃ ଜେ.ଜେ ପତି, ଡ଼ଃ ଜେ. ଜେନା, ମନୋଜ କୁମାର ସ୍ୱାଇଁ, ଯୁଗ୍ମ ସଚିବ, ମୁଖ୍ୟମନ୍ତ୍ରୀ କାର୍ଯ୍ୟାଳୟ, ଓଡ଼ିଶା ଏବଂ ଡ଼ଃ ଅଜୟ କୁମାର ନାୟକ, ପ୍ରମୁଖ ସଚିବ ତାଲିମଦାତା ଭାବେ ଯୋଗଦାନ କରିଥିଲେ । କର୍ମଶାଳାରେ ଶ୍ରମ ଓ କର୍ମଚାରୀ ରାଜ୍ୟ ବୀମା ବିଭାଗ, କର୍ମଚାରୀ ବୀମା ନିର୍ଦ୍ଦେଶାଳୟ ଓ କାରଖାନା ଓ ବାଷ୍ପୀତ୍ର ନିର୍ଦ୍ଦେଶାଳୟର ମୁଖ୍ୟ ଦପ୍ତର ଓ ବିଭିନ୍ନ ଜିଲ୍ଲାର ୫୨ ଜଣ ଅଧିକାରୀ ଅଂଶଗ୍ରହଣ କରିଥିଲେ। ଏହି ପ୍ରଶିକ୍ଷଣ ଶିବିର ବୁଧବାର ଉଦଯାପିତ ହେବ।

## 'ଜିଲ୍ଲା ଆମ ହକ' ଦାବିରେ ଗଡଜାତ ମାଟିରୁ ବାଲେଶ୍ୱର ପଦଯାତ୍ରା




ନୀଳଗିରି, ୭/୧୧ (ନି.ପ୍ର): ତେଜିଲା ଜିଲ୍ଲା ଗଠନ ଦାବୀ । ସ୍ୱାଧୀନତାର ଦୀର୍ଘ ସାତ ଦଶନ୍ଧି ପରେ ନୀଳଗିରିକୁ ସ୍ୱତନ୍ତ୍ର ଜିଲ୍ଲା ଘୋଷଣା ପାଇଁ ଅଣ୍ଟା ଭିଡିଛନ୍ତି ଗଡଜାତମାଟିର ପୁଅ । ଏନେଇ ପୂର୍ବ ନିଷ୍ପତ୍ତି ଅନୁଯାଇ ମଙ୍ଗଳବାର ନୀଳଗିରି କ୍ରିୟାନୁଷ୍ଠାନ କମିଟିର ସଭାପତି ପୂର୍ବତନ ବିଧାୟକ ଚିତ୍ତ ରଞ୍ଜନ ଷଡ଼ଙ୍ଗୀ ପରମ ଆରାଧ୍ୟ ଦେବତା ଜଗନ୍ନାଥଙ୍କ ଠାରୁ ଆଜ୍ଞା ମାଳ ଧରି ନୀଳଗିରିର ଐତିହାସିକ ରାଜବାଟୀ ଠାରୁ ବାଲେଶ୍ୱର ଅଭିମୁଖେ ପଦଯାତ୍ରା ବାହାରିଥିଲା। ଉକ୍ତ ପଦଯାତ୍ରାକୁ ଔପଦା ପଞ୍ଚାୟତ ସମିତି ର ପୂର୍ବତନ ଅଧକ୍ଷ ରାମଚନ୍ଦ୍ର ବେହେରା ଉଦ୍ଘାଟନ କରିଥିଲେ। ପଦଯାତ୍ରା ଆରମ୍ଭରେ ନୀଳଗିରି ବିଧାୟକ ଇଂଜିନୟର ସୁକାନ୍ତ ନାୟକ ନୈତିକ ସମର୍ଥନ ଜଣାଇବା ସହିତ ନୀଳଗିରି କୁ ଜିଲ୍ଲା ମାନ୍ୟତା ନେଇ ବିଧାନସଭାରେ ଦାବି ଉପସ୍ଥାପନ କରିବାକୁ ମତ ରଖିଥିଲେ। ପଦଯାତ୍ରାରେ ବିଶିଷ୍ଟ ସାମ୍ୟବାଦୀ ନେତା କୈଳାଶ ଚନ୍ଦ୍ର ପଣ୍ଡା, ସାମ୍ୟବାଦୀ ନେତା ବିଜୟ ସ, ବରିଷ୍ଠ ଓକିଲ ଗଦାଧର ପରିଡା, ନୀଳଗିରି ବିଜ୍ଞାପିତ ଅଞ୍ଚଳ ପରିଷଦର ପୂର୍ବତନ ଅଧକ୍ଷ ରାଧାଗୋବିନ୍ଦ ଖଟୁଆ, ପୂର୍ବତନ ଈଶ୍ୱରପୁର ସରପଞ୍ଚ ରମାକାନ୍ତ ସକ୍ଷହୁ, ତଳକିଆ ସରପଞ୍ଚ ଅନ୍ତର୍ଯ୍ୟାମୀ ନାୟକ, ଔପଦା ସମବାୟ ସମିତି ସଭାପତି ମୃତ୍ୟୁଞ୍ଜୟ ମୁଦୁଲି, ନିଜଗଡ଼ ସମବାୟ ସମିତି ସଭାପତି ରାମଚନ୍ଦ୍ର ଦାସ, ଶ୍ୟାମସୁନ୍ଦରପୁର ସମବାୟ ସମିତି ସଭାପତି ମନୋରଞ୍ଜନ ଦାସ, ଶ୍ୟାମସୁନ୍ଦରପୁର ସରପଞ୍ଚ ପୁରୁଷୋତ୍ତମ ସେଠି, ସାମ୍ବାଦିକ ନିହାର ରଞ୍ଜନ ଜେନା, ଯୁବନେତା ଦିଲ୍ଲୀପ ବାରିକ, ନାରୀ ନେତ୍ରୀ ଗାୟତ୍ରୀ ପଣ୍ଡା, କମଳା ରାଣୀ ବେହେରା, ଶ୍ରମିକ ନେତା ସୁରେଶ ଚନ୍ଦ୍ର ବେହେରା, ଅବସର ପ୍ରାପ୍ତ କର୍ମଚାରୀ ବାଞ୍ଛାନିଧି ପାତ୍ର, ଗିରିଧାରୀ ବେହେରା, ପ୍ରକାଶ ଚୌଧୁରୀ, କ୍ରିୟାନୁଷ୍ଠାନ କମିଟିର ସଦସ୍ୟ ହରେକୃଷ୍ଣ ପଣ୍ଡିତ, ଆଇନଜୀବୀ ଗଦାଧର କିଶୋର ଚନ୍ଦ୍ର ଦାସ, ମେଡିକାଲ କ୍ରିୟାନୁଷ୍ଠାନ କମିଟିର ନିରଞ୍ଜନ ପରିଡା, ସମାଜସେବୀ ଯତୀନ ପାତ୍ର, ଆଦିବାସୀ ନେତ୍ରୀ ରେଖା ହେମ୍ବ୍ରମ ପ୍ରମୁଖ ଭାଗନେଇଥିଲେ। ପରେ ପଦଯାତ୍ରା ବାଲେଶ୍ୱର ପୋଲିସଲାଇନ ଠାରୁ ବାହାରିବା ବେଳେ ଶ୍ରମିକ ନେତା ଗୌରାଙ୍ଗ ପାଣିଗ୍ରାହୀ ପଦଯାତ୍ରା କୁ ପରିଚାଳନା କରିଥିଲେ। ଉକ୍ତ ପଦଯାତ୍ରା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଠାରେ ପହଂଚିବା ପରେ ଏକ ସଭାର ଆୟୋଜନ କରାଯାଇଥିଲା। ଚିତ୍ତରଞ୍ଜନ ଷଡ଼ଙ୍ଗୀ ସଭାକୁ ପରିଚାଳନା କରିଥିବା ବେଳେ ବକ୍ତା ଭାବେ ନିରଞ୍ଜନ ପ୍ରସାଦ ବାରିକ ନୀଳଗିରି ଜିଲ୍ଲାର ମାନ୍ୟତା ଏକ ଐତିହାସିକ ଚୁକ୍ତିନାମା ।ଯାହା ୧୯୪୭ ମସିହା ନଭେମ୍ବର୧୪ ତାରିଖରେ ତତ୍କାଳୀନ ଭାରତ ବର୍ଷର ଗୃହମନ୍ତ୍ରୀ ସର୍ଦାର ବଲ୍ଲଭ ଭାଇ ପଟେଲ ପ୍ରଧାନମନ୍ତ୍ରୀ ଜବାହରଲାଲ ନେହେରୁ ଓ ଓଡିଶାର ପ୍ରସ୍ତାବିତ ମୁଖ୍ୟମନ୍ତ୍ରୀ ହରେକୃଷ୍ଣ ମହତାବଙ୍କ ଦ୍ୱାରା ସ୍ୱାକ୍ଷରିତ ହୋଇଥିଲା। ତାହାଥିଲା ନୀଳଗିରି ଅଧିବାସୀଙ୍କର ୭୬ବର୍ଷ ତଳର ଗଣତାନ୍ତ୍ରିକ ଅଧିକାର ।ସେଇ ଐତିହାସିକ ଚୁକ୍ତିନାମା କୁ କାର୍ଯ୍ୟକାରୀ କରିବାକୁ ପରବର୍ତ୍ତୀ ବକ୍ତା କୈଳାଶ ଚନ୍ଦ୍ର ପଣ୍ଡା, ବିଜୟ ସ, ପୁରୁଷୋତ୍ତମ ସେଠି, ରାଧାଗୋବିନ୍ଦ ଖଟୁଆ, ନିରଞ୍ଜନ ପରିଡା, ରାମଚନ୍ଦ୍ର ବେହେରା ମାନେ ବକ୍ତବ୍ୟ ରଖିଥିଲେ, ପରେ ବାଲେଶ୍ୱର ଜିଲ୍ଲାପାଳ ଙ୍କ ଜରିଆରେ ମହାମହିମ ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ, ରାଜ୍ୟପାଳ ଓ ମୁଖ୍ୟମନ୍ତ୍ରୀ ଙ୍କୁ ସ୍ମାରକୀପତ୍ର ପ୍ରଦାନ କରିଥିଲେ ।

## ନିଳଗିରି ଉପଖଣ୍ଡକୁ ମରୁଡି ଘୋଷଣା ଦାବିରେ ଆସନ୍ତା ୧୦ତାରିଖରେ ସିପିଆଇ(ଏମ୍) ପକ୍ଷରୁ ରାସ୍ତାରୋକ

ନିଳଗିରି, ୭/୧୧ (ନି.ପ୍ର): ନିଳଗିରି ଉପଖଣ୍ଡରେ ଏବେ ଚାଷୀକୁଳ ମୁଣ୍ଡରେ ହାତ ଦେଇ ବସିଛି। କରଜ ଓ ଋଣ କରି ନିଜର ଚଳିତ ବର୍ଷ ଧାନ ଫସଲରେ ଲଗାଇଥିବାବେଳେ ଏବେ ଚକଡ଼ା ପୋକ, ପତ୍ରପୋଡା ରୋଗ ଯୋଗୁଁ ଧାନ ଫସଲ ନଷ୍ଟ ହୋଇଯାଇଛି। ଏହାକୁ ଆଖିଆଗରେ ରଖି ନିଳଗିରି ସିପିଆଇ(ଏମ୍) ଦଳ ପକ୍ଷରୁ ଏକ ବୈଠକ ଅନୁଷ୍ଠିତ ହୋଇଅଛି। ରାଜ୍ୟ ସରକାର ତୁରନ୍ତ ନିଳଗିରିକୁ ମରୁଡି ଘୋଷଣା କରନ୍ତୁ ବୋଲି ବୈଠକରେ ଆଲୋଚନା କରାଯିବା ସହ ଆସନ୍ତା ୧୦ତାରିଖରେ ରାସ୍ତାରୋକ ଆନ୍ଦୋଳନ ଡାକରା ଦିଆଯିବ ବୋଲି ବିଜୟ ପାତ୍ର, ସୁରେଶ ନାୟକ, ପ୍ରମୁଖ ସୂଚନା ଦେଇଛନ୍ତି।

## ସିପିଆଇଏମ୍ ପକ୍ଷରୁ ୧୦୬ତମ ଅକ୍ଟୋବର ବିପ୍ଳବ ସ୍ମାରକୀ ଦିବସ ପାଳିତ



ଜଳେଶ୍ୱର ୭/୧୧(ନିପ୍ର): ଆଜି ସ୍ଥାନୀୟ ସିପିଆଇଏମ୍ କାର୍ଯ୍ୟାଳୟରେ ୧୦୬ତମ ଅକ୍ଟୋବର ଦିବସର ସ୍ମାରକୀ ପାଳିତ ହୋଇ ଯାଇଛି । ବିଶ୍ୱରେ ମାନବ ଜାତି ସଂକଟ ଦେଇ ଗତି କରୁଥିବା ବେଳେ ପ୍ରତିବର୍ଷ ନଭେମ୍ବର ୭ ରୁଷ ବିପ୍ଳବର କାହାଣୀ ମନେ ପକାଇ ପାଳିତ ହୋଇ ଆସୁଛି ଏହି ଦିନର ମାହାତ୍ମ୍ୟ । ରୁଷ ବିପ୍ଳବ କୃଷକ, ଶ୍ରମିକ ଓ ମେହେନତି ମଣିଷକୁ ଆଣିଦେଇଛି ରାଜନୈତିକ ଅଧିକାର । ପୁଞ୍ଜିବାଦର ସଂକଟ ମଧ୍ୟରେ ସମାଜବାଦ ହିଁ ମାନବ ଜାତୀର ମୁକ୍ତିପାଇଁ ବାଟ ଦେଖାଇବ ବୋଲି ସିପିଏମ୍ର ଆଞ୍ଚଳିକ କାର୍ଯ୍ୟାଳୟ ପରିସରରେ ଆୟୋଜିତ ଏହି ଉତ୍ସବରେ ବକ୍ତାମାନେ ମତବ୍ୟକ୍ତ କରିଛନ୍ତି । ଲାଲ ପତାକାକୁ ଉତ୍ତୋଳନ କରି ଦିଲ୍ଲିପ କୁମାର ଗିରି ଆୟୋଜିତ ସଭାରେ ସଭାପତିତ୍ୱ କରିଥିଲେ । ବିଶିଷ୍ଟ ସାମ୍ୟବାଦୀ ନେତା ଶିଶିର କୁମାର ହୁଇ, ଦିପ୍ତିମାନ ଆଚାର୍ଯ୍ୟ, ପଲ୍ଟୁ ଦାସ, ଦିଲ୍ଲିପ ପରିଡା, ଜିତାଂଶୁ ନନ୍ଦି, ରବିନ୍ଦ୍ର ବାରିକ, ବସନ୍ତ ଦାସ, ଜୀବନ ପରିଡା, ସେକ ଅବଦୁଲ ସାଦିକ, ଗଣେଶ ପାତ୍ର, ପ୍ରକାଶ ଦେ, ରାଜୀବ ପଣ୍ଡା, ମମତା ସାହୁ, ସବିତା ସାହୁ, ସବିତା ଭୂୟାଁ, ସୁବ୍ରତ ବିଶ୍ୱାଳ, ମଦନ ମାହାଲି, ବଂକିମ ବିଶ୍ୱାଳ ପ୍ରମୁଖ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ।

## ଗଡ଼ିଲା ସ୍ୱତନ୍ତ୍ର ସଂକ୍ଷିପ୍ତ ସଂଶୋଧନ ସଚେତନତା ରଥ




ଭଦ୍ରକ, ୭/୧୧ (ନି.ପ୍ର): ଚୂଡ଼ାନ୍ତ ଓ ସୁସ୍ଥ ଭୋଟର ତାଲିକା ପ୍ରକାଶନ ପାଇଁ ଅକ୍ଟୋବର ୨୭ ରୁ ସ୍ୱତନ୍ତ୍ର ସଂକ୍ଷିପ୍ତ ସଂଶୋଧନ କାର୍ଯ୍ୟ ଆରମ୍ଭ କରାଯାଇଛି। ଡ଼ିସେମ୍ବର ୯ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ପ୍ରକ୍ରିୟା ସମ୍ବନ୍ଧରେ ଜନ ସଚେତନତା ବିଶେଷ କରି ୧୭ ରୁ ୧୮ ବର୍ଷ ବୟସର ଯୁବ ବର୍ଗଙ୍କୁ ନୂତନ ଭୋଟର ଭାବେ ନାମ ପଞ୍ଜିକରଣ ପାଇଁ ସଚେତନ କରାଯିବା ଉଦ୍ଦେଶ୍ୟରେ ଭଦ୍ରକ ଜିଲ୍ଲା ପ୍ରଶାସନ ଆନୁକୂଲ୍ୟରେ ପ୍ରସ୍ତୁତ ଏକ ସଚେତନତା ରଥର ପରିକ୍ରମା ପାଇଁ ଶୁଭାରମ୍ଭ କରାଯାଇଛି । ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଏହି ରଥକୁ ଅତିରିକ୍ତ ଜିଲ୍ଲାପାଳ ରାମଦାସ ଟୁଡୁ ପତାକା ପ୍ରଦର୍ଶନ କରି ଉଦ୍‌ଘାଟନ କରିଥିଲେ। ଭଦ୍ରକ ତହସିଲଦାର ସଂଗ୍ରାମ ପ୍ରିୟଦର୍ଶୀ ଖୁଣ୍ଟିଆ,ସ୍ୱତନ୍ତ୍ର ଭୂଅର୍ଜନ ଅଧିକାରୀ କାର୍ତ୍ତିକ ନାଥ ମଣ୍ଡଳ, ଡ଼େପୁଟି କଲେକ୍ଟର ନିର୍ବାଚନ, ସାଗରିକା ସାହୁ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ରମେଶ ଚନ୍ଦ୍ର ନାୟକ, ଉକ୍ତ ବିଭାଗୀୟ କର୍ମଚାରୀ ଓ ଗଣମାଧ୍ୟମ ପ୍ରତିନିଧିମାନେ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ । ନୂଆ ଭୋଟର ନାମ ପଞ୍ଜିକରଣ ପାଇଁ ଅଫ୍‌ଲାଇନ୍ ଓ ଅନ୍ ଲାଇନ୍ ବ୍ୟବସ୍ଥା, ନଭେମ୍ବର ୫,୧୧,୧୯,୨୫ରେ ହେଉଥିବା ସ୍ୱତନ୍ତ୍ର ଅଭିଯାନ ଦିବସ ଏବଂ ଉକ୍ତ ଦିବସରେ ସମସ୍ତ ବୁଥ ଖୋଲା ରହିବା ଆଦି ସମସ୍ତ ସୁବିଧା ସୁଯୋଗ ସମ୍ବନ୍ଧରେ ରଥ ଜରିଆରେ ବାର୍ତ୍ତା ପ୍ରଦାନ କରାଯାଉଛି । ନୂଆ ଭୋଟର ନାମ ପଞ୍ଜିକରଣ ଓ ସଂକ୍ଷିପ୍ତ ସଂଶୋଧନ ପ୍ରକ୍ରିୟା ସମ୍ବନ୍ଧରେ ପ୍ରଚାର ପତ୍ର ବଣ୍ଟନ, ଡ଼ାକବାଜି ଯନ୍ତ୍ର ଦ୍ୱାରା ସଂଗୀତ ପରିବେଷଣ ଓ ରାଜ୍ୟ ନିର୍ବାଚନ ଆୟୋଗ ଦ୍ୱାରା ଜାରି ବିଭିନ୍ନ ବାର୍ତ୍ତା ମଧ୍ୟ ଜନ ସାଧାରଣଙ୍କ ଉଦ୍ଦେଶ୍ୟରେ ଏହି ରଥ ଜରିଆରେ ପ୍ରଚାର କରାଯାଉଛି । ଜିଲ୍ଲାର ସମସ୍ତ ବ୍ଲକ ଓ ପୌରାଞ୍ଚଳରେ ଏହି ରଥ ପରିକ୍ରମା କରିବା ପାଇଁ କାର୍ଯ୍ୟସୂଚୀ ନିର୍ଦ୍ଧାରଣ କରାଯାଇଛି ।

## ଅସହାୟ ପରିବାରକୁ 'ଆଶା' ସ୍ୱେଚ୍ଛାସେବୀ ସଂଗଠନର ସହାୟତା



ବସ୍ତା: ୭.୧୧(ନିପ୍ର) ସ୍ୱେଚ୍ଛାସେବୀ ସଂଗଠନ ସାନଖୁଡ଼ି ଦ୍ୱାରା ବସ୍ତା ବ୍ଲକ ତାଡ଼ଦା ପଞ୍ଚାୟତ ଶାସନ ଗ୍ରାମର ବିଧବା ଅସହାୟ ସୁମିତା ସୋରେନଙ୍କ ପରିବାର ନିକଟରେ ପହଂଚି ସହାୟତା ଦେଇଛନ୍ତି । ଗ୍ରାମର ଜୁଗୁ ସୋରେନ ରାତିରେ ଶୋଇଥିବା ବେଳେ ତାଙ୍କର ଆକସ୍ମିକ ମୃତ୍ୟୁ ହୋଇଥିଲା । ଓଳିଏ ଖାଇଲେ ଆର ଓଳିକୁ ପରିବାର ଉପବାସ ରହୁଥିବା ବେଳେ ସ୍ୱାମୀଙ୍କ ଅନ୍ତେଷ୍ଟି କ୍ରୀୟା ପାଇଁ ସ୍ତ୍ରୀ ସୁମିତା,ତିନି କୁନି କୁନି ବାପା ଛେଉଣ୍ଡ ପିଲାଙ୍କୁ ଧରି ଘରକୁ ଘର ବୁଲି ସାହାଯ୍ୟ ଭିକ୍ଷା କରୁଥିଲେ। ଏହି ଖବର ପ୍ରକାଶ ପରେ ଅସହାୟ ପରିବାର ମୁହଁରେ ଟିକିଏ ହସ ଫୁଟାଇବା ପାଇଁ ସହାୟତାର ହାତ ବଢାଇଛନ୍ତି ବସ୍ତା ର ଅଗ୍ରଣୀ ସ୍ୱେଚ୍ଛାସେବୀ ସଂଗଠନ 'ଆଶା' ର ପ୍ରତିଷ୍ଠାତା ,ସମ୍ପାଦକ ତଥା ଆଇନଜୀବୀ ଆମର କୁମାର ପାଳଙ୍କ , ସଂଗଠନର ପୂର୍ବତନ ସମ୍ପାଦିକା ମଞ୍ଜୁବତୀ ବିଶ୍ୱାଳ , ସମାଜସେବୀ କିଶୋର କୁମାର ପାଳ ଏବଂ ଅନିରୁଦ୍ଧ ଆଇଚ , ସୁମିତାଙ୍କୁ ଆର୍ଥିକ ସହାୟତା ସହିତ ପିଲାଙ୍କ ବସ୍ତ୍ର ,ସମସ୍ତ ପ୍ରକାର ରାସନ , ମୁଢ଼ି ଓ ଚାଉଳ ପ୍ରଦାନ କରିବା ସହିତ ସଂଗଠନର ସମ୍ପାଦକ ଆର୍ଥିକ ସହାୟତା ପ୍ରଦାନ କରିଥିଲେ ଏବଂ ଭବିଷ୍ୟତରେ ଆବଶ୍ୟକ ସ୍ଥଳେ ସହାୟତାର ହାତ ବଢାଇବେ ବୋଲି ପ୍ରତିଶ୍ରୁତି ଦେଇଥିଲେ ।ପୂର୍ବତନ ଜିଲ୍ଲା ପରିଷଦ ସଦସ୍ୟ ଅଜୟ କୁମାର ସାହୁ ଏବଂ ସଞ୍ଜୀବ କୁମାର ମହାନ୍ତି ,ପରେଶ୍ ହାଁଶଦା, ଅକ୍ଷୟ କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ ।

## ଜାମତକୁଲାରେ ଅଷ୍ଟପ୍ରହରୀ ନାମ ସଂକୀର୍ତ୍ତନ ମହୋତ୍ସବ

ଲଙ୍ଗଳେଶ୍ୱର, ୭/୧୧ (ନି.ପ୍ର): ବାଲିଆପାଳ ବ୍ଲକ ଡଗରା ପଞ୍ଚାୟତ ଅଧିନସ୍ଥ ଜାମତକୁଲା ଗ୍ରାମର ଦ୍ରୌପଦୀ ଛକ ଠାରେ ସାର୍ବଜନୀନ ଦୁର୍ଗାପୂଜାର ୩୪ବର୍ଷ ପୂର୍ତ୍ତି ଉପଲକ୍ଷେ ଅଷ୍ଟପ୍ରହରୀ ନାମ ସଂକୀର୍ତ୍ତନ ଏବଂ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ବିଜୁ ମହିଳା ଜନତା ଦଳ ରାଜ୍ୟ କାର୍ଯ୍ୟକାରୀ ସଭାପତି ଶ୍ରୀମତୀ ସୁବାସିନୀ ଜେନା ଯୋଗଦେଇ ପ୍ରଭୁଙ୍କ ଆଶୀର୍ବାଦ ଭିକ୍ଷା କରିବା ସହ ସଭିଙ୍କ ସୁଖ ସମୃଦ୍ଧି କାମନା କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ବିଜେଡିର ବରିଷ୍ଠ ନେତା ଚକ୍ରଧର ଗିରି ,ପଞ୍ଚାୟତ ସଭାପତି ନିତ୍ୟାନନ୍ଦ ଜେନା,ରତ୍ନାକର ନାୟକ, ଅର୍ଜୁନ ବାରିକ,ହରିହର ଜେନା,ବୁଲୁ ଜେନା,ରତ୍ନାକର ରାଉତ,ସଦାଶିବ ଦାସ,ରବୀନ୍ଦ୍ର ଜେନା,ଜଗବନ୍ଧୁ ନାୟକ,ଅଶୋକ କୁଅଁର ,କାଶୀନାଥ ପାତ୍ର,ଦୀପକ ଜେନା ପ୍ରମୁଖ ବହୁ ନେତୃବୃନ୍ଦ ଯୋଗ ଦେଇଥିଲେ । ଏହି ଅବସରରେ ଆଜି ଛଅ ସାତ ହଜାରରୁ ଅଧିକ ଲୋକ ପ୍ରସାଦ ସେବନ କରିଥିଲେ । ମେଳି କାର୍ଯ୍ୟକ୍ରମ ଦେଖିବା ପାଇଁ ଆଖପାଖ ଅଂଚଳରୁ ପ୍ରବଳ ଜନ ସମାଗମ ହୋଇଥିଲା । ସମସ୍ତ କାର୍ଯ୍ୟକ୍ରମକୁ ଜାମତକୁଲା ଦ୍ରୌପଦୀ ଛକ ସାର୍ବଜନୀନ ଦୁର୍ଗାପୂଜା କମିଟିର ସଦସ୍ୟମାନେ ପରିଚାଳନାରେ ସହଯୋଗ କରିଥିଲେ ।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: **ସୃଷ୍ଟିଧର ପରିଡ଼ା**
❒ ସଂପାଦିକା : **ସୈରିନ୍ଦ୍ରୀ ସାହୁ**

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❒ Managing & Executive Editor : Srustidhar Parida
❒ Editor: Sairindhree Sahoo